

୧୨ ଡିସେମ୍ବରରେ
'କିସ୍ କିସ୍ କୋ ପ୍ୟାର୍ କରୁଁ ୨'
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-121 •TUESDAY •28 OCTOBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୨୧ •ମଙ୍ଗଳବାର •୨୮ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ଆଜି ରାତିରେ ବାତ୍ୟା ମାଡ଼

## ଆନ୍ଧ୍ରରେ ପବନ; ଓଡ଼ିଶାକୁ ବର୍ଷା ଭୟ

■ **ଭୁବନେଶ୍ୱର, ୨୭।୧୦ (ସମିସ):** ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ମୋନ୍ଥା' ଭୀଷଣ ବାତ୍ୟା (ସିଭିୟର ସାଇକ୍ଲୋନ୍)ର ରୂପ ନେଇ ଉତ୍ତର-ପଶ୍ଚିମ ଦିଗରେ ଆନ୍ଧ୍ର ଉପକୂଳ ମୁହାଁ ହୋଇଛି। ଏହା ଆସନ୍ତାକାଲି (ମଙ୍ଗଳବାର) ରାତିରେ ଆନ୍ଧ୍ରପ୍ରଦେଶର ମଛଲିପଟ୍ଟନମ୍-କଳିଙ୍ଗପଟ୍ଟନମ୍ ମଧ୍ୟବର୍ତ୍ତୀ କାକିନାଡ଼ା ନିକଟରେ ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ଆକଳନ କରିଛି।


ପାଣିପାଗ ବିଭାଗର ସୂଚନା ଅନୁସାରେ, 'ମୋନ୍ଥା' ଲ୍ୟାଣ୍ଡଫଲ୍ କରିବା ସମୟରେ ପବନର ବେଗ ଘଣ୍ଟାପ୍ରତି ୯୦ରୁ ୧୦୦ କିମି. ଓ ଝଟକା ପବନର ବେଗ ୧୧୦ କିମି. ପର୍ଯ୍ୟନ୍ତ ରହିପାରେ। କାକିନାଡ଼ାରେ ସ୍ଥଳଭାଗ ଅତିକ୍ରମ କରିବା ପରେ 'ମୋନ୍ଥା' ମାଲକାନଗିରି ଜିଲ୍ଲା ଦେଇ ୨୮ ତାରିଖ ବିଳମ୍ବିତ ରାତିରୁ ୨୯ ତାରିଖ ସକାଳ ମଧ୍ୟରେ ଓଡ଼ିଶାକୁ ପ୍ରବେଶ କରିବ। ଏହାପରେ 'ମୋନ୍ଥା' ଦୁର୍ବଳ ହୋଇ ଗଭୀର ଅବପାତ ଅବସ୍ଥାରେ ଗତି କରିବ। ତେଣୁ 'ମୋନ୍ଥା' ପ୍ରଭାବରେ ଆନ୍ଧ୍ରପ୍ରଦେଶରେ ଅଧିକ ପବନ ହେବାକୁ ଥିବାବେଳେ ଓଡ଼ିଶାରେ ଏହାର ପ୍ରକୋପ ନ୍ୟୂନ ରହିବ। ତେବେ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ 'ମୋନ୍ଥା' ପ୍ରଭାବରେ ୬୦-୭୦ କିମି ବେଗରେ ପବନ ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

କାକିନାଡ଼ାର ଦୂରତା ମାଲକାନଗିରିଠାରୁ ମାତ୍ର ୨୦୦ କିମି. ହୋଇଥିବାରୁ ଏହି ଜିଲ୍ଲା ଉପରେ ବାତ୍ୟାର ପ୍ରତ୍ୟକ୍ଷ ପ୍ରଭାବ ଅନୁଭୂତ ▶ପୃଷ୍ଠା-୯

**୨୮-୨୯ରେ ରାଜ୍ୟରେ ପ୍ରବଳ ବର୍ଷା ଆଶଙ୍କା**

**ଦକ୍ଷିଣ ଓଡ଼ିଶାର ୬ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି**

**୩୨ଟି ଟ୍ରେନ୍ ବାତିଲ୍; ୨ଟିର ଗତିପଥ ପରିବର୍ତ୍ତନ**




## ଆଜିଠୁ ୧୨ ରାଜ୍ୟରେ ଏସ୍‌ଆଇଆର୍ ଆରମ୍ଭ

■ **ନୂଆଦିଲ୍ଲୀ, ୨୭।୧୦ (ଏଜେନ୍ସି):** ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଆସନ୍ତାକାଲିଠାରୁ ଆରମ୍ଭ କରିବାକୁ ନିର୍ବାଚନ କମିସନ ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ବିହାରରେ ଏସ୍‌ଆଇଆର୍ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପଶ୍ଚିମବଙ୍ଗ, ତାମିଲନାଡୁ, ଗୁଜରାଟ, କେରଳ, ଉତ୍ତରପ୍ରଦେଶ, ଆଣ୍ଡାମାନ-ନିକୋବର, ଛତିଶଗଡ଼, ଗୁଜରାଟ, ଗୋଆ, ଲାକ୍ଷାଦୀପ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ। ଏହି ପର୍ଯ୍ୟାୟରେ ଓଡ଼ିଶାକୁ ସାମିଲ କରାଯାଇନାହିଁ। ସେହିପରି ଆସାମରେ ଆସନ୍ତାବର୍ଷ ନିର୍ବାଚନ ହେବାକୁ ଥିଲେ ମଧ ଏସ୍‌ଆଇଆର୍ ପ୍ରକ୍ରିୟାରେ ଏହାକୁ ସାମିଲ କରାଯାଇ ନାହିଁ। ଆସାମ ପାଇଁ ସ୍ୱତନ୍ତ୍ର ନାଗରିକତା ଆଇନ ଥିବାରୁ ସେଠାରେ ପୃଥକ ଭାବେ ଏସ୍‌ଆଇଆର୍ କରାଯିବ। ଆସନ୍ତା ବର୍ଷ ପଶ୍ଚିମବଙ୍ଗ, ତାମିଲନାଡୁ, ପୁଡୁଚେରି ଏବଂ କେରଳରେ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ୨୦୨୭ରେ ଉତ୍ତରପ୍ରଦେଶରେ ବିଧାନସଭା ନିର୍ବାଚନ ହେବ।




**ଓଡ଼ିଶାରେ ଏବେ ନୁହେଁ, ଆସାମ ପାଇଁ ପୃଥକ ଏସ୍‌ଆଇଆର୍**

ଆଜି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର କହିଛନ୍ତି, ଏସ୍‌ଆଇଆର୍ ହେବାକୁ ଥିବା ଉପରୋକ୍ତ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆସନ୍ତାକାଲିଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ତାଲିମ ଦିଆଯିବ। ନଭେମ୍ବର ୪ରୁ ଅଧିକାରୀମାନେ ଘରକୁ ଘର ବୁଲି ଫର୍ମ ପୂରଣ ସହିତ ▶ପୃଷ୍ଠା-୯

## ଆଜିଠାରୁ ୨ ଦିନ ସ୍କୁଲ୍ ଓ ଅଙ୍ଗନବାଡ଼ି କେନ୍ଦ୍ର ଛୁଟି

**ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲା, ଖୋର୍ଦ୍ଧା ଓ ପୁରୀରେ ଛୁଟି**

**ଗଣଶିକ୍ଷା ବିଭାଗ କର୍ମଚାରୀଙ୍କ ଛୁଟି ବାତିଲ**

■ **ଭୁବନେଶ୍ୱର, ୨୭ ।୧୦ (ସମିସ):** ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ୨ଦିନ ଯାଏଁ ବିଦ୍ୟାଳୟ ଓ ଅଙ୍ଗନବାଡ଼ିଗୁଡ଼ିକୁ ସରକାର ଛୁଟି ଘୋଷଣା କରିଛନ୍ତି। ମାତ୍ରାଧିକ ପ୍ରଭାବିତ ହେବାକୁ ଥିବା ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲା ସମେତ ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ମଙ୍ଗଳବାର ଓ ବୁଧବାର ବନ୍ଦ ରହିବ। ▶ପୃଷ୍ଠା-୯

## ମରାମତି କାର୍ଯ୍ୟ ବନ୍ଦ; କଳିଙ୍ଗା ଘାଟି ରାସ୍ତା ସିଲ୍



■ **ଜି.ଉଦୟଗିରି, ୨୭।୧୦(ସମିସ):** ଭୂ-ସ୍ଖଳନ ପରେ କଳିଙ୍ଗା ଘାଟି ରାସ୍ତା ସ୍ୱାଭାବିକ ହୋଇପାରି ନଥିବା ବେଳେ ଏବେ ପୁଣିଥରେ ବାତ୍ୟା ମୋନ୍ଥା ଯୋଗୁଁ ଭୟ ଦେଖାଦେଇଛି। ଅତ୍ୟଧିକ ବର୍ଷା ହେଲେ ପୁଣି ଭୂ-ସ୍ଖଳନ ହୋଇ ରାସ୍ତା ଧୋଇନେବା ଡର ରହିଛି। ଅପରପକ୍ଷେ, ବାତ୍ୟାକୁ ଦୃଷ୍ଟିରେ ରଖି ରାସ୍ତା କାମ ବନ୍ଦ କରାଯାଇଛି। ତିନି ଦିନ ▶ପୃଷ୍ଠା-୯

## ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ ଅସୁସ୍ଥ

**ଖାଦ୍ୟ ବିଷକ୍ରିୟାରୁ ପଦ୍ମିନୀଙ୍କ ଝିଆରୀ ମୃତ, ଅନ୍ୟ ଦୁଇ ଜଣ ଗୁରୁତର**

■ **କୋରାପୁଟ, ୨୭।୧୦ (ସମିସ):** ଫୁଡ୍ ପଏଜନ ହୋଇ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ ଅସୁସ୍ଥ ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଖାଦ୍ୟ ଖାଇ ଅସୁସ୍ଥ ହୋଇଥିବା ପଦ୍ମିନୀଙ୍କ ସମ୍ପର୍କୀୟ ଝିଆରୀ ପାର୍ବତୀ ମାଝି(୫୦)ଙ୍କର ମୃତ୍ୟୁ ଘଟିଥିବା ବେଳେ ପଦ୍ମିନୀଙ୍କ ସମେତ ଅନ୍ୟ ଦୁଇଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।



ସୂଚନା ଅନୁଯାୟୀ, ଗତକାଲି ପଦ୍ମିନୀଙ୍କ ଘରେ ଭୋଜି ଥିଲା। ଏହି ସମୟରେ ସମସ୍ତେ 'ଆମଟୁ' ନାମକ ପାରମ୍ପରିକ ଖାଦ୍ୟ ଖାଇଥିବା କୁହାଯାଉଛି। ଏହି ଖାଦ୍ୟ ଖାଇବା ପରେ ସମସ୍ତେ ଅସୁସ୍ଥ ହୋଇ ପଡିଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ପଦ୍ମିନୀଙ୍କ ଝିଆରୀ ପାର୍ବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କୋଟପାଡ଼ ହସ୍ପିଟାଲରୁ ଜୟପୁର ହସ୍ପିଟାଲକୁ ▶ପୃଷ୍ଠା-୯

## ଉପନିର୍ବାଚନ ବେଳେ ଛୁଟିରେ ଗଲେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି

■ **ଭୁବନେଶ୍ୱର, ୨୭।୧୦ (ସମିସ):** ଆସନ୍ତା ୧୧ ତାରିଖରେ ନୂଆପଡ଼ାରେ ଉପ ନିର୍ବାଚନ ଅନୁଷ୍ଠିତ ହେବ। ସୁରକ୍ଷା ଦୃଷ୍ଟିରୁ ନୂଆପଡ଼ା ଏକ ସମ୍ବେଦନଶୀଳ ଜିଲ୍ଲା ହୋଇଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏତିକିବେଳେ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି କନୱାର ବିଶାଳ ସିଂ ଛୁଟିରେ ଯାଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ଆସନ୍ତା ନଭେମ୍ବର ୧୫ ତାରିଖ ଯାଏଁ ଛୁଟିରେ ରହିବେ ବୋଲି ସୂଚନା ମିଳିଛି। ଗୃହ ବିଭାଗ ପକ୍ଷରୁ ଡିଜିଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି। ତେବେ ଉପ ନିର୍ବାଚନ ▶ପୃଷ୍ଠା-୯

**ଦାୟିତ୍ୱରେ ରହିବେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ**

## ହରଡ଼ଘଣାରେ ସରକାରୀ ବାବୁ

**ସମ୍ପତ୍ତି ତାଲିକା ଦେଲେ ନାହିଁ; ମିଳିବନି ପଦୋନ୍ନତି**

■ **ଭୁବନେଶ୍ୱର, ୨୭।୧୦ (ସମିସ):** ଏବେ ହରଡ଼ଘଣାରେ ପଡ଼ିଛନ୍ତି ସରକାରୀ ବାବୁ। ଯେଉଁ ଅଧିକାରୀ ୨୦୨୪ ମସିହାର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରିନାହାନ୍ତି, ଚଳିତ ବର୍ଷ ସେମାନେ ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। ସେହିପରି ୨୦୨୫ ମସିହାର ସମ୍ପତ୍ତି ତାଲିକା ଆସନ୍ତା ଜାନୁଆରୀ ୧ରୁ ୩୧ ତାରିଖ ମଧ୍ୟରେ ଦାଖଲ କରିବାକୁ ହେବ। ଯେଉଁମାନେ ଏହି ତାଲିକା ଦାଖଲ କରିବାରେ ବ୍ୟର୍ଥ ହେବେ, ସେମାନଙ୍କୁ ଆଗାମୀ ବର୍ଷ ବି ପଦୋନ୍ନତି ମିଳିବ ନାହିଁ ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗରୁ ନିର୍ଦ୍ଦେଶନାମା ଜାରି ହୋଇଛି ।

**ଆଉ ବଢ଼ିବ ନାହିଁ ସମ୍ପତ୍ତି ତାଲିକା ଦାଖଲ ଅବଧି**

ବିଭାଗ ପକ୍ଷରୁ କୁହାଯାଇଛି ଯେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବହୁ ସରକାରୀ କର୍ମଚାରୀ ସେମାନଙ୍କର ବାର୍ଷିକ ସମ୍ପତ୍ତି ତାଲିକା ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରେ ଦାଖଲ କରିନାହାନ୍ତି। ସମ୍ପତ୍ତି ତାଲିକା ଦାଖଲ କରିବାର ସମୟସୀମା ବୃଦ୍ଧି ପାଇଁ ଇତିମଧ୍ୟରେ ବହୁ ଅନୁରୋଧ ବିଭାଗ ପାଖରେ ହସ୍ତଗତ ହୋଇଥିଲା। ବିଭାଗୀୟସ୍ତରରେ ଏହି ଅନୁରୋଧକୁ ବିଚାର କରାଯିବା ପରେ ପ୍ରଶାସନିକ ଶୃଙ୍ଖଳାକୁ ▶ପୃଷ୍ଠା-୯

**ଇଣ୍ଡିଆ ମେରିଟାଇମ୍ ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ**

## ବନ୍ଦର ବିକାଶ ପାଇଁ ୫୦ ହଜାର କୋଟିର ଏମ୍‌ଓୟୁ

■ **ଭୁବନେଶ୍ୱର,୨୭।୧୦(ସମିସ):** ଓଡ଼ିଶା ଏକ ସୁଦୃଢ଼ ବନ୍ଦର-ଆଧାରିତ ଅର୍ଥବ୍ୟବସ୍ଥା ନିର୍ମାଣ ପାଇଁ ପ୍ରତିବଦ୍ଧ। ଆମର ଏହି ପ୍ରୟାସ ରାଜ୍ୟର ବନ୍ଦରଗୁଡ଼ିକୁ ବାଣିଜ୍ୟ, ଶିଳ୍ପ ଏବଂ ନିଯୁକ୍ତି ଇଞ୍ଜିନରେ ପରିଣତ କରିବ, ଯାହା ଆଗାମୀ ୨୫ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ଯାତ୍ରାକୁ ଆଗେଇ ନେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ମୁମ୍ବାଇରେ ଅନୁଷ୍ଠିତ ଇଣ୍ଡିଆ ମେରିଟାଇମ୍ ସପ୍ତାହ ୨୦୨୫ର ଉଦଘାଟନୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓଡ଼ିଶାର ବନ୍ଦର କ୍ଷମତା ୨୦୪୭ ସୁଦ୍ଧା ୫୦୦ ନିୟୁତ ଟନକୁ ବୃଦ୍ଧି ପାଇବ ବୋଲି ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ରାଜ୍ୟ ସରକାର ରାଜ୍ୟରେ ବନ୍ଦର ଭିତ୍ତିକ ଅର୍ଥନୀତିକୁ ବଳ ଦେବା ପାଇଁ ପ୍ରାୟ ୫୦ ହଜାର କୋଟିର ଏଓୟୁ ମଧ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବନ୍ଦର ଏବଂ ନୀଳ ଅର୍ଥନୀତି କ୍ଷେତ୍ରର ଅଗ୍ରଣୀ ଶିଳ୍ପ ପ୍ରତିନିଧିମାନଙ୍କୁ ଭେଟି ସେମାନଙ୍କ ସହ କଥାବାର୍ତ୍ତା କରିବା ସହ ଓଡ଼ିଶାରେ ପୁଞ୍ଜି ବିନିଯୋଗ ସୁଯୋଗ ଅନ୍ୱେଷଣ କରିବାକୁ ଆମନ୍ତ୍ରଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ▶ପୃଷ୍ଠା-୯






## ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିସ କଲେ ସିଜେଆଇ ଗଭାଇ

ନୂଆଦିଲ୍ଲୀ, ୨୭ ।୧୦(ଏଜେନ୍ସି): ବରିଷ୍ଠ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଦେଶ ତଥା ସୁପ୍ରିମକୋର୍ଟର ୫୩ତମ ପ୍ରଧାନ ବିଚାରପତି ହେବାକୁ ଯାଉଛନ୍ତି । ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିଷ ଭୂଷଣ ରାମକୃଷ୍ଣ ଗଭାଇ ସୋମବାର କେନ୍ଦ୍ର ସରକାରଙ୍କୁ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିସ କରିଛନ୍ତି । ଏଥିସହ ସିଜେଆଇ ନିଯୁକ୍ତି ପ୍ରକ୍ରିୟା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଆଇନ ମନ୍ତ୍ରଣାଳୟ ତରଫରୁ ନିର୍ଦ୍ଦେଶ ମିଳିବା ପରେ ପରମ୍ପରା ଅନୁଯାୟୀ ସିଜେଆଇ ହିଁ ନିଜର ଉତ୍ତରାଧିକାରୀଙ୍କ ନାମ ସୁପାରିସ କରିଥାନ୍ତି । ଏବେ ଦାୟିତ୍ୱରେ ଥିବା ପ୍ରଧାନ ବିଚାରପତି ଗଭାଇଙ୍କ କାର୍ଯ୍ୟକାଳ ନଭେମ୍ବର ୨୩ରେ ଶେଷ ହେବ । ତାଙ୍କପରେ ଜଷ୍ଟିସ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ରେ ସିଜେଆଇ ଭାବେ ଶପଥ ଗ୍ରହଣ କରିବେ ଓ ୨୦୨୭ ଫେବୃଆରୀ ୯ରେ ଅବସର ନେବେ । ସେ ୧୪ ମାସ ପାଇଁ ଏହି ଗୁରୁଦାୟିତ୍ୱ ସମ୍ଭାଳିବେ । ନିୟମ ଅନୁସାରେ ସୁପ୍ରିମକୋର୍ଟଙ୍କ ବିଚାରପତି ୬୫ ବର୍ଷ ବୟସରେ ହିଁ ଅବସର ଗ୍ରହଣ କରିଥାନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ ହରିୟାଣାର ପ୍ରଥମ ବିଚାରପତି ଭାବେ ସିଜେଆଇ ଭାବେ ଶପଥ ଗ୍ରହଣ କରିବେ । ପୂର୍ବରୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏକାଧିକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ନିଜର ସ୍ମରଣୀୟ ରାୟ ପ୍ରଦାନ କରି ବେଶ୍ ଚର୍ଚ୍ଚିତ ହୋଇଥିଲେ ।

## ବାଂଲାଦେଶ ନକ୍ସାରେ ଉତ୍ତରପୂର୍ବ ଭାରତ

ଢାକା, ୨୭ ।୧୦(ଏଜେନ୍ସି): ବାଂଲାଦେଶର ଅନ୍ତରୀଣ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ ପାକିସ୍ତାନ ସେନାର ଅନ୍ୟତମ ଜେନେରାଲ ସାହିର ସମସାଦ ମିର୍ଜାଙ୍କୁ ଏକ ବିବାଦୀୟ ମାନଚିତ୍ର ଉପହାରରେ ପ୍ରଦାନ କରିଛନ୍ତି । ଏହି ମାନଚିତ୍ରରେ ଭାରତର ଉତ୍ତରପୂର୍ବ ରାଜ୍ୟଗୁଡିକୁ ବାଂଲାଦେଶ ନିଜର ଅଞ୍ଚଳ ବୋଲି ଦର୍ଶାଇଛି । ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି । ଅବଶ୍ୟ ଭାରତର ବୈଦେଶିକ ମନ୍ତ୍ରଣାଳୟ ଏପର୍ଯ୍ୟନ୍ତ ଏହି ବିବାଦ ଉପରେ କୌଣସି ପ୍ରତିକ୍ରିୟା ଦେଇନାହିଁ । ଏହି ମାନଚିତ୍ରରେ ଆସାମ ସମେତ ଅନ୍ୟ ଉତ୍ତରପୂର୍ବର ରାଜ୍ୟଗୁଡିକୁ ବାଂଲାଦେଶରେ ସାମିଲ କରାଯାଇଥିବାର ଦେଖା ଯାଇଛି । ୟୁନୁସ ମିର୍ଜାଙ୍କୁ 'ଆର୍ଟ ଅଫ୍ ଟ୍ରୁମ୍ଫ' ନାମକ ଏକ ବହିକୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ଏହି ବହିର ପ୍ରଚ୍ଛଦରେ ବାଂଲାଦେଶର ବିବାଦୀୟ ମାନଚିତ୍ର ଦେଖିବାକୁ ମିଳିଛି । ବହିର କଭରରେ ଉତ୍ତରପୂର୍ବରୁ ୭ଟି ରାଜ୍ୟକୁ ବାଂଲାଦେଶର ଅଂଶ ବୋଲି ଦର୍ଶାଯାଇଛି । ଏହାକୁ କଠୋରପନ୍ଥୀ ଇସ୍‌ଲାମିକ୍ ସଂଗଠନଗୁଡିକ ଗ୍ରେଟର ବାଂଲାଦେଶ ବୋଲି କହୁଛନ୍ତି ।

## ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ରୋକିବାକୁ କରିଛ କ'ଣ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୭।୧୦ (ଏଜେନ୍ସି): ଦେଶରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ବୃଦ୍ଧି ପାଇବାକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି । ଏହାକୁ ରୋକିବା ପାଇଁ କି ପଦକ୍ଷେପ ନେଇଛ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନଙ୍କୁ ପଚାରିଛନ୍ତି । ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଆତ୍ମହତ୍ୟା ଘଟଣାର ମୁକାବିଲା ପାଇଁ ପ୍ରସ୍ତୁତ କରାଯାଇଥିବା ମାର୍ଗଦର୍ଶିକାକୁ କିପରି ଭାବେ ପାଳନ କରାଯାଇଛି ତାହାର ସୂଚନା ଦେବା ପାଇଁ ରାଜ୍ୟ ଏବଂ କେନ୍ଦ୍ରମାନଙ୍କୁ ୮ ସପ୍ତାହ ସମୟ ଦେଇଛନ୍ତି ଜଷ୍ଟିସ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ । ଜୁଲାଇ ୨୫ରେ ସୁପ୍ରିମକୋର୍ଟ ୨ ମାସ ଭିତରେ ଘରୋଇ କୋଚିଂ କେନ୍ଦ୍ରର ପଞ୍ଜୀକରଣ, ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ଅଭିଯୋଗର ସମାଧାନ ପାଇଁ ନିୟମ ବନାଇବାକୁ କହିଥିଲେ ।

## ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ

ଅଯୋଧ୍ୟା, ୨୭ ।୧୦(ଏଜେନ୍ସି): ଅଯୋଧ୍ୟାରେ ଭଗବାନ ଶ୍ରୀରାମ ଜନ୍ମଭୂମୀ ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ସବୁ ମୂର୍ତ୍ତି ସ୍ଥାପନ କରାଯାଇଛି ବୋଲି ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ସୋମବାର ଘୋଷଣା କରିଛି । ମନ୍ଦିରରେ ଧ୍ୱଜଦଣ୍ଡ ସହ କଳସ ସ୍ଥାପନ କରାଯାଇଛି । ମୁଖ୍ୟ ମନ୍ଦିର ସମେତ ଭଗବାନ ଶିବ, ଗଣେଶ, ହନୁମାନ, ସୂର୍ଯ୍ୟଦେବ, ଦେବୀ ଭଗବତୀ, ଦେବୀ ଅର୍ଣ୍ଣପୂର୍ଣ୍ଣା ଓ ଶେଷ ଅବତାର ମନ୍ଦିରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ସବୁ ପ୍ରତିମାଗୁଡିକୁ ମଧ୍ୟ ସ୍ଥାପନ କରାଯାଇଛି ।

## ପୁଣି ହାତକଡ଼ି ପିନ୍ଧାଇ ୫୦ ଭାରତୀୟଙ୍କୁ ବିଦାକଲା ଆମେରିକା


ନୂଆଦିଲ୍ଲୀ, ୨୭ ।୧୦(ଏଜେନ୍ସି): ଆମେରିକାରୁ ପୁଣିଥରେ ଅପଦସ୍ଥ କରାଇ ପ୍ରବାସୀ ଭାରତୀୟଙ୍କୁ ପ୍ରତ୍ୟର୍ପଣ। ଶନିବାର ବିଳମ୍ବିତ ରାତିରେ ପ୍ରବାସୀଙ୍କୁ ନେଇ ଏକ ବିମାନ ଦିଲ୍ଲୀ ବିମାନ ବନ୍ଦରରେ ଅବତରଣ କରିଥିଲା । ଏମାନଙ୍କ ହାତରେ ହାତକଡ଼ି ପଡ଼ିଥିଲା । ପ୍ରତ୍ୟର୍ପଣ ହୋଇଥିବା ୫୦ଜଣ ଭାରତୀୟଙ୍କ ମଧ୍ୟରେ କେବଳ ୩୫ ଜଣ ହରିୟାଣାର ଥିଲେ । ବିମାନରେ ଦୀର୍ଘ ୨୫ ଘଣ୍ଟା ଧରି ସେମାନଙ୍କ ହାତରେ ହାତକଡ଼ି ଥିଲା । ଏହି ୩୫ଜଣଙ୍କ ମଧ୍ୟରୁ ହରିୟାଣା କର୍ଣ୍ଣାଲ୍‌ର ୧୬, କଇଥାଲର ୧୪ ଓ କୁରୁକ୍ଷେତ୍ରର ୫ ଜଣ ସାମିଲ ରହିଛନ୍ତି । ସମସ୍ତଙ୍କୁ ନିଜ ଜିଲ୍ଲାକୁ ଅଣାଯାଇ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି ବୋଲି ଅଧିକାରୀମାନେ କହିଛନ୍ତି । ଏମାନେ ସମସ୍ତେ ଡଙ୍କି ରୁଟ୍ ଅର୍ଥାତ ଅବୈଧ ଭାବେ ପ୍ରବେଶ କରି ଆମେରିକାରେ ରହୁଥିଲେ ବୋଲି କଇଥାଲ ଡିଏସ୍‌ପି ଲଳିତ କୁମାର କହିଛନ୍ତି । ଏମାନଙ୍କ ବୟସ ୨୫ରୁ ୪୦ ବର୍ଷ ବୋଲି କୁହାଯାଇଛି । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏମାନେ ରୋଜଗାର ତଥା ଚାକିରି ପାଇଁ ଆମେରିକା ଯାଇଥିଲେ । କିନ୍ତୁ ଶେଷରେ ଏମାନଙ୍କୁ ଏଭଳି ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି । ବେରୋଜଗାର ଥିବାରୁ ଭାରତୀୟ ଯୁବକମାନେ ଉପାର୍ଜନ କରିବା ଲକ୍ଷ୍ୟରେ ବିଦେଶ ଯାଉଛନ୍ତି । କିନ୍ତୁ ସେମାନଙ୍କୁ ବିଦେଶରେ ଏହି ଭଳି ସମସ୍ୟାର ସମ୍ମୁଖୀନ ହେବା ସହ ଅପଦସ୍ତ ତଥା ଅପମାନିତ ହେବାକୁ ପଡୁଛି । ପୂର୍ବରୁ ମଧ୍ୟ ଆମେରିକା



ପଞ୍ଜାବ, ହରିୟାଣା, ଗୁଜରାଟର ଅବୈଧ ପ୍ରବାସୀଙ୍କୁ ପର୍ଯ୍ୟାୟକ୍ରମେ ଭାରତକୁ ପ୍ରତ୍ୟର୍ପଣ କରିଥିଲା । ଏହାକୁ ନେଇ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନକୁ ନିନ୍ଦା କରାଯାଇଥିଲା । ଏ ନେଇ ବିବାଦ ମଧ୍ୟ ସୃଷ୍ଟି ହୋଇଥିଲା ।

## ବିଶ୍ୱରେ ପ୍ରଥମ: ରୁଷ କ୍ରୁଜ୍ କ୍ଷେପଣାସ୍ତ୍ରକୁ ରୋକିପାରିବନି କୌଣସି ଡିଫେନ୍ସ ସିଷ୍ଟମ

ମସ୍କୋ, ୨୭ ।୧୦(ଏଜେନ୍ସି): ବିଶ୍ୱରେ ପ୍ରଥମଥର ପାଇଁ ରୁଷିଆ ପରମାଣୁ ଶକ୍ତି ଚାଳିତ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିଛି । ଏହି କ୍ଷେପଣାସ୍ତ୍ରର ନାମ ବୁରେଭେସ୍ତିନିକ୍-୯ଏମ୍୭୩୯ ରଖାଯାଇଛି । ଏହି କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କ୍ଷମତା ଅସୀମ ବୋଲି କୁହାଯାଇଛି । ଏହାର ସବୁ ପରୀକ୍ଷା କରାଯାଇ ସାରିଛି ବୋଲି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ରବିବାର ଭିଡିଓ କନଫରେନ୍ସରେ କହିଛନ୍ତି । ଏଭଳି କ୍ଷେପଣାସ୍ତ୍ର ବିଶ୍ୱରେ କୌଣସି ଦେଶ ପାଖରେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ପ୍ରଥମ ଏଭଳି ଅସ୍ତ୍ର ତିଆରି କରିବା ଅସମ୍ଭବ ବୋଲି ବିଶେଷଜ୍ଞମାନେ କହୁଥିଲେ । କିନ୍ତୁ ଏବେ ଏହା ସତରେ ପରିଣତ ହୋଇଛି । ଅକ୍ଟୋବର ୨୧ରେ ଏହି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଥିଲା ବୋଲି ରୁଷ ସେନା ମୁଖ୍ୟ ଭେଲେରି ଗେରେସିମୋଭ କହିଛନ୍ତି । ପରୀକ୍ଷା ଅବସରରେ ଏହି କ୍ଷେପଣାସ୍ତ୍ର ଦୀର୍ଘ ୧୫ ଘଣ୍ଟାର ଉଡାଣ ଭରିଥିଲା । ଏହି ଅବସରରେ ମିସାଇଲ ୧୪ ହଜାର କିମି ଦୂର ଯାତ୍ରା କରିଥିଲା ।



ତେବେ ଏହା ତା'ର ସର୍ବାଧିକ ଲକ୍ଷ୍ୟଭେଦ କ୍ଷମତା ନୁହଁ । ଏହି କ୍ଷେପଣାସ୍ତ୍ର ୧୪ ହଜାର କିମିରୁ ଅଧିକ ଦୂର ଯାତ୍ରା କରିପାରିବ । ଅର୍ଥାତ ଏହା ଅସୀମିତ ଦୂର ପର୍ଯ୍ୟନ୍ତ ଯାଇ ଟାର୍ଗେଟକୁ ମାଡ଼ କରିପାରିବ । ଏହା ଘଣ୍ଟାକୁ ୧୩୦୦ କିମି ବେଗରେ ଗତି କରିବ । ବୁରେଭେସ୍ତେନିକ ମିସାଇଲ୍‌କୁ କୌଣସି ଡିଫେନ୍ସ ସିଷ୍ଟମ ଅଟକାଇପାରିବ ନାହିଁ ବୋଲି ସେ କହିଛନ୍ତି । ଏହି ମିସାଇଲ ଦ୍ୱାରା ରୁଷିଆ ଆମେରିକା ସମେତ ବିଶ୍ୱର ଯେକୌଣସି ସ୍ଥାନକୁ ଲକ୍ଷ୍ୟ କରି ଆକ୍ରମଣ କରିପାରିବ । ଏହି ମିସାଇଲ୍‌ର ଏକ ସ୍ୱତନ୍ତ୍ରତା ରହିଛି । ସାଧାରଣ ବାଲାଷ୍ଟିକ୍ ମିସାଇଲ୍ ଅନ୍ତରିକ୍ଷରେ ପୂର୍ବରୁ ନିଶ୍ଚିତ କରାଯାଇଥିବା ପଥ ଦେଇ ଗତି କରିଥାଏ । କିନ୍ତୁ ଏହି ମିସାଇଲ୍ ଭୂମିଠାରୁ ୫୦- ୧୦୦ ମିଟର ଉଚ୍ଚରେ ଯାତ୍ରା କରିବ ଓ ଗତିପଥ ପରିବର୍ତ୍ତନ କରିପାରିବ । ତେଣୁ ଏହାକୁ ଟ୍ରେସ୍ କରି ନିଷ୍କ୍ରିୟ କରିବା ଏକ ପ୍ରକାର ଅସମ୍ଭବ ବୋଲି କୁହାଯାଇଛି ।

### ସୁପ୍ରିମକୋର୍ଟରେ ବୁଲାକୁକୁର ମାମଲା

## ସତ୍ୟପାଠ ଦେଉନାହାନ୍ତି ରାଜ୍ୟ

ନୂଆଦିଲ୍ଲୀ, ୨୭।୧୦ (ଏଜେନ୍ସି): ବୁଲା କୁକୁର ମାମଲାରେ ଅଗଷ୍ଟରେ ଦିଆଯାଇଥିବା ରାୟ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ସୁପ୍ରିମକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ନେଇ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରଗୁଡିକୁ ଭର୍ତ୍ସନା କରିଛନ୍ତି । ବୁଲା କୁକୁରଙ୍କୁ ଧରି ବନ୍ଧ୍ୟାକରଣ କରି ଛାଡ଼ିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏହି ନିର୍ଦ୍ଦେଶକୁ ପାଳନ କରାଯାଇ ନ ଥିବାରୁ ସାରା ଦେଶରେ କୁକୁର କାମୁଡା ମାମଲା ବୃଦ୍ଧି ପାଇବାରେ ଲାଗିଛି । ଏହା ଅତ୍ୟନ୍ତ ବିରକ୍ତି କର ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି । ଏହି ପ୍ରସଙ୍ଗରେ ସତ୍ୟପାଠ ଦାଖଲ କରିଥିବା ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନାକୁ ଛାଡ଼ି ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ଜବାବ ତଲବ କରିଛନ୍ତି । ପଶୁଙ୍କ ଜନ୍ମ ନିୟନ୍ତ୍ରଣ (ଏବିସି)କୁ ନେଇ କି ପଦକ୍ଷେପ ନିଆଯାଇଛି ତାହା ଉପରେ ଜବାବୀ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି ।

ନିଜ ଆଡୁ ଏକ ମାମଲାର ଶୁଣାଣି କରି ଜଷ୍ଟିସ ବିକ୍ରମ ନାଥ, ସଞ୍ଜୀବ ମେହେଟ୍ଟା ଏବଂ ଏନ. ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଗତ କିଛି ଦିନ ହେଲା ଦେଶରେ ଘଟିଥିବା କୁକୁର କାମୁଡା ଘଟଣାର ଉଦାହରଣ ଦେଇଥିଲେ । ମହାରାଷ୍ଟ୍ର, କେରଳ, ତେଲଙ୍ଗାନାରେ ଘଟଣା ବିଷୟରେ ଉଲ୍ଲେଖ କରି ରାଜ୍ୟ ସରକାରଗୁଡିକ ନିୟମ ପାଳନ କରୁ ନ ଥିବାରୁ କଠୋର ଭାଷାରେ ସମାଲୋଚନା କରିଥିଲେ । ଖଣ୍ଡପୀଠ କହିଥିଲେ ଯେ କୁକୁର କାମୁଡା ଜନିତ ଘଟଣା ବିଦେଶରେ ଦେଶର ଛବିକୁ ଖରାପ କରୁଛି । କୋର୍ଟଙ୍କ ନିର୍ଦ୍ଦେଶକୁ ଦୁଇ ମାସ ବିତି ଯାଇଥିଲେ ବି ଏହା ଉପରେ କୌଣସି ପ୍ରତିକ୍ରିୟା ଦିଆଯାଉ ନାହିଁ । ଏହାର କାରଣ ଦର୍ଶାଇବାକୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଥିଲେ । ଖବର କାଗଜ ପଢୁଛନ୍ତି କି ନାହିଁ ବୋଲି ପଚାରି ଥିଲେ । ଏହା ପରେ ଆସନ୍ତା ସୋମବାର ୧୦ଟା୩୦ରେ ବ୍ୟକ୍ତିଗତ ଭାବେ ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଯଦି ନିର୍ଦ୍ଦେଶ ନ ମାନିବେ ତେବେ ଜୋରିମାନା

### ସୁପ୍ରିମକୋର୍ଟ କ୍ଷୁବ୍ଧ; ସବୁ ରାଜ୍ୟର ମୁଖ୍ୟ ସଚିବଙ୍କୁ ହାଜିରା ନିର୍ଦ୍ଦେଶ



ସହିତ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୁପ୍ରିମକୋର୍ଟ ଚେତାବନୀ ଦେଇଛନ୍ତି ।

ଖଣ୍ଡପୀଠ କହିଥିଲେ ଯେ ଦିଲ୍ଲୀ ପୌରପାଳିକା, ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନାକୁ ଛାଡି ଆଉ କୌଣସି ରାଜ୍ୟ ସତ୍ୟପାଠ ଦାଖଲ କରିନାହାନ୍ତି । ଦିଲ୍ଲୀ ସରକାର ମଧ୍ୟ ସତ୍ୟପାଠ ଦାଖଲ କରିବାକୁ ବିଫଳ ହୋଇଛନ୍ତି । ଅନେକ ରାଜ୍ୟ ନିୟମ ପାଳନ କରିନାହାନ୍ତି । ଏପରିକି କୋର୍ଟରେ ରାଜ୍ୟମାନଙ୍କ ପ୍ରତିନିଧି ମଧ୍ୟ ଉପସ୍ଥିତ ନ ଥିଲେ ।

## ବିନା ଚାକିରିରେ ୩୮ ଲକ୍ଷ ଦରମା ପାଇଛନ୍ତି ପତ୍ନୀ

ଜୟପୁର, ୨୭।୧୦ (ଏଜେନ୍ସି): ରାଜସ୍ଥାନରୁ ଏକ ଚାଞ୍ଚଲ୍ୟକର ମାମଲା ସାମନାକୁ ଆସିଛି । ଆଜିର ଦୁନିଆରେ କାମ ନ କଲେ କେହି ଟଙ୍କାଟିଏ ଦେବାକୁ କୁଣ୍ଠା ହେଉଥିବାବେଳେ ଜଣେ ମହିଳା ବିନା ଚାକିରିରେ ୩୭.୫୪ ଲକ୍ଷ ଟଙ୍କା ଦରମା



ପାଇଛନ୍ତି । ଦିନଟେ ଅଫିସ ନ ଯାଇ ଏହି ମହିଳା ଗୋଟିଏ ନୁହେଁ, ଦୁଇ ଦୁଇଟି କମ୍ପାନୀରୁ ଦରମା ପାଇଛନ୍ତି । ମାସେ କି ଦୁଇ ମାସେ ନୁହେଁ, ପ୍ରାୟ ଦୁଇ ବର୍ଷ ପର୍ଯ୍ୟନ୍ତ ମହିଳାଙ୍କ ଆକାଉଣ୍ଟକୁ ପ୍ରତି ମାସରେ ଦରମା ଆସିଛି । ଏହା କେବଳ ମହିଳାଙ୍କ ସରକାରୀ ଚାକିରିଆ ସ୍ୱାମୀଙ୍କ ପାଇଁ ସମ୍ଭବ ହୋଇପାରିଛି । ଦିନେ ଅଫିସ ନ ଯାଇ ରାଜସ୍ଥାନ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ଦୀକ୍ଷିତଙ୍କ ପତ୍ନୀ ପୁନମ ଦୀକ୍ଷିତ ୩୭.୫୪ ଲକ୍ଷ ଟଙ୍କା ଦରମା ପାଇଛନ୍ତି । ରାଜସ୍ଥାନ ହାଇକୋର୍ଟରେ ଏ ନେଇ ଏକ ଆବେଦନ ଦାଏର ହେବା ପରେ ମାମଲା ସାମ୍ନାକୁ ଆସିଛି ।

ସୂଚନା ଅନୁଯାୟୀ ପ୍ରଦ୍ୟୁମ୍ନଙ୍କ ପତ୍ନୀଙ୍କୁ ବେଆଇନ ଭାବେ ଦୁଇ

### ସରକାରୀ ଚାକିରିଆ ସ୍ୱାମୀଙ୍କ କମାଲ

କମ୍ପାନୀ ଓରିଅନପ୍ରୋ ସଲ୍ୟୁସନ ଏବଂ ଟ୍ରିଗ୍ରୀନ ସଫ୍ଟୱାର ଲିମିଟେଡ ଖାଲି କାଗଜପତ୍ରରେ ପୁନମଙ୍କୁ ନିଜ କର୍ମଚାରୀ ଦେଖାଇ ଥିଲେ । ସରକାରୀ ଟେଣ୍ଡର ପାଇବାରେ ଯୁଗ୍ମ ନିର୍ଦ୍ଦେଶକ ସହାୟତା କରିଥିବାରୁ ତାଙ୍କ ପତ୍ନୀଙ୍କ ପ୍ରତି ଏହି ଦୁଇ କମ୍ପାନୀ ଏଭଳି ଅନୁକମ୍ପା ଦେଖାଇ ଥିଲେ । ତେବେ ଏ ସବୁ ଯୁଗ୍ମ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ହୋଇଥିଲା । ଗତ ବର୍ଷ ସେପ୍ଟେମ୍ବର ୬ ତାରିଖରେ ରାଜସ୍ଥାନ ହାଇକୋର୍ଟ ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଗତ ଜୁଲାଇ ୩ ତାରିଖରେ ଆଣ୍ଟି-କରପସନ ବ୍ୟୁରୋ (ଏସିବି) ଏହାର ତଦନ୍ତ ଆରମ୍ଭ କରିଥିଲା ।

ଯାଞ୍ଚରୁ ଜଣାପଡ଼ିଥିଲା ଯେ ଟେଣ୍ଡର ପାସ୍ କରିବା ବଦଳରେ ପତ୍ନୀଙ୍କୁ ମାସିକିଆ ଦରମା ପ୍ରଦାନ କରିବା ପାଇଁ ପ୍ରଦ୍ୟୁମ୍ନ ଦୁଇ କମ୍ପାନୀଙ୍କୁ କହିଥିଲେ । ୨୦୧୯ ଜାନୁଆରୀରୁ ୨୦୨୦ ସେପ୍ଟେମ୍ବର ମଧ୍ୟରେ ପୁନମଙ୍କ ୫ଟି ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ୩୭, ୫୪, ୪୦୫ ଟଙ୍କା ପଠା ଯାଇଥିଲା । ଏହି ଲାଞ୍ଚକୁ ଦରମା ଭାବେ ଦେଖା ଯାଇଥିଲା । ଏହି ଅବଧିରେ ମଧ୍ୟରେ ପୁନମ ଥରଟିଏ ବି କୌଣସି ଅଫିସକୁ କାମ କରିବାକୁ ଯାଇ ନ ଥିଲେ । ପତ୍ନୀଙ୍କ ପାଇଁ ସ୍ୱାମୀ ନିଜେ ଜାଲ୍ ଉପସ୍ଥାନ ଦେଉଥିଲେ । ପୁନମ ଏକାଥରକେ ଦୁଇ କମ୍ପାନୀରୁ ଦରମା ପାଉଥିଲେ । ଏହି ଅବଧିରେ ଉଭୟ କମ୍ପାନୀ ସରକାରୀ ଟେଣ୍ଡର ହାସଲ କରିଥିଲେ ।

## ଭଉଣୀଙ୍କ ଅଶ୍ଳୀଳ ଏଆଇ ଫଟୋ, ଭିଡିଓ ଦେଖାଇ ବ୍ଲାକ୍‌ମେଲ ଆତ୍ମହତ୍ୟା କଲେ କଲେଜ ଛାତ୍ର



ଫରିଦାବାଦ୍, ୨୭ ।୧୦(ଏଜେନ୍ସି): ହରିୟାଣାର ଫରିଦାବାଦ୍‌ରୁ ଏକ ବିଚଳିତ କଲା ଭଳି ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦ୍ୱାରା ପ୍ରସ୍ତୁତ ୩ ଭଉଣୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଦେଖାଇ ବ୍ଲାକ୍‌ମେଲ କରାଯିବା ପରେ ବିଚଳିତ ହୋଇ ଜଣେ ୧୯ ବର୍ଷୀୟ କଲେଜ ଛାତ୍ର ଆତ୍ମହତ୍ୟା କରିଛନ୍ତି । ଏହି ଛାତ୍ର ହେଉଛନ୍ତି ରାହୁଲ ଭାରତୀ । ଅଭିଯୁକ୍ତମାନେ ବ୍ଲାକମେଲ କରି ରାହୁଲଙ୍କୁ ୨୦ ହଜାର ଟଙ୍କା ଦେବାକୁ କହିଥିଲେ । ରାହୁଲ ଡିଏଭି କଲେଜରେ ଦ୍ୱିତୀୟ ବର୍ଷ ଛାତ୍ର । ଭଉଣୀଙ୍କ ଏଆଇ ଫଟୋ ଓ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ଛାଡି ଦେବାକୁ ଅଭିଯୁକ୍ତ ମାନେ ଧମକ ଦେଇଆସୁଥିଲେ । ଫଳରେ ସେ ସଫାସ ପେଷ୍ଟିସାଇଡ୍ ଟାବଲେଟ୍ ଖାଇ ଆତ୍ମହତ୍ୟା କରିଥିଲେ । ରାହୁଲ ନିଜ ଭଉଣୀ ଓ ପରିବାର ସହ ଫରିଦାବାଦ୍‌ର ବାସେଲୱା କଲୋନୀରେ ରହୁଥିଲେ । ଏହି ମାମଲାରେ ଦୁଇଜଣଙ୍କୁ ଗିରଫ୍ କରି ପୁଲିସ ମାମଲା ରୁଜୁ କରିଛି । ଏମାନଙ୍କ ମଧ୍ୟରେ ରାହୁଲଙ୍କ ଜଣେ ବନ୍ଧୁ ମଧ୍ୟ ରହିଛନ୍ତି । ଦୁଇ ସପ୍ତାହ ତଳେ ଅଭିଯୁକ୍ତମାନେ ବ୍ଲାକ୍‌ମେଲ କରିବା ଆରମ୍ଭ କରିଥିଲେ । ରାହୁଲଙ୍କ ମୋବାଇଲ ଫୋନ୍‌କୁ ହ୍ୟାକ କରାଯିବା ପରେ ତାଙ୍କୁ ବ୍ଲାକ୍‌ମେଲ୍ କରାଯାଇଥିଲା ବୋଲି ତାଙ୍କ ବାପା ମନୋଜ ପୁଲିସକୁ କହିଛନ୍ତି ।

## ୟୁପିଏସ୍‌ସି ଛାତ୍ରଙ୍କୁ ମାରିଥିଲେ ଲିଭ୍ ଇନ୍ ପାର୍ଟନର





ନୂଆଦିଲ୍ଲୀ, ୨୭ ।୧୦ (ଏଜେନ୍ସି): ଦିଲ୍ଲୀ ଗାନ୍ଧୀ ବିହାର ଅଞ୍ଚଳରେ ଅକ୍ଟୋବର ୬ରେ ଏକ ପୋଡ଼ା ମୃତଦେହ ଉଦ୍ଧାର କରାଯିବାର ରହସ୍ୟ ଉନ୍ମୋଚନ ହୋଇଛି । ହତ୍ୟାର ଶିକାର ହୋଇଥିବା ଯୁବକ ହେଉଛନ୍ତି ରାମକେଶ ମିନା । ସେ ୟୁପିଏସ୍‌ସି ଆଶୟୀ ଥିଲେ । ଏଥିପାଇଁ ପ୍ରସ୍ତୁତି କରୁଥିଲେ । ରାମକେଶଙ୍କୁ ତାଙ୍କ ଲିଭ୍ ଇନ୍ ପାର୍ଟନର ୨୧ ବର୍ଷୀୟା ଅମୃତା ଚୌହାନ ହତ୍ୟା କରିଥିଲେ । ସେ ନିଜର ପୂର୍ବତନ ପ୍ରେମିକ ଓ ତାଙ୍କ ବନ୍ଧୁମାନଙ୍କ ସହ ମିଶି ଏଭଳି ଜଘନ୍ୟ କାଣ୍ଡ କରିଥିଲେ । ପ୍ରଥମେ ତାଙ୍କ ତଣ୍ଟି ଚିପି ମାରି ଥିଲେ । ଏହା ପରେ ମୃତଦେହ ଉପରେ ଘିଅ ଓ ମଦ ଢ଼ାଳି ଜଳାଇ ଦେଇଥିଲେ । ପୁଲିସ ଅମୃତା ଓ ତାଙ୍କ ଦୁଇ ସହଯୋଗୀଙ୍କୁ ଗିରଫ କରିଛି । ଅମୃତା ଫରେନସିକ ସାଇନ୍ସର ଛାତ୍ରୀ । ଗତ ମେ ମାସରୁ ଦୁହେଁ ଲିଭ୍ ଇନ୍‌ରେ ରହିଥିଲେ । ରାମେକଶଙ୍କ ପାଖରେ ଅମୃତାଙ୍କର ଅଶ୍ଳୀଳ ଭିଡିଓ ଥିଲା । ବାରମ୍ବାର କହିବା ପରେ ମଧ୍ୟ ସେ ତାଙ୍କ ଭିଡିଓ ଡିଲିଟ୍ କରି ନ ଥିଲେ । ଫଳରେ ଅମୃତା ଚିନ୍ତିତ ହୋଇ ପଡିଥିଲେ । ଶେଷରେ ପୂର୍ବତନ ପ୍ରେମିକ ସୁମିତଙ୍କ ସହ ସେ ରାମକେଶଙ୍କୁ ହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ପୁଲିସ କହିଛି । ସୁମିତ ଏଲ୍‌ପିଜି ଡିଷ୍ଟ୍ରିବ୍ୟୁଟର ଥିଲେ । ସେ ଗ୍ୟାସ ସିଲିଣ୍ଡରେ ନିଆଁ ଲଗାଇ ବିସ୍ଫୋରଣ ଘଟାଇ ଥିଲେ ।

# ଚାଷୀଙ୍କୁ ପିଟିପିଟି ମାରିଲେ; ଥର୍ ଚଢ଼ାଇଦେଲେ ବିଜେପି ନେତା

ଭୋପାଳ, ୨୭।୧୦ (ଏଜେନ୍ସି): ମଧ୍ୟପ୍ରଦେଶରେ ଆଇନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ଯାଇଛି । କ୍ଷମତା ଏବଂ ଅର୍ଥ ବଳରେ ମଦମତ୍ତ ଥିବା ଜଣେ ବିଜେପି ନେତା ମଧ୍ୟପ୍ରଦେଶ ଗୁନା ଜିଲ୍ଲାର ଗଣେଶପୁରା ଗ୍ରାମରେ ଆତଙ୍କରାଜ ସୃଷ୍ଟି କରିଛନ୍ତି । ଚଳଚ୍ଚିତ୍ରରେ ଦେଖା ଯାଉଥିବା ଦୁର୍ଦ୍ଦାନ୍ତ ଖଳନାୟକ ଚରିତ୍ରଠାରୁ ବି ସେ ଅଧିକ ନିର୍ଦ୍ଦୟୀ ଏବଂ ନୃଶଂସ ପାଲଟି ଯାଇଛନ୍ତି । ଫିଲ୍ମ ଶୈଳୀରେ ଜଣେ ଚାଷୀ ରାମସ୍ୱରୂପଙ୍କୁ ନିଜ ଗୁଣ୍ଡାଙ୍କ ସହ ଘେରି ପ୍ରବଳ ମାଡ଼ ମାରିଛନ୍ତି । ହାତ ମଧ୍ୟ ଭାଙ୍ଗି ଦେଇଛନ୍ତି । ଏତିକିରେ ନିର୍ଦ୍ଦୟୀଙ୍କ କ୍ଷୁଧା ମେଣ୍ଟିଲାନି ଯେ ଚାଷୀଙ୍କ ଉପରେ ଥାର ଗାଡ଼ି ଚଢ଼ାଇ ଦେଇଛନ୍ତି । ବାପା ମାଡ଼ ଖାଉଥିବା ଦେଖି ଦୁଇ ଝିଅ ଏବଂ ପତ୍ନୀ ଛଡ଼ାଇବାକୁ ଆସିଥିଲା । ମାତ୍ର ବିଜେପି ବୁଥ୍ କମିଟିର ଅଧକ୍ଷ ମହେନ୍ଦ୍ର ନାଗର ଏବଂ ତାଙ୍କ ଚାମ୍ଚାମାନେ ଚାରିପଟୁ ଘେରି ସମସ୍ତଙ୍କୁ ଆକ୍ରମଣ କରିଥିଲେ । ଝିଅ ନେହୁରା ହେଉଥିବା ମାଆ ଏବଂ ଝିଅଙ୍କୁ ନିର୍ଦ୍ଦୁମ ମାଡ଼ ମାରିଥିଲେ । ଯୌନ ନିର୍ଯାତନା ମଧ୍ୟ ଦେଇଥିଲେ । ଏପରିକି ଝିଅମାନଙ୍କ ପୋଷାକ ଚିରି ଦେଇଥିଲେ । ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ପାଇଁ ଫାଙ୍କା ଗୁଳି ଚାଳନା ମଧ୍ୟ କରିଥିଲେ । ବନ୍ଧୁକ ଦେଖି କୌଣସି ଗ୍ରାମବାସୀ ଏହି ଗରିବ ଚାଷୀଙ୍କ ପରିବାରକୁ ବିଜେପି ନେତାଙ୍କ କବଳରୁ ଛଡ଼ାଇବାକୁ ଆସି ନ ଥିଲେ । ଯିଏ ଆସିବ ତାକୁ ଗୁଳି କରିଦେବେ ବୋଲି ବିଜେପି ନେତା ଧମକ ଦେଇଥିଲେ । ଶେଷରେ ଅଧମରା କରି ଚାଲି ଯାଇଥିଲେ । କିନ୍ତୁ ଚାଷୀଙ୍କ ପ୍ରତି କେହି ଦୟା ଦେଖାଇ ମେଡିକାଲ ନେଲେ ମାରିଦେବେ ବୋଲି କହିଥିଲେ । ତେଣୁ ଲୋକେ ସବୁ ଦେଖି ବି କିଛି କରି ନ ଥିଲେ । ଏମିତିକି ଅଧମରା ଅବସ୍ଥାରେ ଚାଷୀ ପଡ଼ିଥିବାବେଳେ ବିଜେପି ନେତାଙ୍କ ଗୁଣ୍ଡା ତାଙ୍କୁ ଜଗି ରହିଥିଲେ । ଚାଷୀଙ୍କୁ ମେଡିକାଲ ନେବାକୁ ବି ଅନୁମତି ଦେଇ ନ ଥିଲେ । ଶେଷରେ ଚିକିତ୍ସା ନ ପାଇ ଚାଷୀ ପଡ଼ି ପଡ଼ି ପ୍ରାଣ ହରାଇ ଥିଲେ ।

ଜମି ବିବାଦ ପାଇଁ ବିଜେପି ନେତା ଏଭଳି ଜଘନ୍ୟ କାଣ୍ଡ କରିଛନ୍ତି । ଦୀର୍ଘ ଦିନ ହେଲା ରାଜ୍ୟରେ କ୍ଷମତାସୀନ ଥିବା ବିଜେପି ସରକାରରେ ଆଇନ ଶୃଙ୍ଖଳା ସ୍ଥିତି କେମିତି ରହିଛି ଏହା ତାହାର କରୁଣ ଉଦାହରଣ । ଗତ ରବିବାର ଦ୍ୱିପହରେ ରାଜଧାନୀ ଭୋପାଳଠାରୁ ମାତ୍ର ୨୦୦ କିମି ଦୂରରେ ଏଭଳି ଘଟଣା ଘଟିଥିଲା । ଏହି ଅଞ୍ଚଳ ଫତେଗଡ଼ ଥାନା ଅଧିନରେ ଆସୁଛି । କିନ୍ତୁ ବିଜେପି ନେତା ମହେନ୍ଦ୍ରଙ୍କ ଭୟରେ ସ୍ଥାନୀୟ ପୁଲିସ ବି ମାମଲାରେ ହସ୍ତକ୍ଷେପ କରି ନ ଥିଲା । ଚାଷୀଙ୍କ ଝିଅ କାନ୍ଦି କାନ୍ଦି କହିଛନ୍ତି ଯେ ମାଆ ଏବଂ ବାପା କ୍ଷେତକୁ ଯାଉଥିବା ସମୟରେ ମହେନ୍ଦ୍ର, ହରିଶ ଏବଂ ଗୌତମ ସେମାନଙ୍କୁ ଆକ୍ରମଣ କରିଥିଲେ । ବାପା ସାହାଯ୍ୟ ପାଇଁ ଚିତ୍କାର କରିଥିଲେ ବି ଅପରାଧୀଙ୍କ ବନ୍ଧୁକ ଦେଖି କେହି ସହାୟତା ପାଇଁ ଆସି ନ ଥିଲେ । ବଞ୍ଚାଇବାକୁ ଯିବାରୁ ମୋତେ ତଳେ ପକାଇ ଦେଇଥିଲେ । ପୋଷାକ ଚିରି ଧମକାଇ ଥିଲେ । ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ରାମସ୍ୱରୂପଙ୍କ କ୍ଷତାକ୍ତ ଶରୀର ଗାଁରେ ପଡ଼ି ରହିଥିଲା । ସ୍ଥାନୀୟ ଲୋକ କହିଛନ୍ତି ଯେ ଅଭିଯୁକ୍ତ ଏବଂ ତାଙ୍କ ଲୋକମାନେ ଆହତଙ୍କୁ ଡାକ୍ତରଖାନା ନ ନେବା ପାଇଁ କହିଥିଲେ । ସେମାନେ ଗଲା ପରେ ଚାଷୀଙ୍କୁ ଗୁନା ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା । କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା ।

ଗ୍ରାମବାସୀ କହିଛନ୍ତି ଯେ ମହେନ୍ଦ୍ର ନାଗର ନାମ ଶୁଣିଲେ ଲୋକେ ଭୟ କରୁଛନ୍ତି । କେହି ତାଙ୍କ ବିରୋଧରେ କହିବାକୁ ସାହସ କରନ୍ତି ନାହିଁ । ସେ ବର୍ଷ ବର୍ଷ ଧରି ଅନ୍ୟମାନଙ୍କ ଜମି ହଡ଼ପ କରିଆସୁଛନ୍ତି । ମହେନ୍ଦ୍ର ଭୟରେ ୨୫ ଜଣ ଚାଷୀ ନିଜ ଚାଷ ଜମିକୁ



କମ୍‌ଦାମରେ ବିକ୍ରି କରି ଗାଁ ଛାଡ଼ି ପଳାଇଛନ୍ତି । ଏହାକୁ ପ୍ରତିବାଦ କଲେ ମାଡ଼ ମରାଯାଏ କିମ୍ବା ଗାଁରୁ ବାହାର କରିଦିଆଯାଏ । କିନ୍ତୁ ରାମସ୍ୱରୂପ ମୁଣ୍ଡ ନୁଆଁଇବାକୁ ମନା କରିଦେଇଥିଲେ । ଏହା ନ ମାନିବାରୁ ତାଙ୍କୁ ଜୀବନ ହରାଇବାକୁ ପଡ଼ିଥିଲା । ରାଜସ୍ଥାନର ପଚଲାୱାଡାରେ ଛଅ ବିଘା ଜମିକୁ ନେଇ ବିବାଦ କେନ୍ଦ୍ରିତ ଥିଲା ।

ପୁଲିସ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ବିଭିନ୍ନ ଧାରା ଅନୁଯାୟୀ ମହେନ୍ଦ୍ର ନଗର, ଜିତେନ୍ଦ୍ର ନଗର ଏବଂ ସେମାନଙ୍କ ପରିବାରର ତିନି ଜଣ ମହିଳାଙ୍କ ବିରୋଧରେ ମାମଲା ରୁଜୁ କରିଛି । ରାଜସ୍ଥାନ ଫଚତାୱାଡାର ୬ ବିଘା ଜମିକୁ ନେଇ ଏହି ବିବାଦ ଆରମ୍ଭ ହୋଇଥିଲା । ଅନ୍ୟପଟେ ମହେନ୍ଦ୍ର ଦଳର କାର୍ଯ୍ୟକର୍ତ୍ତା ବୋଲି ଜିଲ୍ଲା ବିଜେପି ଅଧକ୍ଷ ଧର୍ମେନ୍ଦ୍ର ସିକାରୱାର ସ୍ୱୀକାର କରିଛନ୍ତି । ଆଇନରୁ ଉର୍ଦ୍ଧ୍ୱରେ କେହି ନୁହଁନ୍ତି ବୋଲି ସେ କହିଛନ୍ତି । କିନ୍ତୁ ଏ ନେଇ ମହେନ୍ଦ୍ରଙ୍କ ବିରୋଧରେ କି ପଦକ୍ଷେପ ନିଆଯାଉଛି ତାହା ଦେଖିବା ବାକି ରହିଲା ।

■ ଓଡ଼ିଶା ସାହିତ୍ୟ ଏକାଡେମୀରେ ଅଚଳାବସ୍ଥା

## ତିନି ସପ୍ତାହରେ ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ

କଟକ, ୨୭ ।୧୦(ସମିସ): ଓଡ଼ିଶା ସାହିତ୍ୟ ଏକାଡେମିରେ ବର୍ଷାଧିକ ସମୟ ଧରି ଅଚଳାବସ୍ଥା ଲାଗି ରହିଛି । ଏହାର ସଭାପତି ଓ ଉପ-ସଭାପତି ଭଳି ପଦବୀ ଖାଲି ପଡ଼ିବା ସହ ନୂଆ କାର୍ଯ୍ୟନିର୍ବାହୀ ପରିଷଦ ଗଠନ କରାନଯିବା ପ୍ରସଙ୍ଗରେ ରୁଜୁ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ । ଏହି ପ୍ରସଙ୍ଗରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାର ସମୟ ଲୋଡ଼ିଥିବା ବେଳେ ଆସନ୍ତା ୩ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ ।

ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ପ୍ରବୀର ଦାସଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ସେହିଭଳି ସରକାରଙ୍କ ଜବାବ ଦାଖଲ କରିବାର ଏକ ସପ୍ତାହ ଭିତରେ ଆବେଦନକାରୀ ଚାହିଁଲେ ପ୍ରତିଜବାବ ଦାଖଲ କରିପାରିବେ ବୋଲି ଖଣ୍ଡପୀଠ କହିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୨୪କୁ ଧାର୍ଯ୍ୟ ହୋଇଛି ।

ଆବେଦନକାରୀ ଦର୍ଶାଇଛନ୍ତି ଯେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ଉପ-ସଭାପତିଙ୍କ କାର୍ଯ୍ୟକାଳ ଗତ ୨୦୨୪ ମେ' ୨୦ରେ ସମାପ୍ତ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ପଦରେ କାହାରିକୁ ନିଯୁକ୍ତ କରିନାହାନ୍ତି । ସେହିଭଳି ଏକାଡେମୀର ସାଧାରଣ ପରିଷଦ ଏବଂ କାର୍ଯ୍ୟନିର୍ବାହୀ ବୋର୍ଡ ୨୦୨୩ ଜୁଲାଇ ୧୯ ପରଠାରୁ ଅଚଳ ହୋଇପଡ଼ିଛି । ସାଧାରଣ ପରିଷଦ ଗଠନରେ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଥିପାଇଁ ୫ଜଣଙ୍କୁ ରାଜ୍ୟ ସରକାର ମନୋନୀତ କରିବା କଥା । ଏ ବାବଦରେ ରାଜ୍ୟର ନିଷ୍କ୍ରିୟତା ସମ୍ବିଧାନର ଧାରା ୧୯ ଏବଂ ୨୧ ର ଉଲ୍ଲଂଘନ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି ।

■ ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ପ୍ରସଙ୍ଗ

## ହାଇକୋର୍ଟରେ ଏଜିଙ୍କ ଜବାବ ଦାଖଲ

କଟକ, ୨୭।୧୦(ସମିସ): ବହୁଚର୍ଚ୍ଚିତ ଓଡ଼ିଶା ପୁଲିସ ସବ୍-ଇନ୍ସପେକ୍ଟର୍ (ଏସ୍ଆଇ) ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣାର ସିବିଆଇ ତଦନ୍ତ ପ୍ରାର୍ଥନା କରି ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ରୁଜୁ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ଆଜି ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀର ଚେର ବିଭିନ୍ନ ରାଜ୍ୟକୁ ଲମ୍ବିଛି । ଅନ୍ତଃରାଜ୍ୟ ରାକେଟ୍ ସମ୍ପୃକ୍ତ ଥିବାରୁ ମୁଖ୍ୟମନ୍ତ୍ରୀ ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ସୁପାରିସ କରିବା ପରେ ଏହାର ତଦନ୍ତ ଆରମ୍ଭ କରାଯାଇଛି ବୋଲି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ହାଇକୋର୍ଟରେ ଜବାବ ରଖିଥିଲେ । ଆବେଦନକାରୀ ଉତ୍ଥାପନ କରିଥିବା ପ୍ରସଙ୍ଗର ଆଉ ପ୍ରାସଙ୍ଗିକତା ନ ଥିବାରୁ ହାଇକୋର୍ଟ ଏହି ମାମଲାର ଅନ୍ତ ଘଟାଇଛନ୍ତି । ପ୍ରକାଶଥାଉକି, ଏହି କେଳେଙ୍କାରୀ ଘଟଣାରେ ଚାକିରି ଦେବା ପାଇଁ ପ୍ରାର୍ଥୀଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଆଦାୟ କରାଯାଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଘଟଣାରେ ସମ୍ପୃକ୍ତ ଅଧିକାରୀ ଓ ଅନ୍ୟମାନେ ଧରାପଡ଼ିନାହାନ୍ତି । ଏହାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ପାଇଁ ଭାରତୀୟ ନ୍ୟାୟ ସଂହିତା-୨୦୨୩ର ଧାରା ୬୧(୨) ଅନୁସାରେ ସିବିଆଇକୁ ମାମଲା ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଥିଲେ ।

ବାତ୍ୟା ମୁକାବିଲାର ପୂର୍ବ ପ୍ରସ୍ତୁତି

# ୮ ଜିଲ୍ଲାରେ ୧୪୦ ଉଦ୍ଧାରକାରୀ ଦଳ ମୁତୟନ

■ ୧୪୪୫ ବାତ୍ୟା ଆଶ୍ରୟସ୍ଥଳୀକୁ ୩ ହଜାର ଲୋକ ସ୍ଥାନାନ୍ତର
■ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତିହେଲେ ୧୪୯୬ ଆସନ୍ନପ୍ରସବା

ଭୁବନେଶ୍ୱର,୨୭।୧୦(ସମିସ): ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତଟରକ୍ଷୀ ବାହିନୀ ସହିତ ଆଲୋଚନା ହୋଇଛି । ସମୁଦ୍ର ମଧ୍ୟରେ ରହିଯାଇଥିବା ଟ୍ରଲରଗୁଡ଼ିକୁ ସୁରକ୍ଷିତ ଭାବରେ କୂଳକୁ ଆଣିବା ପାଇଁ ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ସୁଦ୍ଧା ସର୍ବାଧିକ ପ୍ରଭାବିତ ଆଶଙ୍କା ଥିବା ୮ଟି ଜିଲ୍ଲାରେ ୧୪୦ଟି ଓଡ୍ରାଫ୍, ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ବିଭାଗର ଦଳ ମୁତୟନ ହୋଇଛନ୍ତି । ସବୁ ଜିଲ୍ଲାରେ ବରିଷ୍ଠ ଅଧିକାରୀମାନଙ୍କୁ ବାତ୍ୟା ପରିଚାଳନାର ଦାୟିତ୍ୱ ଦିଆଯାଇଛି । ବାତ୍ୟା ପରବର୍ତ୍ତୀ ସମୟରେ ଯଦି ବିଦ୍ୟୁତ୍ ସେବାରେ ବ୍ୟାଘାତ ହୁଏ, ତେବେ ୨୪ ଘଣ୍ଟା ମଧ୍ୟରେ ଏହାକୁ ପୁନଃସ୍ଥାପନ କରିବାକୁ ବ୍ୟବସ୍ଥା କରାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନାମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ସୋମବାର ବାତ୍ୟା ମୁକାବିଲାର ପୂର୍ବ ପ୍ରସ୍ତୁତି ସମୀକ୍ଷା ପାଇଁ ମନ୍ତ୍ରୀ ଶ୍ରୀ ପୂଜାରୀ ଉନ୍ନୟନ କମିଶନର ଅନୁ ଗର୍ଗ, ଏସ୍ଆରସି ଡିକେ ସିଂ, ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ଶାସନ ସଚିବ, ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ଆଲୋଚନା ପରେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ୮ଟି ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲାର ୧୪୪୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରାୟ ୩ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି ଏବଂ ୩୨ ହଜାର ୫୨୮ ଜଣ ଲୋକଙ୍କୁ ନିରାପଦ ଭାବେ ସ୍ଥାନାନ୍ତର କରାଯିବାର ଲକ୍ଷ୍ୟ ରଖାଯାଇଛି । ଆଶ୍ରୟସ୍ଥଳୀମାନଙ୍କରେ ଆବଶ୍ୟକତା ଅନୁଯାୟୀ ଶୁଖିଲା ଖାଦ୍ୟ ସହ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି । ସେହିପରି ବର୍ତ୍ତମାନ ସୁଦ୍ଧା ୧୪୯୬ ଆସନ୍ନ ପ୍ରସବା ମହିଳାଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିବାବେଳେ ଆହୁରି ୭୬୦ ଜଣ ମହିଳାଙ୍କୁ ସ୍ଥାନାନ୍ତର ପାଇଁ ପ୍ରସ୍ତୁତି ଚାଲିଛି । ସମ୍ଭାବ୍ୟ ବାତ୍ୟା ସ୍ଥଳଭାଗ ଛୁଇଁଲା ପରେ ଛତିଶଗଡ଼ ଆଡ଼କୁ ମୁହାଁଇବାର ସମ୍ଭାବନା ରହିଛି । ଫଳରେ ଛତିଶଗଡ଼ ଅଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ । ଏଥି ପାଇଁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ହୀରାକୁଦ ବନ୍ଧର ଜଳ ପରିଚାଳନାକୁ ନିୟନ୍ତ୍ରିତ କରାଯାଉଛି । ସରକାର ଜନଜୀବନ ହାନୀ ନହେବା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।




ଏହି ଅବସରରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସିଂ କହିଛନ୍ତି, ଆଜି ସମସ୍ତ ବିଭାଗର ସଚିବ ଓ ଜିଲ୍ଲାପାଳମାନଙ୍କ ସହିତ ବାତ୍ୟା ପୂର୍ବପ୍ରସ୍ତୁତି ସଂପର୍କରେ ବିଶଦ ଭାବେ ଆଲୋଚନା ହୋଇଛି । ବାତ୍ୟା ପ୍ରଭାବିତ ଆଶଙ୍କା ଥିବା ସ୍ଥାନରୁ ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଗର୍ଭବତୀ ମହିଳାମାନଙ୍କୁ ମଧ୍ୟ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଉଛି । ପୂର୍ବାନୁମାନ ଅପେକ୍ଷା ବାତ୍ୟାର ପ୍ରଭାବ କମ ରହିବ । ଏଣୁ ଏ ନେଇ କୌଣସି ପ୍ରକାର ଆତଙ୍କିତ ନହେବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ବିଜେଡି

## ବିଜେପି ପାଇଁ କାମ କରୁଛନ୍ତି ନୂଆପଡ଼ା ଜିଲ୍ଲାପାଳ ଓ ଏସ୍‌ପି

ଭୁବନେଶ୍ୱର,୨୭।୧୦(ସମିସ): ନୂଆପଡା ଉପନିର୍ବାଚନରେ ପ୍ରଚାର ସରଗରମ ହେଉଥିବା ବେଳେ ଶାସକ ବିଜେପି ବାରମ୍ବାର ଆଚରଣ ବିଧି ଉଲ୍ଲଂଘନ କରୁଛି । ଏପରିକି ସ୍ଥାନୀୟ ଜିଲ୍ଲାପାଳ ଓ ଏସ୍‌ପି ବିଜେପିକୁ ସମର୍ଥନ କରିବା ପାଇଁ କିଛି ବିଜେଡି କର୍ମୀଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛି ବିଜେଡି ।



ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି । ଏହି ସ୍ମାରକପତ୍ରରେ ବିଜେପି ସପକ୍ଷରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ ଓ ନୂଆପଡା ଏସପି ଅମ୍ରିତପାଲ ସିଂ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି ବୋଲି ଦଳ ଅଭିଯୋଗ କରିଛି । ଉଭୟ ଜିଲ୍ଲାପାଳ ଓ ଏସପି ନିଜ ସରକାରୀ ପଦବୀର ଅପବ୍ୟବହାର କରି କିଛି ବିଜେଡି କର୍ମୀ ଓ ସମର୍ଥକଙ୍କୁ ବିଜେପିକୁ ସମର୍ଥନ କରିବା ପାଇଁ ଚାପ ପ୍ରୟୋଗ କରୁଛନ୍ତି ବୋଲି ଅଭିଯୋଗ କରାଯାଇଛି ।

**ବିଜେପି ପାଇଁ କାମ କରିବାକୁ ବିଜେଡିର କର୍ମୀ ଓ ସମର୍ଥକଙ୍କ ଉପରେ ଚାପ**

ଉଲ୍ଲେଖଯୋଗ୍ୟ ଯେ ଜିଲ୍ଲାପାଳ ନିଜେ ନିର୍ବାଚନ ଅଧିକାରୀ ହୋଇଥିବା ବେଳେ, ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ଉଭୟ ଜିଲ୍ଲାପାଳ ଓ ଏସପିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ମାତ୍ର ଉଭୟ ଜିଲ୍ଲାପାଳ ଓ ଏସପିଙ୍କ ଭୂମିକା ସନ୍ଦେହଘେରରେ ଆସିଥିବା ବେଳେ, ଏଠାରେ ମୁକ୍ତ ଓ ଅବାଧ ନିର୍ବାଚନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସ୍ମାରକପତ୍ରରେ ଏହି ଦୁଇ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ସହିତ ମୁକ୍ତ ଓ ଅବାଧ ନିର୍ବାଚନ କିପରି ହୋଇପାରିବ, ସେନେଇ ଉପଯୁକ୍ତ ପଦକ୍ଷେପ ନେବାକୁ ବିଜେଡି ଦାବି କରିଛି । ବିଜେଡି ପ୍ରତିନିଧି ମଣ୍ଡଳୀରେ ସୁଲତା ଦେଓ, ଡ. ଲେନିନ ମହାନ୍ତି, ମିହିର ରାୟ, ତୁମ୍ବନାଥ ପଣ୍ଡା, ସୋଫିଆ ଆଲାମ, ଜ୍ୟୋତ୍ସ୍ନା ପରିଡା, ରୀତାଞ୍ଜଳି ପ୍ରଧାନ ଇତ୍ୟାଦି ସାମିଲ ଥିଲେ ।

ପରକୀୟା ପ୍ରୀତି

## ପ୍ରେମିକ ସହ ମିଶି ଶଶୁରକୁ ମାରିଲା ବୋହୂ

ବାରିପଦା/ରାଇରଙ୍ଗପୁର,୨୭ ।୧୦(ସମିସ): କାଳ ହେଲା ବୋହୂର ପରକୀୟା ପ୍ରୀତି । ପରପୁରୁଷ ସହ ମିଳାମିଶା ଦେଖିଦେବାରୁ ପ୍ରେମିକ ସହ ମିଶି ଶଶୁରକୁ ପିଟିପିଟି ମାରିଦେଲା ବୋହୂ । ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ଼ ଥାନା ଧାଙ୍ଗିଡ଼ିମୁତା ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି । ମୃତକ ହେଲେ, ବସଲୋ ସିଙ୍କୁ । ଖବର ପାଇ ସାଇଣ୍ଟିଫିକ୍ ଟିମ ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି । ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ବୋହୂ ଯମୁନା ସିଙ୍କୁ ଓ ତାଙ୍କ ପ୍ରେମିକ ସେହି ଗ୍ରାମର ଟୁନୁ ସିଙ୍କୁଙ୍କୁ ଗିରଫ କରିଛି ।

ସୂଚନାନୁସାରେ, ଯମୁନା ଓ ଟୁନୁଙ୍କ ମଧ୍ୟରେ ଅବୈଧ ସଂପର୍କ ଗଢ଼ି ଉଠିଥିଲା । ସ୍ୱାମୀଙ୍କ ଅନୁପସ୍ଥିତିରେ ଯମୁନା ଓ ଟୁନୁ ମିଳାମିଶା କରୁଥିଲେ । ତେବେ ବସଲୋ ଦୁହିଁଙ୍କୁ ଏକାଠି ଦେଖି ବିରୋଧ କରିବାରୁ ଦୁହେଁ ଉତ୍କ୍ଷିପ୍ତ ହୋଇପଡ଼ିଥିଲେ । ତାଙ୍କ ମୁହଁ ବନ୍ଦ କରିବା ପାଇଁ ତାଙ୍କୁ ବାଟରୁ ହଟାଇ ଦେଇଥିଲେ । ଦୁହେଁ ମିଶି ବସଲୋଙ୍କ ବେକରେ ଦୌଡ଼ି ବାନ୍ଧିବା ସହ ତାଙ୍କୁ ପିଟିପିଟି ହତ୍ୟା କରିଥିଲେ ।

## ନୂଆପଡ଼ା ତହସିଲଦାର ଓ ଡିଏଫ୍ଓଙ୍କୁ ହାଇକୋର୍ଟରେ ହାଜର ନିର୍ଦ୍ଦେଶ

କଟକ,୨୭।୧୦(ସମିସ): ନୂଆପଡ଼ା ଜିଲ୍ଲାରେ ବେଆଇନ ଭାବେ ଜଣେ ବ୍ୟକ୍ତିଙ୍କ ନିଜସ୍ୱ ଘରୋଇ ଜାଗାକୁ ଜଙ୍ଗଲ ଜମି କିସମ ଘୋଷଣା ପ୍ରସଙ୍ଗରେ ଦାୟର ଆବେଦନକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରିଆସୁଛନ୍ତି । ଏହି ମାମଲାର ଆଜି ଶୁଣାଣି କରି ପ୍ରତିପକ୍ଷ ତଥା ନୂଆପଡ଼ା ତହସିଲଦାର ଓ ଖରିଆର ବନଖଣ୍ଡର ଡିଏଫ୍ଓଙ୍କୁ ଅଦାଲତରେ ଭର୍ଚୁଆଲ ମାଧ୍ୟମରେ ଆସନ୍ତାକାଲି ହାଜର ହେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅମ୍ରିତଲାଲ ସୁଦ୍ଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । କିଭଳି ଓ କେଉଁ ଆଧାରରେ ଆବେଦନକାରୀଙ୍କ ଘରୋଇ ସମ୍ପତ୍ତିକୁ ଜଙ୍ଗଲ ଜମି କିସମ ଘୋଷଣା କରାଯାଇଛି, ସେ ସଂକ୍ରାନ୍ତରେ ଉଭୟ ଅଧିକାରୀ ଅବଗତ କରିବେ ବୋଲି ହାଇକୋର୍ଟ କହିଛନ୍ତି । ମାମଲାରୁ ପ୍ରକାଶ, ଆବେଦନକାରୀଙ୍କ ନାମରେ ନୂଆପଡ଼ା ଅଞ୍ଚଳରେ ରହିଥିବା କେତେକ ପ୍ଲଟ୍‌ରେ ତାଙ୍କ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା । ପରବର୍ତ୍ତୀ ସମୟରେ ସେ ଏହି ଜମିଗୁଡ଼ିକ ଜଙ୍ଗଲ କିସମ ହୋଇଯାଇଥିବା ଜାଣିବାକୁ ପାଇ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ । କିଛି ସୁଫଳ ନ ମିଳିବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୮ ତାରିଖକୁ ଧାର୍ଯ୍ୟ ହୋଇଛି ।

ବ୍ୟବସାୟୀଙ୍କ ଘରେ ସଶସ୍ତ୍ର ଡକାୟତି

## ଲୁଟିନେଲେ ୨୫ ଲକ୍ଷ; କୋଟିଏ ଟଙ୍କାର ଗହଣା

ବଣାଇଁ,୨୭।୧୦(ସମିସ): ବଣାଇଁ ମୁଖ୍ୟ ସହରରେ ପ୍ରଥମଥର ପାଇଁ ଜଣେ ବ୍ୟବସାୟୀଙ୍କ ଘରୁ ସଶସ୍ତ୍ର ଡକାୟତି ହୋଇଛି । ବ୍ୟବସାୟୀଙ୍କ ଘରେ ପଶି ୪ଜଣ ମୁଖାଧାରୀ ବନ୍ଧୁକ ମୁନରେ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ସହ ୨୫ଲକ୍ଷ ଟଙ୍କା ଲୁଟି ନେଇଛନ୍ତି । ବଣାଇଁ ଥାନାଠାରୁ ମାତ୍ର ପାଞ୍ଚଶହ ମିଟର ଦୂର ବଜାର ଦାଣ୍ଡ ନିକଟରେ ଥିବା ରଶ୍ମି ଇଲେକ୍ଟ୍ରିକାଲ ଦୋକାନ ମାଲିକଙ୍କ ଘରେ ଏହି ସଶସ୍ତ୍ର ଡକାୟତି ହୋଇଛି ।



ସୂଚନାନୁଯାୟୀ, ଘରେ ଦୋକନ ମାଲିକାଣୀ ତୃପ୍ତିରେଖା ସାହୁ ଓ ତାଙ୍କ ଝିଅ ନିକିତା ସାହୁ, ଦୋକାନରେ କାମ କରୁଥିବା ସହାୟକ ଶୋଇଥିଲେ । ମଧ୍ୟରାତ୍ରିରେ ହଠାତ୍ ୫ଜଣ ଦୁର୍ବୃତ୍ତ ଘରେ ପଶି ତଳେ ଶୋଇଥିବା ସହାୟକକୁ ପ୍ରଥମେ ପ୍ରବଳ ମାଡ଼ ମାରିବା ସହ ବାନ୍ଧି ଦେଇଥିଲେ । ବନ୍ଧୁକ ସହ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଧମକ ଦେଇ ବ୍ୟବସାୟୀଙ୍କ ପତ୍ନୀଙ୍କୁ କବାଟ ଖୋଲିବାକୁ କହିବାକୁ କହିଥିଲେ । ସମ୍ପୃକ୍ତ କର୍ମଚାରୀ ଦୁର୍ବୃତ୍ତଙ୍କ 'ଭୟରେ ପେଟ ବିନ୍ଧୁଛି ଔଷଧ ଦିଅ' ବୋଲି ବ୍ୟବସାୟୀଙ୍କ ସ୍ତ୍ରୀଙ୍କୁ ଫୋନ ଯୋଗେ କହିଥିଲେ । ମାଲିକାଣୀ ଓ ତାଙ୍କ ଝିଅ ଔଷଧ ଦେବାକୁ କବାଟ ଖୋଲିବା ସମୟରେ ଛକି ରହିଥିବା ଦୁର୍ବୃତ୍ତମାନେ ତାଙ୍କୁ ଧକ୍କା ମାରି ଘର ଭିତରକୁ ପଶି ଯାଇଥିଲେ । ଉଭୟଙ୍କ ମୁହଁ, ଗୋଡ଼ ହାତ ବାନ୍ଧିବା ସହ ଅଲମାରୀ ଚାବି ମାଗିଥିଲେ । ଚାବି ନ ଦେଲେ ଝିଅକୁ ଦୁଷ୍କର୍ମ କରି ଭିଡିଓ ଭାଇରାଲ କରିବାକୁ ଧମକ ଦେଇଥିଲେ । ଭୟରେ ମାଲିକାଣୀ ଚାବି ଦେବା ପରେ ମହାଜନଙ୍କୁ ଦେବା ପାଇଁ ରହିଥିବା ପ୍ରାୟ ୨୫ଲକ୍ଷ ଟଙ୍କା ସହ ସୁନା ଅଳଙ୍କାରଙ୍କୁ ମିଶାଇ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଲୁଟି ନେଇଥିଲେ । ଲୁଟ୍ ପରେ ଦୁର୍ବୃତ୍ତମାନେ ସିସିଟିଭି କ୍ୟାମେରା ଭାଙ୍ଗି ହାର୍ଡ ଡିସ୍କକୁ ନେଇ ପଳାଇଥିବା ବ୍ୟବସାୟୀ ଜଣକ ଅଭିଯୋଗ କରିଛନ୍ତି । ଏନେଇ ଝିଅ ନିକିତା ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ସପ୍ତାହେ ବଢ଼ିଲା ଛାତ୍ରବୃତ୍ତି ଆବେଦନ ଅବଧି

ଭୁବନେଶ୍ୱର,୨୭ ।୧୦(ସମିସ): ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ବିଭିନ୍ନ ଛାତ୍ରବୃତ୍ତି ପାଇଁ ଆବେଦନ ଅବଧି ସପ୍ତାହେ ବୃଦ୍ଧି ପାଇଛି । ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ଆଶାୟୀ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ । ଶିକ୍ଷାନୁଷ୍ଠାନ ପକ୍ଷରୁ ୧୪ ତାରିଖ ମଧ୍ୟରେ ସମସ୍ତ ଆବେଦନକୁ ଯାଞ୍ଚ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଜ୍ଞପ୍ତି ଅନୁଯାୟୀ, ଇ-ମେଧାବୃତ୍ତି ଅଧୀନରେ ଆସୁଥିବା ୟୁଜି ମେରିଟ୍, ପିଜି ମେରିଟ୍ ଓ ଟେକ୍ନିକାଲ୍ ଆଣ୍ଡ ପ୍ରଫେସନାଲ୍ ମେରିଟ୍, ବ୍ୟାସକବି ଫକୀରମୋହନ ଭାଷାବୃତ୍ତି ଯୋଜନା ଏବଂ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାର ଆବେଦନ ଅବଧି ଗତ ୨୫ ତାରିଖରେ ଶେଷ ହୋଇଥିଲା । ପୂର୍ବରୁ ୱେବସାଇଟ୍ ଧିମା ଚାଲିବା ସହ ଶେଷ ଦିନରେ

**ନଭେମ୍ବର ୪ ଯାଏଁ ଆବେଦନ କରିପାରିବେ ଛାତ୍ରଛାତ୍ରୀ**

ୱେବସାଇଟ୍ କ୍ରାସ୍ କରିଯିବାରୁ ବହୁ ଛାତ୍ରଛାତ୍ରୀ ଆବେଦନ କରିପାରିନଥିଲେ । ଫଳରେ ବହୁ ଛାତ୍ରଛାତ୍ରୀ ବିଭାଗ ନିକଟରେ ଅଭିଯୋଗ କରିଥିଲେ । ଆବେଦନ ଅବଧିକୁ ବଢ଼ାଯିବା ସହ ଡିଜି-ଲକର୍ ମାଧ୍ୟମରେ ସାର୍ଟିଫିକେଟ୍ ଅପଲୋଡ୍ କରିବା ବାଧ୍ୟତାମୂଳକକୁ ଉଠାଇ ଦିଆଯାଇଛି ।

## ପୂର୍ବତନ ପୁଲିସ କର୍ମଚାରୀଙ୍କ ପୁଅକୁ ହତ୍ୟା



ବଚସାରୁ ମାରିଦେଲେ ସାଙ୍ଗ; ୩ ବନ୍ଧୁ ଗିରଫ


ଦେଓଗାଁ, ୨୭ ।୧୦ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅଧୀନ ଅନ୍ତର୍ଲା ଗାଁ ନିକଟରେ ଜଣେ ଯୁବକଙ୍କୁ ତାଙ୍କ ତିନିବନ୍ଧୁ ମିଶି ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି । ମୃତ ଯୁବକ ହେଲେ, ଅନ୍ତର୍ଲା ଗ୍ରାମର ପୂର୍ବତନ ପୁଲିସ କର୍ମଚାରୀ ମୀନକେତନ ଭୋଇଙ୍କ ପୁଅ ସୁଜିତ ଭୋଇ(୩୦) । ସୋମବାର ସକାଳେ ବନ୍ଧପଡ଼ା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା, ଥାନାଧିକାରୀ ବୁଲୁ ମୁଣ୍ଡା ପ୍ରମୁଖ ସଦଳବଳେ ପହଞ୍ଚି ତଦନ୍ତ କରିଥିଲେ । ଶବକୁ ଜବତ କରି ଭୀମଭୋଇ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ସୁଜିତର ଭାଇ ସୁନୀଲ ଭୋଇଙ୍କ ଅଭିଯୋଗକୁ କେନ୍ଦ୍ର କରି ଥାନାରେ ମାମଲା ରୁଜୁ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ, ବନ୍ଧପଡ଼ା ଗ୍ରାମର ରାଜା କର୍ଟା(୧୯), ଓମ୍ ନନ୍ଦ (୧୯) ଓ ଡଙ୍ଗରପଡା ଗ୍ରାମର ଇରଫାନ ଛତ୍ରିଆ (୧୯) ।

ସୂଚନାନୁସାରେ, ରବିବାର ୪ସାଙ୍ଗ ମିଶି ଅନ୍ତର୍ଲା ଗାଁ ପତ୍ରଫଡି ନିକଟରେ ଭୋଜି କରିଥିଲେ । ଏହି ସମୟରେ ତାଙ୍କ ମଧ୍ୟରେ କୌଣସି କାରଣକୁ କେନ୍ଦ୍ର କରି ବଚସା ହେବା ପରେ ରାଜାର ମାଆ ରାଜାକୁ ବାରମ୍ବାର ଫୋନ୍ କରି ଘରକୁ ଆସିବା ପାଇଁ କହୁଥିଲେ । ସେହି ସମୟରେ ସୁଜିତ ରାଜାର ମାଆଙ୍କୁ ଫୋନରେ ଅସଭ୍ୟ ଭାଷାରେ ଗାଳି କରିବାରୁ ରାଜା ଉତ୍ତ୍ୟକ୍ତ ହୋଇ ସାଇକେଲ ପେଡାଲ ହ୍ୟାଲରେ ସୁଜିତକୁ ଆକ୍ରମଣ କରିଥିଲା । ପରେ ତିନି ଜଣ ତାକୁ ବିଅର ବୋତଲ ଓ ଠେଙ୍ଗାରେ ମଧ୍ୟ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ସୁଜିତର ମୃତ୍ୟୁ ଘଟିଥିଲା । ପରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲା ।

## ମାରିଟାଇମ୍ ସପ୍ତାହ ୨୦୨୫ରେ ଓଡ଼ିଶା ଷ୍ଟଲ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୭।୧୦(ସମିସ): ମୁମ୍ବାଇ ନେସ୍କୋ ଗ୍ରାଉଣ୍ଡରେ ଆୟୋଜିତ ମାରିଟାଇମ ସପ୍ତାହ ୨୦୨୫ ଅବସରରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡ଼ିଶାର ଗୌରବୋଜ୍ଜ୍ୱଳ ନୌବାଣିଜ୍ୟ ପରମ୍ପରା ଉପରେ ଆଧାରିତ ଏକ ଷ୍ଟଲ୍ ଖୋଲାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ରଣନୈତିକ ସ୍ଥିତି, ପ୍ରଗତିଶୀଳ ବନ୍ଦର ନୀତି ଏବଂ ସାମୁଦ୍ରିକ ବିକାଶ ପାଇଁ ସମନ୍ୱିତ ଆଭିମୁଖ୍ୟ ରାଜ୍ୟକୁ ଭାରତର ପୂର୍ବ ସାମୁଦ୍ରିକ କରିଡରରେ ଏକ ଅଗ୍ରଣୀ କେନ୍ଦ୍ର ଭାବରେ ସ୍ଥାନିତ କରୁଛି । ଆମର ସାମୁଦ୍ରିକ ଐତିହ୍ୟକୁ ସମ୍ମାନ ଦେବା ସହିତ ଓଡ଼ିଶାର ନୀଳ ଅର୍ଥନୀତି ପାଇଁ ଏକ ଆଧୁନିକ, ସ୍ଥାୟୀ ଏବଂ ବିଶ୍ୱ ସ୍ତରରେ ସଂଯୁକ୍ତ ଭବିଷ୍ୟତକୁ ପରିଚାଳନା କରିବା ଆମର ମୂଳ ଲକ୍ଷ୍ୟ । ଏହି ଅବସରରେ ମୁଖ୍ୟ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ବାଣିଜ୍ୟ ଓ ପରିବହନ ବିଭାଗ ଆନୁକୁଲ୍ୟରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶା ନୌବାଣିଜ୍ୟ ଉପରେ ଆଧାରିତ ବାଲୁକା କଳାକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ ।

# ସମ୍ପାଦକୀୟ



ଧର୍ମ, ସତ୍ୟ ଓ ନ୍ୟାୟର ପଥରେ ପରିଚାଳିତ ହୁଅ।
-ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍

ସକାଳ
THE SAKALA

## ସାଇବର ଠକଙ୍କୁ ଲଗାମ ନାହିଁ

ଲାଭରୁ ଲୋଭ। ନିବେଶ ମାଧ୍ୟମରେ ଅତିରିକ୍ତ ଆର୍ଥିକ ଫାଇଦା ହାସଲର ସୁଯୋଗ ପଛରେ ଧାଇଁଥିବା ଲୋକେ ଯେ ଶେଷରେ ଠକାମୀର ଶିକାର ହୋଇଥା'ନ୍ତି ତାହାର ଉଦାହରଣ କିଛି କମ ନୁହେଁ। ତଥାପି ନିଶାଖୋରଙ୍କ ପରି ବେଆଇନ ନିବେଶରୁ ସେମାନଙ୍କ ମୋହ ହଟୁନି। ଏହାର ଭରପୂର ସୁଯୋଗ ନେଉଛନ୍ତି ସାଇବର ଠକମାନେ। ଉନ୍ନତ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗରେ ଏହି ଠକେଇ ଚାଲିଥିବା ବେଳେ ସେମାନଙ୍କୁ ରୋକିବା ସମ୍ଭବ ହେଉନାହିଁ। ଏଥିରେ ସରକାରଙ୍କ ପକ୍ଷରୁ ଗଠିତ ସ୍ୱତନ୍ତ୍ର ସାଇବର ସେଲର ନିଷ୍ଫଳତା ଯେତିକି ଦାୟୀ, ତା'ଠାରୁ ଅଧିକ ଦାୟୀ ହେଉଛନ୍ତି ଅତିରିକ୍ତ ଆର୍ଥିକ ଫାଇଦା ପାଇଁ ମାତ୍ରାଧିକ ଉତ୍ସୁକ ହୋଇପଡ଼ିଥିବା ନିବେଶକ। ଏପ୍ରକାର ଠକେଇ ସଂପର୍କରେ ଗଣମାଧ୍ୟମରେ କ୍ରମାଗତ ଖବର ପ୍ରକାଶ ପାଇ ଆସୁଥିଲେ ମଧ୍ୟ ସଚେତନତା ବୃଦ୍ଧି ପାଇନି। ଗତ ଛଅମାସ ମଧ୍ୟରେ ଦେଶର ପ୍ରାୟ ୩୦ ହଜାର ଲୋକ ୧୫୦୦ କୋଟି ଟଙ୍କାର ଠକେଇ ସମ୍ମୁଖୀନ ହୋଇଛନ୍ତି। ଏହି ଠକେଇରେ ଆମ ରାଜ୍ୟର ତଥାକଥିତ ନିବେଶକ ପଛରେ ପଡ଼ିନାହାନ୍ତି। ଗତ ୯ ମାସ ମଧ୍ୟରେ ସାଇବର ଠକମାନେ ରାଜ୍ୟରୁ ୩୪୨ କୋଟି ଟଙ୍କା ଲୁଟି ନେଇଛନ୍ତି। ଅବଶ୍ୟ ଆମର ଏଠାରେ ସ୍ୱଚ୍ଛଳ ବର୍ଗଙ୍କ ସଂଖ୍ୟା ଅପେକ୍ଷାକୃତ କମ ହୋଇଥିବାରୁ ନିବେଶ ପରିମାଣ କମ ଏବଂ ଠକି ହୋଇଥିବା ଲୋକଙ୍କ ସଂଖ୍ୟା ୩୭ ହଜାର। ଏକଥା ସତ ଯେ ସାଇବର ସେଲ କିଛି ହାତ ଗଣତି ଠକଙ୍କୁ ଧରିବାକୁ ସକ୍ଷମ ହୋଇଛି ଏବଂ ଏ ପ୍ରକାର ଠକେଇ କମିବା ପରିବର୍ତ୍ତେ ବଢୁଛି।

ଅତିରିକ୍ତ ଫାଇଦା ଭଳି ମରୀଚିକା ପଛରେ ଧାଇଁଥିବା ଲୋକଙ୍କ ସଂଖ୍ୟା ବଢୁଛି କାହିଁକି? ଆର୍ଥିକ ସ୍ଥିତିର ଅନିଶ୍ଚିତତା, ଦିନକୁ ଦିନ ବ୍ୟୟଭାର ବୃଦ୍ଧି ଏବଂ ବ୍ୟାଙ୍କରେ ଥିବା ଜମାରାଶିର ସୁଧହାର ହ୍ରାସ ଯୋଗୁଁ ନିବେଶର ବିକଳ୍ପ ପନ୍ଥାକୁ ଆଦରି ନେଉଛନ୍ତି ଲୋକେ। ସାମାଜିକ ଗଣମାଧ୍ୟମରେ ସକ୍ରିୟତା ବୃଦ୍ଧି ପାଇଛି। ତେଣୁ ଫୋନ ନମ୍ବର ଓ ଠିକଣା ହାସଲ କରିବାରେ ସାଇବର ଠକଙ୍କ ପାଇଁ ସେଭଳି ଅସୁବିଧା ନାହିଁ। ନିବେଶ ମାଧ୍ୟମରେ ଅତିରିକ୍ତ ଲାଭ ହାସଲର ସୁଯୋଗ ସଂକ୍ରାନ୍ତ ମନଲୋଭା ବିଜ୍ଞାପନ ମାଧ୍ୟମରେ କ୍ରମାଗତ ପ୍ରଲୁବ୍ଧ କରୁଥିବା ଏହି ଠକମାନେ ଆବଶ୍ୟକ ସ୍ଥଳେ ଲୋକଙ୍କ ମୋବାଇଲକୁ ଲିଙ୍କ ପଠାଇ ସିଧାସଳଖ ଯୋଗାଯୋଗ ଆରମ୍ଭ କରୁଛନ୍ତି। ହାତପାଆନ୍ତାରେ ମିଳୁଥିବା ଏହି ସୁଯୋଗକୁ ଲୋକେ ହାତଛଡ଼ା କରୁନାହାନ୍ତି। ଠକଙ୍କ ଏହି ବ୍ୟୂହରେ ଥରେ ଫସିଗଲେ ଆଉ ମୁକ୍ତିନାହିଁ। ତେଣିକି ଆଖି ପିଛୁଳାକେ ସେମାନେ ଆକାଉଣ୍ଟରୁ ଜମାରାଶି ଲୁଟି ନେଉଛନ୍ତି। ସବୁଠାରୁ ଉଦ୍‌ବେଗର ବିଷୟ ହେଲା, ଗତ ଦୁଇମାସ ମଧ୍ୟରେ ଆମ ରାଜ୍ୟରୁ ଏହି ସାଇବାର ଠକମାନେ ୧୧୦ କୋଟି ଟଙ୍କା ଲୁଟି ନେଉଣି। ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ତଥ୍ୟ ଅନୁଯାୟୀ ସିଲକନ୍ ସିଟି ବେଙ୍ଗାଲୁରୁ, ଦିଲ୍ଲୀ-ଏନସିଆର ଓ ହାଇଦରାବାଦରେ ଏହି ସାଇବର ଅପରାଧ ସବୁଠାରୁ ଅଧିକ।

ଏଠାରେ ଦୁଇଟି କଥା ଉଦ୍‌ବେଗ ସୃଷ୍ଟି କରୁଛି। ସାଇବର ସେଲ ବିଦେଶରେ ସକ୍ରିୟ ଥିବା ଠକଙ୍କ ଚେରକୁ ଉପାଡ଼ିବା ଏତେ ସହଜ ନୁହେଁ। ତେଣୁ ଜନସାଧାରଣ ସଚେତନ ନ ହେବା ପର୍ଯ୍ୟନ୍ତ ଏ ଅପରାଧକୁ ରୋକିବା ସହଜ ନୁହେଁ। ଦ୍ୱିତୀୟତଃ, ବିଭିନ୍ନ ତଥ୍ୟ ମାଧ୍ୟମରେ ଆମେ ଆମର ସମସ୍ତ ଗୋପନୀୟ ତଥ୍ୟ ହସ୍ତାନ୍ତର କରିସାରିଛେ। ସମସ୍ତ ପ୍ରତିଶ୍ରୁତି ସତ୍ତ୍ୱେ ସେହି ଗୋପନୀୟ ତଥ୍ୟ କ୍ରମାଗତ ଭାବେ ପ୍ରଘଟ ହେଉଛି ଏବଂ ସାଇବର ଠକମାନେ ତାହାର ସୁଯୋଗ ନେଇ ଆମକୁ ଲୁଟିଚାଲିଛନ୍ତି। ଏଭଳି ସ୍ଥିତିରେ ଆମେ ପ୍ରତିକାର ଆଶା କରିବା ବୃଥା। ●

## ପାକ୍ ଆଣବିକ କୂଟନୀତି

ପାକିସ୍ତାନର ଆଣବିକ କୂଟନୀତିର କିଛି ଗୋପନତଥ୍ୟ ଉନ୍ମୋଚନ କରିଛନ୍ତି ସିଆଇଏର ପୂର୍ବତନ ଅଧିକାରୀ ଜନ କିରିଆକୁ। ଆମେରିକା, ସାଉଦୀ ଆରବ ଓ ପାକିସ୍ତାନର ତ୍ରିମୁଖୀ ସଂପର୍କର ଭିତ୍ତିଭୂମି ଯେ ଆଣବିକ ଅସ୍ତ୍ରଶସ୍ତ୍ର, ତାହା ଜନଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଯାଇଛି। ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ 'ଅପରେସନ ସିନ୍ଦୂର'ର ନିର୍ଣ୍ଣାୟକ ଆକ୍ରମଣ ପରେ ଆମେରିକାର ଭାରତ ବିରୋଧୀ ଭୂମିକାରେ ପାକିସ୍ତାନକୁ ପ୍ରୟୋଗ କରିବା ଏବଂ ପରବର୍ତ୍ତୀ ଅବସ୍ଥାରେ ମଧ୍ୟପ୍ରାଚ୍ୟ କୂଟନୀତିରେ ହସ୍ତକ୍ଷେପ କରି ସାଉଦୀ ଆରବକୁ ଇସଲାମାବାଦର ସମର୍ଥନ ଦେବା ଭଳି ଘଟଣାକ୍ରମ ଏପର୍ଯ୍ୟନ୍ତ ଅସ୍ପଷ୍ଟ ଥିଲା। କିନ୍ତୁ ଜନ୍ ସମ୍ବାଦ ସରବରାହ ସଂସ୍ଥା ଏଏନ୍‌ଆଇକୁ ଦେଇଥିବା ସାକ୍ଷାତକାର ଆମେରିକା ଏହି ଦୋହରା ନୀତିକୁ ସ୍ପଷ୍ଟ କରିଛି। ପାକ୍ ଆଣବିକ ଅସ୍ତ୍ରର ନିୟନ୍ତ୍ରଣ କ୍ଷମତା ଆମେରିକାକୁ ପ୍ରଦାନ କରିଥିଲେ ପୂର୍ବତନ ରାଷ୍ଟ୍ରପତି ପରଭେଜ୍ ମୁସାରଫ। ଏଥିରୁ ସ୍ପଷ୍ଟ ଯେ ପାକିସ୍ତାନରେ ମହଜୁଦ ଥିବା ଆଣବିକ ଅସ୍ତ୍ରଶସ୍ତ୍ର ଓ କାର୍ଯ୍ୟକ୍ରମ ସଂକ୍ରାନ୍ତ ସମସ୍ତ ତଥ୍ୟ ଆମେରିକା ନିକଟରେ ଅଛି। 'ଅପେରେସନ ସିନ୍ଦୂର' ସମୟରେ ଭାରତର କ୍ଷେପଣାସ୍ତ୍ର ମାଡ଼ରେ ନୁରଖାନ୍ ବିମାନ କେନ୍ଦ୍ର ଓ ତତ୍‌ସଂଲଗ୍ନ କିରାନା ହିଲ୍‌ସରେ ଆଣବିକ ମହଜୁଦ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଥିବା ଖବରକୁ ଉଭୟ ପକ୍ଷ ଅସ୍ୱୀକାର କରିଥିଲେ ମଧ୍ୟ ଆମେରିକାର ବି-୩୫୦ ବିମାନରୁ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବା ଘଟଣାକ୍ରମକୁ ଉପରୋକ୍ତ ତଥ୍ୟ ସହ ସଂଯୋଗ କରିଦେଲେ ପାକିସ୍ତାନ-ଆମେରିକା ଆଣବିକ କୂଟନୀତିର ଅସଲ ଚରିତ୍ର ସ୍ପଷ୍ଟ ହେବ।

ଆଣବିକ ତେଜସ୍କ୍ରିୟ ବିକିରଣକୁ ନିୟନ୍ତ୍ରଣ କରିବା ସକାଶେ ମିଶରର ସାମରିକ ପରିବହନ ବିମାନ ମାଧ୍ୟମରେ ସଂଗୃହୀତ ବୋରନ୍ ପାକିସ୍ତାନରେ ଖାଲି କରି ଫେରି ଯାଇଥିବା ଘଟଣାକୁ ତ ଅସ୍ୱୀକାର କରିହେବନି। ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ଆମେରିକାର ଉପରାଷ୍ଟ୍ରପତି ଜେ.ଡି ଭାନ୍ସ ତୁରନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଲୋଚନା କରିଥିଲେ। ଘଟଣାକ୍ରମକୁ ଅନୁଧ୍ୟାନ କଲେ, ସ୍ପଷ୍ଟ ମନେ ହୁଏ ଯେ ଯୁଦ୍ଧ ବିରାମ ସକାଶେ ପାକିସ୍ତାନ ପକ୍ଷରୁ ହସ୍ତକ୍ଷେପ ପାଇଁ ଅନୁରୋଧ କରାଯାଇଥିଲା। ଅନ୍ୟପକ୍ଷରେ ସେଠାକାର ଆତଙ୍କବାଦୀ କେନ୍ଦ୍ରଗୁଡ଼ିକୁ ଭାରତର ବାୟୁସେନା ଧ୍ୱଂସ କରି ବିପୁଳ କ୍ଷତି ଘଟାଇ ସାରିଥିଲା। ତେଣୁ ଚାପରେ ପଡ଼ି ଭାରତ ସାଲିସ କରିବାର ପ୍ରଶ୍ନ ଉଠୁ ନାହିଁ। ଆମେରିକାର କୂଟନୈତିକ ସଂପର୍କ ଉପରେ ମତାମତ ଦେଇ ଜନ୍ କହିଛନ୍ତି ଯେ ୱାଶିଂଟନ ଏକଛତ୍ରବାଦୀଙ୍କ ସହ ବିନା ଦ୍ୱିଧାରେ କାର୍ଯ୍ୟ କରିଆସିଛି। ଅଥଚ ସମଗ୍ର ବିଶ୍ୱକୁ ଗଣତନ୍ତ୍ର ଓ ମାନବବାଦର ସୁରକ୍ଷା ନେଇ ଆଦର୍ଶର ବାର୍ତ୍ତା ଦେଇଥାଏ। ଅସଲରେ ଆମେରିକା ନିଜର ସ୍ୱାର୍ଥକୁ ସବୁ ପ୍ରସଙ୍ଗରେ ପ୍ରାଥମିକତା ଦେଇଆସିଛି। ପାକିସ୍ତାନକୁ ସାମରିକ ଓ ଆର୍ଥିକ ସହାୟତା ଦେଇ ଆମେରିକା ମୁଶରଫଙ୍କ ନେତୃତ୍ୱକୁ ନିଜ ସ୍ୱାର୍ଥରକ୍ଷା ପାଇଁ ବ୍ୟବହାର କରୁଥିଲା। ସେହିଭଳି ପାକିସ୍ତାନର ଆଣବିକ ଜନକ ବୈଜ୍ଞାନିକ ଅବଦୁଲ୍ କାଦିର ଖାନ୍‌ଙ୍କୁ ହତ୍ୟା କରିବାର ଯୋଜନାକୁ ଆମେରିକା ଶେଷ ମୁହୂର୍ତ୍ତରେ ସାଉଦୀ ଆରବର ଅନୁରୋଧ କ୍ରମେ ପ୍ରତ୍ୟାହାର କରିଥିଲା। ଏଠାରେ ଏହି ତଥ୍ୟ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା ପାକିସ୍ତାନର ଆଣବିକ କୂଟନୀତିର ଦୁଇ ପ୍ରମୁଖ ଅଙ୍ଗ ହେଲେ ଆମେରିକା ଓ ସାଉଦୀ ଆରବ। ତେଣୁ ଏବର ପରିବର୍ତ୍ତିତ ଦୃଶ୍ୟପଟ୍ଟ ହିଁ ହେଉଛି ସେହି ପୁରୁଣା ସଂପର୍କର ଅଂଶବିଶେଷ।

ଜନ ଆମେରିକାର ସିଆଇଏ ପକ୍ଷରୁ ପାକିସ୍ତାନର ଆତଙ୍କବାଦ ନିରୋଧୀ ଅଭିଯାନର ତଦାରଖ ପାଇଁ ୧୫ ବର୍ଷ ଧରି କାର୍ଯ୍ୟ କରିଥିଲେ। କୂଟନୀତିର ଦିଗ ପରିବର୍ତ୍ତନକୁ ସେ ଅତି ନିକଟରୁ ଅନୁଧ୍ୟାନ କରିଆସିଛନ୍ତି। ତେଣୁ ଆମେରିକା କୂଟନୈତିକ ପ୍ରତାରଣା ସଂପର୍କରେ ସେ ତଥ୍ୟ ଉପସ୍ଥାପନ କଲା ବେଳେ ସଂପ୍ରତି ବଦଳୁଥିବା ବୈଶ୍ୱିକ ସମୀକରଣ ପଛରେ ଭାରତ, ଚୀନ ଓ ସାଉଦୀ ଆରବ ଭଳି ରାଷ୍ଟ୍ର ରଣନୀତିକ ଭୂମିକାର ସମୀକ୍ଷା ସହ ଆଭିମୁଖ୍ୟ ପରିବର୍ତ୍ତନର ବଡ଼ ଭୂମିକା ରହିଛି। ●

# ପେନସନ ଅନୁକମ୍ପା ନୁହେଁ, ଅଧିକାର

ବୃହସ୍ପତି ସାମଲ

ନିକଟରେ ପ୍ରକାଶିତ 'ମର୍ସରସିଏଫ୍‌ଏ ଇନଷ୍ଟିଚ୍ୟୁଟ୍ ଗ୍ଲୋବାଲ ପେନସନ ଇଣ୍ଡେକ୍ସ ୨୦୨୫' ଭାରତର ଅତ୍ୟନ୍ତ ଦୁର୍ବଳ ଓ ଅସୁସ୍ଥ ପେନସନ ପ୍ରଣାଳୀ ଉପରେ ଆଲୋକପାତ କରିବା ସହ ତୁର୍କୀ, ଫିଲିପାଇନ୍ସ, ଥାଇଲ୍ୟାଣ୍ଡ ଓ ଆର୍ଜେଣ୍ଟିନା ସହ ଭାରତକୁ ସବୁଠୁ ନିକୃଷ୍ଟ ପ୍ରଦର୍ଶକାରୀ ପାଞ୍ଚଟି ଦେଶ ମଧ୍ୟରେ ସ୍ଥାନିତ କରିଛି। ଏହି ରିପୋର୍ଟ ଅନୁଯାୟୀ ବୟସ୍କ ନାଗରିକଙ୍କ ଆର୍ଥିକ ନିରାପତ୍ତା ବିଷୟରେ ଭାରତ ଏକ ଭୟାବହ ଅସମନ୍ୱୟ ପରିସ୍ଥିତିରେ ରହିଛି। ପୂର୍ବ ବର୍ଷର ୪୪ ଅଙ୍କରୁ ଟିକିଏ ତଳକୁ ଖସି ଭାରତ ୪୩.୮ ଅଙ୍କ (ବିଶ୍ୱର ହାରାହାରି ଅଙ୍କ ୬୪.୫ରୁ ଯଥେଷ୍ଟ କମ୍) ସହ ବିଶ୍ୱର ସବୁଠୁ ନିମ୍ନ ଶ୍ରେଣୀ 'ଡି'ରେ ସ୍ଥାନିତ ହୋଇଛି। ସିଙ୍ଗାପୁର, ହଂକଂ ଓ ମାଲେସିଆ ଭଳି ଏସିଆର ଦେଶଗୁଡ଼ିକ, ଯେଉଁଠି ୮୦.୮, ୭୦.୬ ଓ ୬୦.୬ ଅଙ୍କ ପାଇଛନ୍ତି, ସେହି ତୁଳନାରେ ଭାରତ ବହୁତ ପଛରେ ରହିଛି। 'ପର୍ଯ୍ୟାପ୍ତତା' (୪୦%), 'ସ୍ଥାୟିତ୍ୱ' (୩୫%) ଓ 'ସାଧୁତା' (୨୫%) ଭଳି ତିନୋଟି ପରିମାପକ ଉପରେ ଆଧାରିତ ମୂଲ୍ୟାଙ୍କନ ଭାରତୀୟ ପେନସନ ବ୍ୟବସ୍ଥାର ସମସ୍ତ ପାରିପାର୍ଶ୍ୱିକ ପ୍ରଣାଳୀକୁ ପ୍ରଭାବିତ କରୁଥିବା ଗଭୀର ସଂରଚନାତ୍ମକ ଦୋଷଦୁର୍ବଳତା ଓ ଶାସନଗତ ଅପାରଗତାକୁ ପ୍ରକାଶ କରିଛି।

ପୃଥିବୀର ବାଉନଟି ଦେଶରେ ବାସ କରୁଥିବା ବିଶ୍ୱର ସମୁଦାୟ ଜନସଂଖ୍ୟାର ପ୍ରାୟ ପଞ୍ଚଷଠି ଶତାଂଶକୁ ନେଇ 'ଗ୍ଲୋବାଲ ପେନସନ ଇଣ୍ଡେକ୍ସ ୨୦୨୫' ଏହି ମୂଲ୍ୟାୟନ କରିଛି, ଯେଉଁଥିରେ ଭାରତର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। 'ପର୍ଯ୍ୟାପ୍ତତା' ପରିମାପକ, ଯାହା ବୟସ୍କ ନାଗରିକମାନଙ୍କର ଉପଯୁକ୍ତ ଜୀବନଯାପନ ପାଇଁ ଆବଶ୍ୟକ ପ୍ରକୃତ ସେବାନିବୃତ୍ତ ଆୟର ପରିମାଣକୁ ନିର୍ଦ୍ଧାରିତ କରେ, ସେଥିରେ ଭାରତ ମାତ୍ର ୩୪.୭ ଅଙ୍କ ପାଇ ନିମ୍ନତମ 'ଇ' ଶ୍ରେଣୀରେ ରହିଛି, ଯାହା ପ୍ରକାଶ କରେ ଯେ ଅଧିକାଂଶ ଅବସରପ୍ରାପ୍ତ ନାଗରିକ ଯଥେଷ୍ଟ ଆୟ ବିନା ବଞ୍ଚିବାକୁ ବାଧ୍ୟ। ସେହିଭଳି 'ସ୍ଥାୟିତ୍ୱ' ପରିମାପକରେ ୪୩.୮ ଅଙ୍କ ସହିତ ଭାରତ 'ଡି' ଶ୍ରେଣୀରେ ରହିଛି, ଯାହା ସ୍ପଷ୍ଟ କରୁଛି ଯେ ଭାରତର ପେନସନ ଅର୍ଥନୀତି ଆଗାମୀ ଜନସଂଖ୍ୟା ବୃଦ୍ଧି ଓ ଆର୍ଥିକ ଚାପକୁ ସାମ୍ନା କରିବାରେ ଅସମର୍ଥ। ଅଧିକନ୍ତୁ 'ସାଧୁତା' ପରିମାପକରେ ୫୮.୪ ଅଙ୍କ ସହ ଭାରତ 'ସି' ଶ୍ରେଣୀରେ ଥିଲେ ମଧ୍ୟ ପ୍ରଶାସନିକ ସ୍ୱଚ୍ଛତା ଓ ନିୟମନ ସମ୍ପର୍କରେ ଦୃଢ଼ତାର ଅଭାବକୁ ସ୍ପଷ୍ଟ କରିଛି। ଅପରପକ୍ଷରେ ମଜଭୂତ ଓ ସ୍ଥାୟୀ ପେନସନ ବ୍ୟବସ୍ଥା ପାଇଁ ନେଦରଲ୍ୟାଣ୍ଡ (୮୫.୪), ଆଇଲ୍ୟାଣ୍ଡ (୮୪.୦), ଡେନମାର୍କ (୮୨.୩), ସିଙ୍ଗାପୁର (୮୦.୮) ଓ ଇସ୍ରାଏଲ (୮୦.୩) ଭଳି ଦେଶଗୁଡ଼ିକ ଚଳିତ ବର୍ଷର ଶ୍ରେଷ୍ଠ ପ୍ରଦର୍ଶନକାରୀ ଦେଶ ଭାବରେ 'ଏ' ଶ୍ରେଣୀରେ ଥିବା ସହିତ ସମତୁଲ ହାରାହାରି ସୁବିଧା ଓ ଦୀର୍ଘକାଳୀନ ଅର୍ଥନୈତିକ ସୁସ୍ଥିତି ସହ ଜନସାଧାରଣଙ୍କ ଭରସା ଜିତିବାରେ ସମର୍ଥ ହୋଇଛନ୍ତି।

ଭାରତର ପେନସନ ବ୍ୟବସ୍ଥା ଏକ ସୀମିତ ନିର୍ଦ୍ଧାରିତ ଲାଭ ଯୋଜନା ଏବଂ ଖଣ୍ଡିତ ନିର୍ଦ୍ଧାରିତ ଅବଦାନ ପ୍ରଣାଳୀର ମିଶ୍ରଣ। ଭାରତରେ ଏମ୍ପ୍ଲଏୟଜ୍ ପ୍ରୋଭିଡେଣ୍ଟ ଫଣ୍ଡ (ଇପିଏଫ୍), ଏମ୍ପ୍ଲଏୟଜ୍ ପେନସନ ସ୍କିମ (ଇପିଏସ୍) ଏବଂ ସେହିଭଳି କିଛି ବୃତ୍ତିଗତ ସାମାଜିକ ସୁରକ୍ଷା ଯୋଜନା ଏକ ଅସମତୁଲ ସଂରଚନା ସୃଷ୍ଟି କରି ବୟସ୍କ ନାଗରିକଙ୍କୁ ସାର୍ବଜନୀନ ତଥା ପର୍ଯ୍ୟାପ୍ତ ସୁରକ୍ଷା ଦେବାରେ ବିଫଳ। ରିପୋର୍ଟ ଅନୁଯାୟୀ ଭାରତର ମୋଟ ଶ୍ରମିକ ଶ୍ରେଣୀର ୯୦% ନିୟୋଜିତ ଥିବା ଅସଂଗଠିତ କ୍ଷେତ୍ରର କର୍ମଚାରୀମାନଙ୍କ ପାଖରେ ନିହାତି ସ୍ୱଳ୍ପ ଅଥବା କୌଣସି ନିୟମିତ ପେନସନ ସୁବିଧା ନାହିଁ। ଭାରତରେ ପେନସନ ଯୋଜନାର ଅସଫଳତା ମୂଳରେ ତିନୋଟି ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି।

ପ୍ରଥମତଃ, ଅସଂଗଠିତ କ୍ଷେତ୍ରରେ ନିଯୁକ୍ତଙ୍କ ମଧ୍ୟରେ ପେନସନ ସୁବିଧା ଅତ୍ୟନ୍ତ ସୀମିତ। ତଥ୍ୟ ଅନୁଯାୟୀ, ଭାରତରେ ବର୍ତ୍ତମାନ କେବଳ ୨୯% ବୟସ୍କ ନାଗରିକ ପେନସନ ପାଉଛନ୍ତି। ଦ୍ୱିତୀୟତଃ, ଦେଶର ଅର୍ଥନୈତିକ ବାଧ୍ୟବାଧକତା, ଯାହା କ୍ରମାଗତ ଦାବି ସତ୍ତ୍ୱେ ସର୍ବନିମ୍ନ ସାର୍ବଜନୀନ ପେନସନ ଯୋଜନା ଲାଗୁ କରିବା ନେଇ ସରକାରଙ୍କ କ୍ଷମତାକୁ ସଙ୍କୁଚିତ କରୁଛି। ଏହି ପରିପ୍ରେକ୍ଷୀରେ ବିଶେଷଜ୍ଞମାନଙ୍କ ମତ ହେଲା ଯେ ସିଙ୍ଗାପୁର ଯେମିତି ନିଜର ପେନସନ୍ ବ୍ୟବସ୍ଥାକୁ 'ସି' ଶ୍ରେଣୀରୁ 'ଏ' ଶ୍ରେଣୀକୁ ଉର୍ଣ୍ଣୀତ କରେଇବାକୁ ଦୀର୍ଘ ୧୬ ବର୍ଷ ଧରି ପର୍ଯ୍ୟାୟଭିତ୍ତିକ ଅର୍ଥନୈତିକ ସାବଧାନତା ଅବଲମ୍ବନ କରିଥିଲା, ଭାରତକୁ ସେହିଭଳି ସୂତ୍ର ଆପଣେଇବାର ଆବଶ୍ୟକତା ରହିଛି। ତୃତୀୟତଃ, ମୂଲ୍ୟବୃଦ୍ଧି ଓ ଚିକିତ୍ସା ଖର୍ଚ୍ଚ ବୃଦ୍ଧି ସହିତ ଉଚିତ୍ ମୂଲ୍ୟସୂଚୀ ସମନ୍ୱୟର ଅଭାବ ଯୋଗୁଁ ପେନସନ ମୂଲ୍ୟର କ୍ରମାଗତ ଅବନତି ପର୍ଯ୍ୟାପ୍ତତାର ହ୍ରାସକୁ ପ୍ରମାଣିତ କରୁଛି।

ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଭାରତ ଏକ ସଙ୍କଟମୟ ପରିସ୍ଥିତି ଆଡ଼କୁ ଅଗ୍ରସର ହେଉଛି। 'ଏଜିଂ ରିପୋର୍ଟ-୨୦୨୩' ଅନୁସାରେ ଏବେ ଭାରତର ଜନସଂଖ୍ୟାର ୧୦%ରୁ ଅଧିକ ୬୦ ବର୍ଷ ବୟସରୁ ଉର୍ଦ୍ଧ୍ୱରେ, ଯାହା ୨୦୫୦ ସୁଦ୍ଧା ଦୁଇଗୁଣା (୨୦%) ହୋଇ ୩୪.୭ କୋଟିରେ ପହଞ୍ଚିବ। ପାରିବାରିକ ସହାୟତା ଓ ସହାନୁଭୂତି ହ୍ରାସ ଏବଂ ସ୍ୱାସ୍ଥ୍ୟ ସେବା ଅତ୍ୟନ୍ତ ମହଙ୍ଗା ହେଉଥିବା ସମୟରେ ପେନସନ ନିରାପତ୍ତାର ଅଭାବ ଯୋଗୁଁ ବୟସ୍କମାନେ ଉଭୟ ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ ଅସୁରକ୍ଷିତ ମନେ କରୁଛନ୍ତି। ଏହି ପରିସ୍ଥିତି କେବଳ ଏକ ଆର୍ଥିକ ଯୋଜନାର ପ୍ରଶ୍ନ ନୁହେଁ, ବରଂ ଏକ ସାମାଜିକ ନ୍ୟାୟ ଓ ନୀତିଗତ ଦାୟିତ୍ୱର ପ୍ରଶ୍ନ। ଯଦି ଭାରତ ସୁସ୍ଥ ଓ ଶକ୍ତିଶାଳୀ ପେନସନ ବ୍ୟବସ୍ଥା ପ୍ରଚଳନ କରିବାରେ ଅସମର୍ଥ ରହେ, ତେବେ ଖୁବଶୀଘ୍ର ଏହା ନିଃସନ୍ଦେହରେ ଏକ 'ବୟସ୍କ ଗରିବ'ମାନଙ୍କ ଦେଶରେ ପରିଣତ ହେବ। ଏ ସମସ୍ୟାର ସମାଧାନ କ୍ଷେତ୍ରରେ 'ସେଣ୍ଟ୍ରାଲ ପ୍ରୋଭିଡେଣ୍ଟ ଫଣ୍ଡ' ଜରିଆରେ ସିଙ୍ଗାପୁରର ପେନସନ ବ୍ୟବସ୍ଥାର ରୂପାନ୍ତରଣ ଏକ ବଡ଼ ଉଦାହରଣ। ଏକ ଅନିବାର୍ଯ୍ୟ ଓ ସମ୍ପୂର୍ଣ୍ଣ ଅଂଶଦାନଭିତ୍ତିକ ପ୍ରଣାଳୀରେ ଅବସର, ସ୍ୱାସ୍ଥ୍ୟ ଓ ଆବାସ ଭଳି ତିନୋଟି ମୂଳ ସୁରକ୍ଷାକୁ ସୁନିଶ୍ଚିତ କରି ସାର୍ବଜନୀନ ଅଂଶଗ୍ରହଣ, ସଠିକ ନିବେଶ ନୀତି ଓ ସୁନିଶ୍ଚିତ ଫେରସ୍ତ ଯୋଜନା ଭିତ୍ତିରେ ସିଙ୍ଗାପୁର ଆଜି ବିଶ୍ୱର ଶୀର୍ଷ ସ୍ଥାନରେ। ସେହିଭଳି ନେଦରଲ୍ୟାଣ୍ଡ ଓ ଡେନମାର୍କ ଶକ୍ତିଶାଳୀ ସରକାରୀ-ବେସରକାରୀ ସମନ୍ୱୟ, ବାଧ୍ୟତାମୂଳକ ସଞ୍ଚୟ ଓ ମୁଦ୍ରାସ୍ଫୀତି ଓ ଜୀବନ ପ୍ରତ୍ୟାଶାକୁ ପ୍ରତିଫଳିତ କରୁଥିବା ନିୟମିତ ସମଯୋଜନ ମାଧ୍ୟମରେ ଉଚ୍ଚତମ ପେନସନ ପର୍ଯ୍ୟାପ୍ତତାକୁ ରଖିପାରିଛନ୍ତି।

ପେନସନ୍ ବ୍ୟବସ୍ଥାରେ ଭାରତର ଅବନତି ଏକ ଅକସ୍ମାତ ଘଟଣା ନୁହେଁ, ବରଂ ନୀତିର ନିରନ୍ତର ଅବହେଳା, ଖଣ୍ଡିତ କାର୍ଯ୍ୟାନ୍ୱୟନ ଏବଂ ସମନ୍ୱିତ ଦୀର୍ଘକାଳୀନ ଦୃଷ୍ଟିକୋଣ ଅଭାବର କୁପରିଣାମ। ସରକାରୀ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଓ ଅଟଳ ପେନସନ ଯୋଜନା ଭଳି ସରକାରୀ ଯୋଜନାଗୁଡ଼ିକରେ ଅସଂଗଠିତ କ୍ଷେତ୍ରର ଅଳ୍ପ କିଛି କର୍ମଚାରୀ ଯୋଡ଼ି ହୋଇଥିବା ବେଳେ ବୃଦ୍ଧାବସ୍ଥାରେ ସମ୍ମାନର ସହ ବଞ୍ଚିବା ପାଇଁ ସେମାନଙ୍କ ଅଂଶଦାନ ଓ ପେନସନ ରାଶି ଅତ୍ୟନ୍ତ ଅଳ୍ପ। ଅଧିକନ୍ତୁ ଅନେକ ବେସରକାରୀ କର୍ମଚାରୀ ନିଜ ଇପିଏଫ୍ ଟଙ୍କାକୁ ଚାକିରି କାଳ ଭିତରେ ଉଠାଇ ନେଇ ଅବସରକାଳୀନ ନିରାପତ୍ତାର ପ୍ରକୃତ ଉଦ୍ଦେଶ୍ୟକୁ ନଷ୍ଟ କରୁଛନ୍ତି। ଏହି ସଂକଟରୁ ମୁକ୍ତି ପାଇବା ପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଏବଂ ସଂସ୍ଥାଗତ ସୁଧାର ଓ ପୁନର୍ଗଠନ ଆବଶ୍ୟକ। ଏହି କ୍ରମରେ ବୟସ୍କ ଦରିଦ୍ରଙ୍କ ପାଇଁ ପେନସନର ଏକ ସର୍ବନିମ୍ନ ସୀମା ପ୍ରଣୟନ କରାଯିବା ଆବଶ୍ୟକ, ଯାହା ବୃଦ୍ଧାବସ୍ଥାରେ ଦାରିଦ୍ର୍ୟରୁ ରକ୍ଷା କରିପାରିବ। ରାଜ୍ୟ ସହାୟତା ଦ୍ୱାରା ପ୍ରେରିତ ଅଭିନବ ସୂକ୍ଷ୍ମ ସହଯୋଗ ଯୋଜନା ମାଧ୍ୟମରେ ଅସଂଗଠିତ ଶ୍ରମିକମାନଙ୍କୁ ଅଧିକରୁ ଅଧିକ ପେନସନ ପରିସରଭୁକ୍ତ କରିବାର ଆବଶ୍ୟକତା ମଧ୍ୟ ରହିଛି। ପେନସନ ଲାଭଗୁଡ଼ିକୁ କେବଳ ପେନସନ ପାଇଁ ସୁରକ୍ଷିତ ରଖି ସର୍ବନିମ୍ନ ପ୍ରବେଶ ବୟସ ନିର୍ଦ୍ଧାରଣ ଜରିଆରେ ଆଗୁଆ ଉଠାଣ ନିରୁତ୍ସାହିତ ହେବା ଉଚିତ। ପିଏଫଆରଡିଏ ଅଧୀନରେ ନିୟମାନୁସୂଚନାକୁ ସୁଦୃଢ଼ କରିବା ଏବଂ ପେନସନ ତହବିଲକୁ ସାବଧାନତାର ସହ ଭିନ୍ନ ଭିନ୍ନ କ୍ଷେତ୍ରରେ ନିବେଶ ପାଇଁ ଅନୁମତି ଦେବା ଦ୍ୱାରା ଉଭୟ ଭବିଷ୍ୟତର ଲାଭ ଓ ସ୍ଥିରତାକୁ ବୃଦ୍ଧି କରାଯାଇପାରିବ। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଲା ଆର୍ଥିକ ସାକ୍ଷରତା ଓ ସେବାନିବୃତ୍ତି ପରିକଳ୍ପନା ପାଇଁ ଏକ ରାଷ୍ଟ୍ରବ୍ୟାପୀ ସଚେତନତା ଅଭିଯାନ ଆବଶ୍ୟକ, ଯାହା ଦୀର୍ଘକାଳୀନ ସଞ୍ଚୟକୁ ପରିବାରର ଏକ ସାଧାରଣ ଅଭ୍ୟାସରେ ପରିଣତ କରିପାରିବ।

ମର୍ସର୍ ଇଣ୍ଡେକ୍ସରେ ଭାରତର ୪୩.୮ ଅଙ୍କ ପାଇବା କେବଳ ଏକ ସଂଖ୍ୟାମାପକ ନୁହେଁ, ବରଂ ଭାରତୀୟ ସମାଜ ତା'ର ବୟସ୍କ ନାଗରିକଙ୍କ ପ୍ରତି କିପରି ସମ୍ମାନ ଓ ବ୍ୟବହାର ପ୍ରଦର୍ଶନ କରୁଛି, ତାହାର ଏକ ନିଛକ ପ୍ରତିବିମ୍ବ। ଉଚ୍ଚତମ ନ୍ୟାୟାଳୟ ସଠିକ ଭାବେ ଦର୍ଶାଇଛନ୍ତି ଯେ ପେନସନ ଏକ ଦାନ କିମ୍ବା ଅନୁକମ୍ପାମୂଳକ ସହାୟତା ରାଶି ନୁହେଁ, ବରଂ ନାଗରିକଟିଏ ନିଜର ଯୌବନ କାଳରେ ବର୍ଷ ବର୍ଷ ଧରି ସମାଜ ଓ ସରକାରଙ୍କୁ ଦେଇଥିବା ପରିସେବା ବଦଳରେ ଏହା ତା'ର ଉପାର୍ଜିତ ସାମ୍ବିଧାନିକ ଅଧିକାର। ଯେଉଁ ରାଷ୍ଟ୍ର ଏକ ବିଶ୍ୱସ୍ତରୀୟ ଆର୍ଥିକ ଶକ୍ତି ହେବାକୁ ଚାହୁଁଛି, ତା'ର ନାଗରିକମାନେ ସମ୍ମାନ ଓ ସୁରକ୍ଷା ବିନା ବୟସର ସାୟାହ୍ନରେ ଅସୁରକ୍ଷିତ ରହିବା ଆଦୌ ଗ୍ରହଣଯୋଗ୍ୟ ନୁହେଁ। ତେଣୁ ଭାରତୀୟ ପେନସନ ବ୍ୟବସ୍ଥାରେ ସୁଧାର ପ୍ରଶାସନିକ ସଂଶୋଧନର ଊର୍ଦ୍ଧ୍ୱରେ ଉଭୟ ମାନସିକ ଓ ସାମାଜିକ ଆବଶ୍ୟକତା ଭାବେ ଦେଖାଯିବା ଦରକାର। ପେନସନକୁ ଏକ ସୁବିଧା ଭାବରେ ନଦେଖି ଅଧିକାର ଭାବରେ ଦେଖିଲେ ହିଁ, ଭାରତ 'ଡି' ଶ୍ରେଣୀରୁ 'ଏ' ଶ୍ରେଣୀକୁ ଉନ୍ନୀତ ହୋଇପାରିବ। ପେନସନ ସୁରକ୍ଷା କେବଳ ଜଣେ ବୟସ୍କଙ୍କ ପ୍ରଶ୍ନ ନୁହେଁ, ଏହା ଭାରତର ସାମାଜିକ ଆତ୍ମା ଓ ମାନବୀୟ ମର୍ଯ୍ୟାଦାର ପରୀକ୍ଷା। ●

(ସାଧାରଣ ସମ୍ପାଦକ, କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ)
ଭୁବନେଶ୍ୱର, ମୋ: ୯୪୩୭୦୨୨୬୬୯

# ଅନ୍ଧାରରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା

ସୁଧାକର ଦାସ

ସାମ୍ପ୍ରତିକ ସ୍ଥିତିକୁ ସମୀକ୍ଷା କଲେ ମନେ ହୁଏ ସତେଯେମିତି ଅନ୍ଧାର ଗର୍ଭରେ ଆଜି ଆମ ଶିକ୍ଷା ବ୍ୟବସ୍ଥା। ବଦଳିଛି ସରକାର, ମାତ୍ର ବଦଳିନି ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାର ସ୍ଥିତି। ସାଧାରଣ ନିର୍ବାଚନ ପୂର୍ବରୁ ବନ୍ଦ ଥିବା ସ୍କୁଲଗୁଡ଼ିକୁ ଖୋଲିବା ପାଇଁ ବର୍ତ୍ତମାନର ସରକାର ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ସାଧାରଣ ନିର୍ବାଚନ ସରିଲା। କ୍ଷମତାର ଗାଦିରେ ବସିବା ପରେ ପ୍ରତିଶ୍ରୁତି ପୂରଣ କରିବା ପରିବର୍ତ୍ତେ କଠୋର ନିଷ୍ପତ୍ତି ନେଇ ଘୋଷଣା କଲେ ରାଜ୍ୟରେ ୫୬୩୦ ଗୋଟି ବିଦ୍ୟାଳୟ ବନ୍ଦ କରାଯିବ। ଇତିମଧ୍ୟରେ ପଶ୍ଚିମ ଓଡ଼ିଶାର ୧୮୨୬ ବିଦ୍ୟାଳୟ ବନ୍ଦ କରି ଦେବା ପାଇଁ ଚିହ୍ନଟ ହୋଇଛି। ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୯୭ଟି ବିଦ୍ୟାଳୟକୁ ବନ୍ଦ ବା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ଜିଲ୍ଲା କମିଟି ସୁପାରିସ କରିଥିବା ବେଳେ ନୂଆପଡ଼ା ଜିଲ୍ଲାର ୧୫୬ଟି ବିଦ୍ୟାଳୟ ଏହି ତାଲିକାରେ ରହିଛି।

୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ବନ୍ଦ ବା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ଗତ ମାର୍ଚ୍ଚ ମାସରେ ବିଜ୍ଞପ୍ତି ଜାରି ହୋଇଥିଲା। ସେହି ଅନୁଯାୟୀ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ କମ୍ ପିଲା ଥିବା ବିଦ୍ୟାଳୟର ଭିତ୍ତିଭୂମି ଯାଞ୍ଚ କରିବା ସହ ନିକଟସ୍ଥ ବିଦ୍ୟାଳୟ ସହ ଦୂରତା ସମ୍ପର୍କରେ ସର୍ବେକ୍ଷଣ କରାଯାଇଥିଲା। ତଦନୁଯାୟୀ ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୯୭ଟି ବିଦ୍ୟାଳୟ ଚିହ୍ନଟ ହୋଇଥିବା ବେଳେ ବରଗଡ଼ ଜିଲ୍ଲାରେ ୨୭୩, ବଲାଙ୍ଗୀରରେ ୨୮୬, ବୌଦ୍ଧରେ ୧୪୫, ଝାରସୁଗୁଡ଼ାରେ ୧୦୭, ନୂଆପଡ଼ାରେ ୧୫୬, ସମ୍ବଲପୁରରେ ୨୩୩, ସୋନପୁରରେ ୧୪୪ ଓ ଦେବଗଡ଼ରେ ୮୫ଟି ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ଚିହ୍ନଟ କରାଯାଇଛି। ବିଦ୍ୟାଳୟ ଭିତ୍ତିଭୂମିର ବିକାଶ, ଶିକ୍ଷକ ନିଯୁକ୍ତି ଓ ଅପହଞ୍ଚ ଗ୍ରାମୀଣ ଅଞ୍ଚଳରେ ଶିକ୍ଷାର ବିକାଶ କରିବା ପରିବର୍ତ୍ତେ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିଦେବା ଦ୍ୱାରା ଅପହଞ୍ଚ ଅଞ୍ଚଳର ପିଲାମାନେ ଅନେକ ଅସୁବିଧା ସାମ୍ନା କରିବେ, ଏଥିରେ ସନ୍ଦେହ ନାହିଁ।

ସାମ୍ପ୍ରତିକ ସମୟରେ ଉଚ୍ଚଶିକ୍ଷାର ସ୍ଥିତି ମଧ୍ୟ ଯଦି ଆମେ ସମୀକ୍ଷା କରିବା, ତେବେ ବର୍ତ୍ତମାନ ସମୟରେ ସରକାର ନିଷ୍ପତ୍ତି ନେଇଛନ୍ତି ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରାଜ୍ୟର ୪୮୮ ଓ ୬୬୨ ବର୍ଗ ମହାବିଦ୍ୟାଳୟ ସମେତ ସଂସ୍କୃତ ମହାବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବି ପୂରଣ ବିଳମ୍ବ ହେଉଥିବାରୁ ୨୦୨୫-୨୬ ଶିକ୍ଷାବର୍ଷରେ ନିୟମିତ ପଦବି ପୂରଣ ପର୍ଯ୍ୟନ୍ତ ଅବସରପ୍ରାପ୍ତ ଶିକ୍ଷାବିତ୍ ଅତିଥି ଭାବେ ଶିକ୍ଷାଦାନ କରିବେ। ଏ ନିଷ୍ପତ୍ତି ଶିକ୍ଷିତ ଯୁବବର୍ଗ ପାଇଁ ଚିନ୍ତାର କାରଣ ସାଜିବା ସହିତ ସରକାରଙ୍କ ଦୋଷ ଦୁର୍ବଳତାକୁ ମଧ୍ୟ ସାମ୍ନାକୁ ଆଣିଛି। ମନରେ ପ୍ରଶ୍ନ ଉଠେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଯଦି ଏବେ ଅବସରପ୍ରାପ୍ତ ଶିକ୍ଷାବିତମାନଙ୍କୁ ନିଯୁକ୍ତି କରାଯାଏ ତେବେ ପିଜି, ପିଏଚଡି କରିଥିବା ଯୁବକ ଯୁବତୀ କ'ଣ କରିବେ? ଓଟିଇଟି/ଓଏସ୍‌ଟିଇଟି ପାସ୍ କରି କ'ଣ ଘରେ ବସିବେ? ଏମିତି କରିବା ଦ୍ୱାରା ଶିକ୍ଷିତ ବେକାରୀ ରାଜ୍ୟରେ ବୃଦ୍ଧି ପାଇବା ସହ ଉଚ୍ଚଶିକ୍ଷା କ୍ଷେତ୍ରରେ ନାମ ଲେଖାଇବା ପାଇଁ କେହି ଆଗ୍ରହ ପ୍ରକାଶ କରିବେନି। ଯଦି ନିଯୁକ୍ତି ମିଳିବନି, ସୁଯୋଗ ମିଳିବନି, ତେବେ ଶିକ୍ଷା ବ୍ୟବସ୍ଥା ସଫଳ ରୂପାୟନ ହେବ କେମିତି?

ରାଜ୍ୟରେ ପରୀକ୍ଷା ପରିଚାଳନାରେ ମଧ୍ୟ ଦୁର୍ନୀତିର କଥା ସମସ୍ତେ ଜାଣନ୍ତି। ଯଦି ସ୍ଥିତିରେ ସୁଧାର ନଆସେ, ତେବେ ଏ ଶିକ୍ଷା ବ୍ୟବସ୍ଥା ଲୋପ ହେବନି ବୋଲି କିଏ ବା ନିଶ୍ଚିତ କରିବ? ରାଜ୍ୟରେ ବାରମ୍ବାର ପରୀକ୍ଷା ପ୍ରଶ୍ନପତ୍ର ଲିକ ହେଉଛି, ପରୀକ୍ଷା ବାତିଲ କରାଯାଉଛି, ଦଶମ ଶ୍ରେଣୀ ପରୀକ୍ଷାଠୁ ଆରମ୍ଭ କରି ଉଚ୍ଚ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ଆୟୋଜିତ ପରୀକ୍ଷାଗୁଡ଼ିକ ଆଜି ପର୍ଯ୍ୟନ୍ତ ସଠିକ ଭାବରେ ପରିଚାଳନା କରିବାରେ ସରକାର ବିଫଳ। ସାଧାରଣ ଜନତା ପରିବର୍ତ୍ତନ ଆଣିବା ପାଇଁ ନୂଆ ସରକାର ଚୟନ କଲେ। ସରକାର ବଦଳିଛି। ହେଲେ ସ୍ଥିତି ଯେମିତି ଥିଲା, ତା'ଠାରୁ ଦୁଇ ଗୁଣା ଅଧିକ ଖରାପ ହୋଇଛି। ରାଜ୍ୟ ରାଜନୀତି ସରଗରମ। ମାତ୍ର ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ସ୍ଥିତି ଧୀରେ ଧୀରେ ଶୋଚନୀୟ ହେବାକୁ ଯାଉଛି, ସେଥିପାଇଁ କାହାର ଦୃଷ୍ଟି ନାହିଁ।

ଉଚ୍ଚ ଶିକ୍ଷା କ୍ଷେତ୍ରରେ ଯଦି ପ୍ରତିବର୍ଷ ସର୍ବେକ୍ଷଣ କରି ଖାଲିଥିବା ଅଧ୍ୟାପକ ପଦବୀ ପୂରଣ ପାଇଁ ଗୋଟିଏ ରିପୋର୍ଟ କରି ସରକାରୀ ସ୍ତରରେ ସମୀକ୍ଷା କରି ପ୍ରତିବର୍ଷ କିଛି କିଛି ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ, ତେବେ ଅନେକ ଶିକ୍ଷିତ ଯୁବବର୍ଗ ନିଯୁକ୍ତି ପାଇବେ। ରାଜ୍ୟରେ ବେକାରୀ ସମସ୍ୟା ଧୀରେ ଧୀରେ ହ୍ରାସ ହେବ। ଶିକ୍ଷା କ୍ଷେତ୍ର ସଶକ୍ତ ହେବ। ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପଇଁ ଖାଲି ଯୋଜନା କଲେ ହେବ ନାହିଁ, ବରଂ ଯୋଜନାକୁ ସଠିକ ପରିଚାଳନା କରିବାର ଆବଶ୍ୟକତା ରହିଛି। ଯୁବବର୍ଗଙ୍କ ପ୍ରତି ଦୃଷ୍ଟି ଦେଇ ଯଦି ସରକାର ଶିକ୍ଷା କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପ୍ରତି ବର୍ଷ ସୃଷ୍ଟି କରିବେ, ତେବେ ନିଶ୍ଚୟ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାର ସ୍ଥିତିରେ ସୁଧାର ଆସିବ। ●

ମୋ: ୭୮୪୮୦୦୦୬୭୬

# ବନବିଧ୍ୱଂସ ମାନବ ସଭ୍ୟତାକୁ ହତ୍ୟା କରିପାରେ

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ଜୀବଜଗତକୁ ଅରଣ୍ୟର ଅବଦାନ ଅବର୍ଣ୍ଣନୀୟ। କିନ୍ତୁ କ୍ଷୋଭର ବିଷୟ ଯେ ଏହା ବୁଝିସୁଦ୍ଧା ନିଜ ଗୋଡ଼ରେ କୁରାଢ଼ୀ ମାରିବା ଭଳି ଆମେ ତାକୁ ଧ୍ୱଂସ କରିଚାଲିଛୁ। ଏକ ଆକଳନ ଅନୁସାରେ ବର୍ଷକୁ ପୃଥିବୀରେ ୧୫ ରୁ ୧୮ ନିୟୁତ ହେକ୍ଟର ବନ ବିଧ୍ୱଂସ ହେଉଛି। ଜାଗତିକ ଉଷ୍ମତାଠାରୁ ପରିସଂସ୍ଥାର ଅବକ୍ଷୟ ଆଦି ନାନଦି ପରିବେଶୀୟ ବିପର୍ଯ୍ୟୟର ଏହା ହେଉଛି ମୁଖ୍ୟ କାରଣ। ନିକଟରେ ଲିଡସ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ସୂଚୀତ କରିଛନ୍ତି ଯେ ଏହାଫଳରେ ଘଟୁଥିବା ତାପମାତ୍ରା ବୃଦ୍ଧିର ବିଭିନ୍ନ ପ୍ରଭାବରେ ବିଗତ ୨୦ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଛନ୍ତି ପ୍ରାୟ ଅଧ ନିୟୁତରୁ ଅଧିକ ଲୋକ। ଏହି ଗବେଷକମାନଙ୍କ ସୂଚନା ଅନୁସାରେ ବନ ବିଧ୍ୱଂସ ସଫଳରେ ବିଶେଷକରି ଆମାଜନ, କଙ୍ଗୋ ଏବଂ ଦକ୍ଷିଣ-ପୂର୍ବ ଏସିଆର ତାପମାତ୍ରା ବଢ଼ିବାରେ ଲାଗିଛି। ଫଳରେ ପ୍ରକୃତି ଓ ପରିବେଶ ବଦଳିବା ସହିତ ଜୀବଜଗତର ସମସ୍ତଙ୍କ ଉପରେ ପଡୁଛି ତାହାର ଘାତକ ପ୍ରଭାବ। ସେମାନେ ଆକଳନ କରିଛନ୍ତି ଯେ ଅରଣ୍ୟ ସଂକୋଚନ ପ୍ରଭାବିତ ଅଞ୍ଚଳର ତାପବୃଦ୍ଧିର ଏକ-ତୃତୀୟାଂଶରୁ ଅଧିକ ପାଇଁ ଦାୟୀ। ପୁନଶ୍ଚ ସେଠାର ଜଳବାୟୁରେ ଘଟୁଥିବା ଅବ୍ୟବସ୍ଥାର ଏହା ମଧ୍ୟ ମୁଖ୍ୟ କାରଣ।

ବିଷୁବୀୟ ଅଞ୍ଚଳରେ ବର୍ତ୍ତମାନ ପ୍ରାୟ ୩୪୫ ନିୟୁତ ଲୋକ ବନ ବିଧ୍ୱଂସ ଜନିତ ଦୁର୍ଦ୍ଦଶା ଭୋଗୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ପାଇଁ ଏହା ୨୦୦୧ ମସିହାରୁ ୨୦୨୦ ମସିହା ମଧ୍ୟରେ ଅନେକ ସମୟରେ ପ୍ରାୟ ୩ ଡିଗ୍ରୀ ତାପମାତ୍ରା ବୃଦ୍ଧି କରୁଛି। ଗବେଷକମାନଙ୍କ ମତରେ ବନବିଧ୍ୱଂସ କାରଣରୁ ଘଟୁଥିବା ତାପମାତ୍ରା ବୃଦ୍ଧି ହେତୁ ଏଠାର ବାର୍ଷିକ ପ୍ରାୟ ୩୦ ହଜାର ଲୋକଙ୍କର ମୃତ୍ୟୁ ଘଟୁଛି ବିବିଧ ରୋଗବ୍ୟାଧି ଏବଂ ଶାରୀରିକ ଅକ୍ଷମତା ଯୋଗୁଁ। ଏହାବ୍ୟତୀତ ବିଷୁବମଣ୍ଡଳୀୟ ଆଫ୍ରିକାର ଏକ-ତୃତୀୟାଂଶ ଏବଂ କେନ୍ଦ୍ରୀୟ ଓ ଦକ୍ଷିଣ ଆମେରିକାରେ ବ୍ୟାପକ ଅଞ୍ଚଳର ଲୋକେ ତାପବୃଦ୍ଧିଜନିତ ବିବିଧରୋଗରେ ପୀଡ଼ିତ ହେବା ସହିତ ଅକାଳମୃତ୍ୟୁର ସମ୍ମୁଖୀନ ହେଉଛନ୍ତି। ଗବେଷକମାନେ ବ୍ରାଜିଲ୍, ଘାନା, ଇଂଲଣ୍ଡ ଆଦି କେତେକ ଦେଶରେ ଦୁର୍ଘଟଣା ଜନିତ ହୋଇଥିବା ମୃତ୍ୟୁହାର ଏବଂ ବିଷୁବମଣ୍ଡଳର ଅରଣ୍ୟବିଧ୍ୱଂସ ଯୋଗୁଁ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ତାପମାତ୍ରା ବୃଦ୍ଧି ହେତୁ ଘଟୁଥିବା ମୃତ୍ୟୁହାରକୁ ତୁଳନା କରିଥିଲେ। ଏପ୍ରକାର ଅଧ୍ୟୟନ ଏବେ କରାଯାଇଛି ପ୍ରଥମଥର ପାଇଁ। ଆଗକୁ ପୃଥିବୀର ଅନ୍ୟାନ୍ୟ ଅଞ୍ଚଳମାନଙ୍କରେ ଏହା ବ୍ୟାପକ ରୂପେ କରିବା ପାଇଁ ଗବେଷକମାନେ ଲକ୍ଷ୍ୟ ରଖିଛନ୍ତି।

ଲିଡସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡୋମିନିକ୍ ସ୍ପ୍ରାକ୍‌ଲେନ୍ ମତ ଦେଇଛନ୍ତି ଯେ ଏହା ହେଉଛି ବନ ବିଧ୍ୱଂସ ହତ୍ୟା କରିପାରେ ବୋଲି ଏକ ଚେତାବନୀ। ସେ ଆଶା କରିନ୍ତି ଯେ ଅନେକ ଲୋକ ଏହାକୁ ନେଇ ବିସ୍ମୟ ପ୍ରକାଶ କରିପାରନ୍ତି। କାରଣ ବନ ବିଧ୍ୱଂସର ଏପ୍ରକାର ବିପଦସମୂହ ସାଧାରଣ ଭାବେ, ଜାଗତିକ ଜଳବାୟୁ ସଂପର୍କରେ ଆଲୋଚନା ଭିତରେ ହଜିଯାଉଛି। ଅନ୍ୟପକ୍ଷରେ ବଜାରଭିତ୍ତିକ କୃଷି, ଶିଳ୍ପ ଓ ସହରୀକରଣ ବିସ୍ତାରିତ ହୋଇ ରହିଛି। ବ୍ରାଜିଲର ମାଟୋଗ୍ରୋସୋ ଅଞ୍ଚଳରେ ଘଟିଥିବା ଏକ ଘଟଣାକୁ ଉଦାହରଣ ରୂପେ ନିଆଯାଇପାରେ। ସ୍ପ୍ରାକଲେନଙ୍କ ମତରେ ତାପମାତ୍ର ବୃଦ୍ଧି ଏବଂ ଅନ୍ୟାନ୍ୟ ପରିବେଶ ବିପର୍ଯ୍ୟୟ ଜନିତ ବିପଦରୁ ରକ୍ଷା ପାଇବାକୁ ହେଲେ ବୃକ୍ଷରାଜିକୁ ଅପରିବର୍ତ୍ତିତ ରଖିବା କିମ୍ବା ପରିବର୍ଦ୍ଧିତ କରିବା ଦରକାର। ତାହା ମଣିଷ ସମେତ ବହୁ ଜୀବଜନ୍ତୁଙ୍କ ଜୀବନ ରକ୍ଷା କରିପାରିବ ଏବଂ କୃଷି ଉତ୍ପାଦନ ମଧ୍ୟ ବୃଦ୍ଧି କରିବ। ପୁନଶ୍ଚ ସେ କହନ୍ତି ଏହି ଜଙ୍ଗଲ ସୁରକ୍ଷା କେବଳ ଜଳବାୟୁ ପାଇଁ ନୁହେଁ, ବରଂ ପ୍ରତ୍ୟକ୍ଷ ଭାବେ ସ୍ଥାନୀୟ ଲୋକଙ୍କର ହିତ ସାଧନ କରିବ। ଏଗୁଡ଼ିକ ତାପମାତ୍ରା ନିୟନ୍ତ୍ରଣ କରିବା ସହିତ ଯଥେଷ୍ଟ ବୃଷ୍ଟିପାତ କରାଇବେ ଏବଂ ଲୋକେ ନିର୍ଭର କରୁଥିବା କୃଷିକୁ ସହାୟତା କରିବେ। ଜନସ୍ୱାସ୍ଥ୍ୟ ଓ ଆୟୁବୃଦ୍ଧିରେ ମଧ୍ୟ ବୃକ୍ଷର ଭୂମିକା ରହିଛି।

ଏଣୁ ଅରଣ୍ୟଗୁଡ଼ିକୁ ନିଷ୍କ୍ରିୟ ବୋଲି ମନେ କରିବା ଉଚିତ ନୁହେଁ। ସେଗୁଡ଼ିକ ପ୍ରକୃତରେ କଠୋର ପରିଶ୍ରମ କରିଥା'ନ୍ତି ଏବଂ ଆମ ଜୀବନଧାରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା କାର୍ଯ୍ୟମାନ କରିନ୍ତି। ଏଣୁ ଚାଲନ୍ତୁ ଯଥାସମ୍ଭବ ବନବିଧ୍ୱଂସକୁ ପ୍ରତିହତ କରିବା ଏବଂ ବନ ଭୂମିର ଆକାର ବୃଦ୍ଧି କରିବା। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ମହାନତା ଦେଖାଇଲେ ଆରଟିଓ କର୍ମଚାରୀ

## ଦୁର୍ଘଟଣାରେ ଗୁରୁତରଙ୍କୁ ମେଡିକାଲରେ ପହଞ୍ଚାଇଲେ

କେନ୍ଦ୍ରାପଡ଼ା/ଡେରାବିଶ,୨୭।୧୦ (ସମିସ): କଟକ-ଚାନ୍ଦବାଲି ରାଜପଥର ଖଣ୍ଡମୋଳ ଛକ ନିକଟରେ ଆଜି ଅପରାହ୍ନରେ ଏକ କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଚାଳକ ସହିତ ମୋଟ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ଆରଟିଓ କର୍ମଚାରୀଙ୍କ ମାନବିକ ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ଏକ ବାଇକ୍‌ରେ ଜଣେ ପୁରୁଷ ଚାଳକ ଓ ପଛରେ ଦୁଇଜଣ ମହିଳା ଯାତ୍ରା କରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ସୁଜୁକି ଇର୍ଟିଗା କାର୍ ଭାରସାମ୍ୟ ହରାଇ ସିଧାସଳଖ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଓ କାର ଭାଙ୍ଗିଯାଇଥିଲା। ବାଇକ୍‌ରେ ଥିବା ତିନିଜଣ ଆହତ ହୋଇଥିଲେ। ସ୍ଥାନୀୟଲୋକ ଓ ଆରଟିଓ କର୍ମଚାରୀ ଇଣ୍ଟରସେପ୍ଟର ଗାଡ଼ି ଯୋଗେ ଗୁରୁତର ଆହତଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚାଇଥିଲେ। କାର୍‌ର ଏୟାରବ୍ୟାଗ୍ ଖୋଲିଯିବାରୁ ଚାଳକ ଓ ଆରୋହୀ ସାମାନ୍ୟ ଆହତ ହୋଇଛନ୍ତି। ଘଟଣା ସମୟରେ ରାଜପଥରେ ଭିଡ଼ ଜମିଥିଲା ଓ ପୁଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଯାତାୟାତ ସୁଗମ କରିଥିଲା। ଆରଟିଓ କର୍ମଚାରୀଙ୍କ ମାନବିକତା ଓ ସଚେତନ ପଦକ୍ଷେପ ନେଇ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

## କେନ୍ଦ୍ରାପଡ଼ା ପୌର ପରିଷଦ ବୈଠକ



କେନ୍ଦ୍ରାପଡ଼ା,୨୭।୧୦(ସମିସ): କେନ୍ଦ୍ରାପଡ଼ା ପୌରପରିଷଦ ବୈଠକ ସୋମବାର ପୌର ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୌରପାଳ ସରିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୌରାଞ୍ଚଳକୁ ସଂପ୍ରସାରିତ କରିବା ପାଇଁ ଏକ ପ୍ରସ୍ତାବ ଗୃହିତ ହୋଇଛି। କାରଣ ପୌରାଞ୍ଚଳର ସୀମିତ ଅଞ୍ଚଳରେ ଥିବା ଜମିରେ ସରକାରୀ କାର୍ଯ୍ୟାଳୟ ଓ ବାସଗୃହ ସମେତ ଅନ୍ୟାନ୍ୟ କାର୍ଯ୍ୟାଳୟ ନିର୍ମାଣ କରିବା ପାଇଁ ସ୍ଥାନାଭାବ ରହିଛି।

ଅପରପକ୍ଷରେ ଗ୍ରାମାଞ୍ଚଳରେ ପର୍ଯ୍ୟାପ୍ତ ସ୍ଥାନ ରହିଥିବାରୁ କାର୍ଯ୍ୟାଳୟ ଓ ବାସଗୃହ ନିର୍ମାଣ ହୋଇପାରିବା ସହ ସେହି ଅଞ୍ଚଳରେ ବ୍ୟବସାୟ ନିମନ୍ତେ ଦୋକାନ ଗୃହ ନିର୍ମାଣ କରାଯାଇ ପୌର ପରିଷଦର ଆୟ ମଧ୍ୟ ବୃଦ୍ଧି ହୋଇପାରିବ। ଏସବୁ ସମସ୍ୟାର ସମାଧାନ ନିମନ୍ତେ କେନ୍ଦ୍ରାପଡ଼ା ପୌରାଞ୍ଚଳ ଚତୁଃପାର୍ଶ୍ୱରେ ଥିବା ଶ୍ୟାମସୁନ୍ଦରପୁର, ଜମ୍ବର, ଗୁଲନଗର, କପାଳେଶ୍ୱର, ଓଡ଼ପୁର ପଞ୍ଚାୟତ ସମେତ ଶ୍ୟାମଗୁଡିଆକୁ ପୌରାଞ୍ଚଳରେ ମିଶ୍ରଣ କରିବାକୁ ଏହି ପୌରପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ ହୋଇଛି। ଏହାବ୍ୟତୀତ ପୌରାଞ୍ଚଳରେ ନୂତନ ଭାବେ ୩ ଶହ ଦୋକାନ ଗୃହ ନିର୍ମାଣ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ଦୋକାନ ଗୃହ ଇଚ୍ଛାପୁର, ବଡ଼ମଙ୍ଗଳା, ନୂଆ ବସଷ୍ଟାଣ୍ଡ ଓ ତିନିମୁହାଣିଠାରେ ନିର୍ମାଣ କରାଯିବ। ପୁରାତନ ପାର୍କର ଉନ୍ନତିକରଣ କରାଯିବା ସହିତ ଗୋପଠାରେ ବଳଦେବଜୀଉ ପାଠାଗାର ନିର୍ମାଣ ଓ ପୌରାଞ୍ଚଳର ସମସ୍ତ ଗଳିକନ୍ଦି ରାସ୍ତା ନିର୍ମାଣ ହେବ। ତିନିମୁହାଣି-ନୂଆ ବସଷ୍ଟାଣ୍ଡ ରାସ୍ତାର ଦୋହରୀକରଣ କରାଯିବା ସହ ଉଦ୍ୟାନଗଡ଼ସ୍ଥ କଲ୍ୟାଣ ମଣ୍ଡପର ଉନ୍ନତିକରଣ କରାଯିବ। ଗୋପବନ୍ଧୁ ପାଠାଗାର ଓ ଉର୍ଦ୍ଦୁ ପାଠାଗାରର ଉନ୍ନତିକରଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଆଜିର ଏହି ବୈଠକରେ ଉପାଧ୍ୟକ୍ଷା ଆକବରୀ ଖାତୁନଙ୍କ ସମେତ ପୌରସଭ୍ୟ ପ୍ରଭାଶିଷ ପଣ୍ଡା, ନିରାକାର ସ୍ୱାଇଁ, ପ୍ରଦୀପ ଜେନା, ପୁଷ୍ପାଞ୍ଜଳି ବସ୍ତିଆ, ଉମେଶ ନାୟକ, କାଳୀପ୍ରସାଦ ମିଶ୍ର, ରମେଶ ଦାସ, ଶେକ ଅସଲମ, ଜୟନ୍ତୀ ପାଣି, ରଞ୍ଜିତା ସିଂ, ସୁକୁମାର ଦାସ ପ୍ରମୁଖ ସମସ୍ତ ପୌରସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୌର ନିର୍ବାହୀ ଅଧିକାରୀ ଅଜିତ ପ୍ରସାଦ ନାରାୟଣ ଗିରି ଗତ ବୈଠକର ବିବରଣୀ ପାଠ କରିବା ସହିତ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ।

## କେନାଲରେ ବୁଡ଼ି ଯୁବକ ନିଖୋଜ

ଡେରାବିଶ,୨୭।୧୦(ସମିସ): ଡେରାବିଶ ବ୍ଲକ୍ ଛୋଟି ପଞ୍ଚାୟତ ଅନ୍ତର୍ଗତ ଛୋଟି (ବଣିଆସାହି) ଗ୍ରାମର ଗୋଲଖ ପୃଷ୍ଟିଙ୍କ ପୁଅ ଗଙ୍ଗାଧର (୨୩) ଗତକାଲି ମଧ୍ୟାହ୍ନରେ ଗ୍ରାମ ନିକଟସ୍ଥ ପଟ୍ଟାମୁଣ୍ଡାଇ କେନାଲରେ ଶୌଚ ହେବାକୁ ଯାଇ ନିଖୋଜ ଘଟଣାକୁ ୨୪ ଘଣ୍ଟା ବିତିଗଲାଣି। ଗତକାଲିଠାରୁ ଆଜି ପର୍ଯ୍ୟନ୍ତ ଅଗ୍ନିଶମ କର୍ମଚାରୀ ଓ ଗ୍ରାମବାସୀ ଗଙ୍ଗାଧରଙ୍କୁ କେନାଲରେ ଖୋଜିଖୋଜି କଲେଣି, କିନ୍ତୁ ତାଙ୍କର କୌଣସି ପତ୍ତା ମିଳୁନାହିଁ। ଗତକାଲି ଗଙ୍ଗାଧର ଗ୍ରାମରେ ଏକ ଭୋଜିଖାଇ ଫେରୁଥିବା ସମୟରେ ପଟ୍ଟାମୁଣ୍ଡାଇ କେନାଲକୁ ଶୌଚ ହେବା ପାଇଁ ଯାଇଥିଲେ। ସେଠାରେ ତାଙ୍କର ଗୋଡ଼ ଖସିଯିବାରୁ ସେ ଗଭୀର ପାଣିକୁ ଖସିଯାଇ ସ୍ରୋତରେ ଭାସିଯାଇଥିଲେ। ଏହି ସମୟରେ କେନାଲ୍ ବନ୍ଧରେ ଥିବା ଏକ ଛୋଟ ଝିଅ ପାଟିକରି ଡାକିଥିଲେ। ଛୋଟ ଝିଅର ପାଟିଶୁଣି ଗ୍ରାମବାସୀ ପଟ୍ଟାମୁଣ୍ଡାଇ କେନାଲ୍‌ରେ ଖୋଜାଖୋଜି କରିଥିଲେ ମଧ୍ୟ ଗଙ୍ଗାଧରଙ୍କୁ ପାଇନଥିଲେ। ପରେ ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଖୋଜିଥିଲେ । ଗତକାଲି ସନ୍ଧ୍ୟା ହୋଇଯିବାରୁ ଅଗ୍ନିଶମ ବାହିନୀ କର୍ମଚାରୀ ଖୋଜିବା କାର୍ଯ୍ୟ ବନ୍ଦ କରିଥିଲେ। ଆଜି ସକାଳୁ ପୁନର୍ବାର ଅଗ୍ନିଶମ ବାହିନୀ ଖୋଜିବା କାର୍ଯ୍ୟ ଜାରି ରଖିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ଗଙ୍ଗାଧରଙ୍କ କୌଣସି ପତ୍ତା ମିଳିନଥିବା ଜଣାଯାଇଛି।

ବାତ୍ୟା ମୋନ୍ଥା

## ମହାକାଳପଡ଼ା ବ୍ଲକ୍ ପ୍ରଶାସନର ପ୍ରସ୍ତୁତି




ମହାକାଳପଡ଼ା, ୨୭।୧୦ (ସମିସ):

ମହାକାଳପଡ଼ା ବ୍ଲକ୍ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ବାତ୍ୟା "ମୋନ୍ଥା ' ପରିସ୍ଥିତିର ସମୀକ୍ଷା କରିଛନ୍ତି ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀରାରାଣୀ ମହାନ୍ତି। ଉକ୍ତ ବୈଠକରେ ବାତ୍ୟାର ସାମ୍ପ୍ରତିକ ସ୍ଥିତି ଓ ଗତିପଥ ଉପରେ ତୀକ୍ଷଣ ନଜର ରଖାଯାଇଥିବା ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ବିଭିନ୍ନ ପଞ୍ଚାୟତର ତଳିଆ ଅଞ୍ଚଳ ଓ ଚାଳ ଘରେ ବିପଦସଂକୁଳ ଭାବେ ରହୁଥିବା ଜନସାଧାରଣଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀ, ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଓ ରାଜୀବ ଗାନ୍ଧୀ ସେବାଗୃହକୁ ଅସ୍ଥାୟୀ ଭାବେ ଆଣି ଥଇଥାନ କରିବାକୁ ଅଧ୍ୟକ୍ଷା ପରାମର୍ଶ ଦେଇଥିଲେ।

ସେହିପରି ବିଦ୍ୟୁତ ସରବରାହ ପୁନଃକାର୍ଯ୍ୟକ୍ଷମ, ବିଶୁଦ୍ଧ ପାନୀୟଜଳ ଉପଲବ୍ଧ, ଗର୍ଭବତୀ ମହିଳାଙ୍କ ଯତ୍ନ, ପରିସ୍ଥିତି ଉପୁଜିଲେ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ, ସାପ କାମୁଡ଼ା ପ୍ରତି ସତର୍କତା ଆଦି ବିଷୟରେ ବିଧିବଦ୍ଧ ଆଲୋଚନା ହୋଇଥିଲା। ଏହି ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ପରିଡ଼ା, ଯଦୁପୁର ପଞ୍ଚାୟତର ସରପଞ୍ଚ ସଂଯୁକ୍ତା ଜେନା, ବତୀଘର ପଞ୍ଚାୟତ ସରପଞ୍ଚ ଶିବାନୀ ବିଜୁଳି, ଜମ୍ବୁ ସରପଞ୍ଚ ବିଶ୍ୱଜିତ ବସୁ, ବରକନ୍ଧା ସରପଞ୍ଚ ତ୍ରୈଲୋକ୍ୟ ବେହେରାଙ୍କ ସହ ଅନେକ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏଡିଇଓ, ମହାକାଳପଡ଼ା ତହସିଲର ବିଭିନ୍ନ ସର୍କଲର ରାଜସ୍ୱ ନିରୀକ୍ଷକ, ଯନ୍ତ୍ରୀ ଓ ଲାଇନ୍ ଡିପାର୍ଟମେଣ୍ଟର ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ବାତ୍ୟା ପରିଚାଳନାରେ ଯେପରି କୌଣସି ପ୍ରକାର ତ୍ରୁଟି ନ ରୁହେ ସେପ୍ରତି ସଜାଗ ରହିବାକୁ ଅଧ୍ୟକ୍ଷା ନିର୍ଦ୍ଦେଶ ଦେଇଛନ୍ତି।

ଷ୍ଟ୍ରିଟ୍‌ଲାଇଟ୍ ଦୁର୍ନୀତି ଉପରେ କାର୍ଯ୍ୟାନୁଷ୍ଠାନ ଦାବି

## ବ୍ଲକ୍ ସମ୍ମୁଖରେ ଆମରଣ ଅନଶନରେ ବସିବେ ଶାସନ ପଞ୍ଚାୟତବାସୀ

ପଟ୍ଟାମୁଣ୍ଡାଇ,୨୭।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ହୋଇଥିବା ଷ୍ଟ୍ରିଲାଇଟ ଦୁର୍ନୀତିର ପ୍ରତିବାଦ ଶେଷରେ ଚରମ ସୀମାରେ ପହଞ୍ଚିଛି। ଶାସନ ଛକରୁ ମାଳିପୁର ମାର୍କେଟ ପର୍ଯ୍ୟନ୍ତ ଅଞ୍ଚଳକୁ ୨୦ଟି ଲାଇଟ୍ ଖୁଣ୍ଟ ମାଧ୍ୟମରେ ଆଲୋକୀକରଣ କରିବାକୁ ସରକାରଙ୍କ ଯୋଜନା ଥିବାବେଳେ ଏଥିପାଇଁ ୯ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟ କରାଯାଇଥିଲା। ଏଷ୍ଟିମେଟ ହିସାବରେ ପ୍ରକଳ୍ପ ସ୍ଥାନରେ କୌଣସି ଆଲୋକୀକରଣ କାର୍ଯ୍ୟ ଏପରିକି ଲାଇଟ ଖୁଣ୍ଟ ମଧ୍ୟ ଲଗା ନ ଯାଇ ବ୍ଲକ୍ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ମିଥ୍ୟା ବିଲ୍ କରି ସରକାରୀ ଅନୁଦାନ ଅର୍ଥକୁ ହଡପ କରାଯିବା ସହିତ ପଞ୍ଚାୟତରେ ହୋଇଥିବା ଅନ୍ୟାନ୍ୟ ଦୁର୍ନୀତି ସମ୍ପର୍କରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ବାରମ୍ବାର ବିଡିଓ ଓ ଜିଲ୍ଲାପାଳଙ୍କୁ ଅଭିଯୋଗ ଦେବା ପରେ ବି ସମସ୍ୟାର କୌଣସି ସମାଧାନ ହୋଇପାରି ନ ଥିଲା। ଫଳରେ ଶାସନ ପଞ୍ଚାୟତବାସୀ ଆମରଣ ଅନଶନରେ ବସିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

ଅପରପକ୍ଷରେ କନିଷ୍ଠ ଯନ୍ତ୍ରୀଙ୍କ ଷ୍ଟ୍ରିଟଲାଇଟ ଦୁର୍ନୀତିକୁ ଘଣ୍ଟ ଘୋଡାଇବା ସହିତ ପଞ୍ଚାୟତରେ ଘଟିଥିବା ଅନ୍ୟ ଦୁର୍ନୀତି ଅଭିଯୋଗକୁ ଘଣ୍ଟ ଘୋଡାଇବା ପାଇଁ ବ୍ଲକ କାର୍ଯ୍ୟାଳୟ ଓ ବିଡିଓଙ୍କ ପକ୍ଷରୁ ଜନସାଧାରଣଙ୍କୁ ଅନେକ ଭୁଲ ତଥ୍ୟ ଦିଆଯାଇଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ବାରମ୍ବାର ବିଡିଓଙ୍କୁ ଭେଟି ଅଭିଯୋଗ ଦେଲା ପରେ ବି ବିଡିଓ ତଦନ୍ତ କରି ରିପୋର୍ଟ ଦେବେ ବୋଲି କହି ପ୍ରତିଥର ଦିନ ଗଡ଼ାଇ ଚାଲିଥିଲେ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ସମସ୍ୟାର କୌଣସି ସମାଧାନ ନ ହେବାରୁ ପଞ୍ଚାୟତବାସୀ ପୁନଶ୍ଚ ଗତ ଶୁକ୍ରବାର ଦିନ ବିଡିଓଙ୍କୁ ଭେଟି ଅଭିଯୋଗ ବିଷୟରେ ପଚାରିଥିଲେ। ବିଡିଓଙ୍କ ତରଫରୁ ପୂର୍ବବତ ସମାନ ଉତ୍ତର ତଦନ୍ତ ରିପୋର୍ଟ ଲେଖିକି ଦେବି ବୋଲି କହିଥିଲେ। କେବେ ଦେବେ ବୋଲି ଗ୍ରାମବାସୀ ପଚାରିବାରୁ ସମୟ କଥା କହିପାରିବି ନାହିଁ ବୋଲି ଉତ୍ତର ଦେଇଥିଲେ। ତେଣୁ ବିଡିଓଙ୍କ ବାରମ୍ବାର ଏଭଳି ଉତ୍ତରରେ ଗ୍ରାମବାସୀ ଅତିଷ୍ଠ ହୋଇ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଆସନ୍ତା ନଭେମ୍ବର ୩ ତାରିଖ ମଧ୍ୟରେ ଅଭିଯୋଗର ସମାଧାନ ନ ହେଲେ ନଭେମ୍ବର ୪ ତାରିଖଠାରୁ ବିଡ଼ିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତବାସୀ ଆମରଣ ଅନଶନ ଆରମ୍ଭ କରିବେ ବୋଲି ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ





ଡେରାବିଶ,୨୭।୧୦(ସମିସ): ଡେରାବିଶ ବ୍ଲକ୍ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ରତାଦିଆ ଖଣ୍ଡସାହି ହାଇସ୍କୁଲ ପରିସରରେ ହାଟବାଣପୁର ଉନ୍ନିତ ପ୍ରାଥମିକ ବିଦ୍ୟାଳୟ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଚାନ୍ଦୋଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ ବଳ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସଚିକାନ୍ତ ମିଶ୍ର, ରତାଦିଆଖଣ୍ଡସାହି ସରପଞ୍ଚ ଶିଶିର ସାମଲ, ଅଧ୍ୟାପକ ଦିବ୍ୟ କୁମାର ଦାସ, ଶିକ୍ଷାବିତ ଲଲାଟ କିଶୋର ଭୂୟାଁ, ନବକିଶୋର ମିଶ୍ର, ସୁଜାତା ସାହୁ, ଜିତେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ସାଧନ କେନ୍ଦ୍ର ଅଧୀନ ୯ଟି ବିଦ୍ୟାଳୟ ଓ ଚାନ୍ଦୋଳ କଲେଜର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ପ୍ରବନ୍ଧ, ତର୍କ, କୁଇଜ, ସୃଜନଶୀଳ ଲିଖନ, ନୃତ୍ୟ ଓ ସଙ୍ଗୀତ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଅଧିବେଶନ ତଥା ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ବିଆରସିସି ଦେବଦତ୍ତ ଶତପଥୀ, ମୁଖ୍ୟବକ୍ତା ଭାବେ ପଞ୍ଚସଖା ଶିକ୍ଷା ସେତୁ ସଭାପତି ନିବେଦିତା ଦ୍ୱିବେଦୀ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଉଭୟ ଅଧିବେଶନରେ ପ୍ରଧାନ ଶିକ୍ଷୟିତ୍ରୀ ଜୁଲି ମଳିକ ସଭାପତିତ୍ୱ କରିଥିବାବେଳେ ବରିଷ୍ଠ ଶିକ୍ଷକ ରଘୁନାଥ ଦାଶ ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମ ଅଧିବେଶନରେ ଶିକ୍ଷକ ତୁଷାରକାନ୍ତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲାବେଳେ ଦ୍ୱିତୀୟ ଅଧିବେଶରେ ଶିକ୍ଷକ ନାରାୟଣ ପ୍ରସାଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାଧନକେନ୍ଦ୍ର ସଂଯୋଜକ ନିର୍ମଳ ଜେନା ପରିଚାଳନା କରିଥିବାବେଳେ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ ମଲ୍ଲ, ବିଶ୍ୱଜିତ ମୁଦୁଲି, ତ୍ରିଲୋଚନ ମଲିକ, ମନୋଜ ନାୟକ ପ୍ରମୁଖ ସହଯୋଗ କରିଥିଲେ। ସମସ୍ତ ପ୍ରତିଯୋଗିତାକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରିୟଙ୍କା ଦାସ, ପ୍ରିୟଙ୍କା ରାଉତ, ଗାୟତ୍ରୀ ରାଉତ, ରିନା ସାହୁ, ପିଙ୍କିନା ସାହୁ, କିରଣବାଳା ହାଁସଦା, ଧରିତ୍ରୀ ମିଶ୍ର, ପ୍ରିୟବ୍ରତ ରଥ ପ୍ରମୁଖ ପରିଚାଳନା କରିଥିଲେ।

## ରାଜନଗର ବ୍ଲକ୍ ପ୍ରଶାସନର ପ୍ରସ୍ତୁତି ବୈଠକ

ରାଜନଗର,୨୭।୧୦(ସମିସ): ରାଜନଗର ବ୍ଲକ୍‌ର ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ଲୋକଙ୍କୁ ବାତ୍ୟା ମୋନ୍ଥା ଦାଉରୁ ସୁରକ୍ଷା ଦେବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟାର ରାଜନଗର ବ୍ଲକ ଓ ତହସିଲ ପ୍ରଶାସନକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ମୋନ୍ଥା ଏବେ ଗୋପାଳପୁରଠାରୁ ୫୫୦ କିଲୋମିଟର ଦୂରରେ ସମୁଦ୍ରରେ ବଳ ଗୋଟାଇ ସ୍ଥଳଭାଗ ଆଡକୁ ମାଡ଼ିଆସୁଛି। ବାତ୍ୟା ପ୍ରଭାବରେ ସାଧାରଣ ଲୋକଙ୍କୁ ଯେପରି କୌଣସି କ୍ଷତି ନ ହେବ, ସେନେଇ ଆଜି ରାଜନଗର ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ବିଡିଓ ଅନିରୁଦ୍ଧ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ସମିତି



ଅଧ୍ୟକ୍ଷା ପ୍ରତିଭା ପାତ୍ର, ତହସିଲଦାର ଯୀଶୁକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ରହି ବାତ୍ୟା ପାଇଁ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯିବ ସହ ବ୍ଲକ୍‌ରେ ଥିବା ୪୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖିବାକୁ କହିଥିଲେ। ବୈଠକରେ ଉପସ୍ଥିତ ଥିବା ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଲୋକ ପ୍ରତିନିଧି ଜାଗ୍ରତ ରହିବାକୁ ପରାମର୍ଶ ଦିଆଯାଇଛି। ରାଜନଗର ବ୍ଲକ୍ ସମୁଦ୍ର କୂଳଠାରୁ ଦେଢ କିଲୋମିଟର ଦୂରରେ ୪୭ଟି ଗାଁ ରହିଛି। ଆଜି ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯାଇଛି। ବାତ୍ୟା ମୋନ୍ଥା ୨୮ ତାରିଖରେ ରାତିରେ ଆନ୍ଧ୍ରପ୍ରଦେଶର କାକିନାଡ଼ ପାଖରେ ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଲୁଣା ଜଙ୍ଗଲ ଉପରେ ପ୍ରଶିକ୍ଷଣ ନେଲେ ୨୮ ଏସ୍‌ଏଫ୍‌ଏସ୍



ରାଜନଗର,୨୭।୧୦(ସମିସ): ସେଣ୍ଟ୍ରାଲ ଏକାଡେମୀ ଫର୍ ଷ୍ଟେଟ ଫରେଷ୍ଟ ସର୍ଭିସ୍, ଡେରାଡୁନର ୨୮ ଜଣ ଏସ୍‌ଏଫ୍‌ଏସ୍ ପ୍ରଶିକ୍ଷାର୍ଥୀ ଭିତରକନିକା ଜାତୀୟ ଉଦ୍ୟାନ ପରିଦର୍ଶନରେ ଆସି ବଉଳା କୁମ୍ଭୀର, ଲୁଣା ଜଙ୍ଗଲ ଓ ଏହାର ବିବିଧତା ସମ୍ବନ୍ଧରେ ପ୍ରଶିକ୍ଷଣ ନେଇଛନ୍ତି। ରାଜନଗର ବନଖଣ୍ଡ ଅଧିକାରୀ ବର୍ଦ୍ଧରାଜ ଗାଓଁକର, ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସ ଓ ରିସର୍ଚ୍ଚ ଆସିଷ୍ଟାଣ୍ଟ ପ୍ରସନ୍ନ ନାୟକ ଆସିଥିବା ଏସ୍‌ଏଫ୍‌ଏସଙ୍କୁ ଭିତରକନିକା ଘଞ୍ଚ ଜଙ୍ଗଲ ଭିତରେ ଦୁଃସାହସିକ ଯାତ୍ରା କରିବା ସମୟରେ କିଙ୍ଗ୍ କୋବ୍ରା ସହିତ ଅନ୍ୟାନ୍ୟ ସାପ, ହେଟାବାଘ, ଝିଙ୍କ ପକ୍ଷୀ, ଚିତାବିରାଡି, ହରିଣ, ବାହା, ବଉଳା କୁମ୍ଭୀର, ଦେଶୀ ଓ ବିଦେଶାଗତ ପକ୍ଷୀଙ୍କ ସମ୍ପର୍କରେ ପ୍ରଶିକ୍ଷଣ ଦେବା ସହିତ ଭିତରକନିକା ଜାତୀୟ ଉଦ୍ୟାନ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଡଲଫିନ ଓ ଅଲିଭରିଡଲେ କଇଁଛ କାଳୀଭଞ୍ଜଡିଆ ଦ୍ୱୀପ ସମେତ ଭିତରକନିକାର ବିରଳ ଲୁଣାବୃକ୍ଷ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଛନ୍ତି। ଭାରତର ଦ୍ୱିତୀୟ ବୃହତ୍ତମ ଲୁଣା ଜଙ୍ଗଲର ବୈଶିଷ୍ଟ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉପକୂଳବର୍ତ୍ତୀ ଧନଜୀବନ ସୁରକ୍ଷା କ୍ଷେତ୍ରରେ ଲୁଣା ଜଙ୍ଗଲର ଅମୂଲ୍ୟ ଅବଦାନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଜ୍ଞାନ ଆହରଣ କରିଛନ୍ତି। ଏହି କାର୍ଯ୍ୟକ୍ରମ ସକାଳ ୧୦ ଘଣ୍ଟାରୁ ଆରମ୍ଭ ହୋଇ ପ୍ରାୟ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା ।

**THE ORISSA MINERALS DEVELOPMENT COMPANY LTD.**
CIN: L65993OR1927GOI034842
Registered office: Plot No. 271, Ground Floor, Bidyut Marg, Shastri Nagar, Unit-IV, Bhubaneswar, Odisha-751001
Tel. No. 0674-2391595, website: www.birdgroup.co.in
Email: omdc.sec.dept@gmail.com

**NOTICE OF 107 ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 107th Annual General Meeting of The Orissa Minerals Development Company Limited through video conferencing/ other audio visual means.

In this regards Notice is hereby given that the 107th Annual General Meeting (AGM) of The Orissa Minerals Development Company Limited (the 'Company') will be held on Tuesday, 18th November, 2025 at 11:00 A.M. IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 107th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. www.birdgroup.co.in websites of stock exchanges i.e. www.bseindia.com and www.nseindia.com and on the website of NSDL at www.evoting.nsdl.com.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 107th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: rta@cbmsl.com. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. www.evoting.nsdl.com or refer to the instructions as mentioned in the Notice of 107th AGM.

**Book Closure:**
Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 107th AGM of the Company.

**Attending AGM through VC / OAVM:**
Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**
Members who would like to express their views/ask questions during the 107th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: omdc.sec.dept@gmail.com.

By the Order of the Board
Sd/-
**Pintu Kumar Biswal**
Company Secretary & Compliance Officer

**Place:** Bhubaneswar
**Date:** 27.10.2025

മിଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୧୬ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ

ପଟ୍ଟାମୁଣ୍ଡାଇ,୨୭।୧୦(ସମିସ):




ଆଜି ପଟ୍ଟାମୁଣ୍ଡାଇ ବ୍ଲକ୍ ସମ୍ମିଳନୀ କକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ଏସପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡିଓ ଶୀତଲ ଅଗ୍ରୱାଲ, ସହକାରୀ ଜିଲ୍ଲାପାଳ ତୃପ୍ତି ମହାନ୍ତି ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ୧୧୬ଟି ଅଭିଯୋଗ ଶୁଣିଥିଲେ।

ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ଶ୍ରୀ ସାମନ୍ତରାୟ ପଟ୍ଟାମୁଣ୍ଡାଇ-ରାଜନଗର ବିଆରଏଫଇ ରାସ୍ତାର ଅଳଭାଠାରୁ ଶାସନ ପର୍ଯ୍ୟନ୍ତ ୪କିମି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ତୁରନ୍ତ ମରାମତି ପାଇଁ ଦାବି କରି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ଓ ଶାସନ ସରପଞ୍ଚ ସଂଗ୍ରାମ ବାରିକ ବନ୍ୟାରେ କ୍ଷତିଗସ୍ତ ରାସ୍ତା, ବିଦ୍ୟୁତ ଖୁଣ୍ଟ ମରାମତି ସହ ବିଶୁଦ୍ଧ ପାନୀୟଜଳ ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦାବିପତ୍ର ପ୍ରଦାନ କରିଥିଲେ। ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ନପଙ୍ଗ-ବାଟିପଡ଼ା ଅଙ୍ଗନବାଡି କେନ୍ଦ୍ରର ଉନ୍ନତିକରଣ, ନପଙ୍ଗ-କାଚରାଗଡା ଶ୍ମଶାନ ଓ ୧୪ନଂ କେନାଲ ଉପରେ କଂକ୍ରିଟ ପୋଲ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମାଳିପୁର ଛକରୁ ଜବରଦଖଲ ହଟାଇବା ପାଇଁ ଶ୍ରୀରାମପୁର ଶ୍ରୀରାମ ଫାଉଣ୍ଡେସନ ଅଧ୍ୟକ୍ଷ ଉତ୍ତମ ଖୁଣ୍ଟିଆ, ଶ୍ରୀରାମପୁର ସରପଞ୍ଚ ସସ୍ମିତା ସେଠୀ ଓ ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ ପଟ୍ଟାମୁଣ୍ଡାଇ କୃଷି ସମବାୟ ସମିତିକୁ କାର୍ଯ୍ୟକ୍ଷମ କରି କୃଷକଙ୍କୁ ସହାୟତା କରିବା, ପଟ୍ଟାମୁଣ୍ଡାଇ ଅଞ୍ଚଳର ସ୍କୁଲ କଲେଜରେ ଖାଲିଥିବା ଶିକ୍ଷକ ଓ ଅଧ୍ୟାପକ ପଦବୀ ପୂରଣ କରିବା, ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ନିର୍ମାଣ ହୋଇ ନ ଥିବା ଅଙ୍ଗନବାଡି ଗୃହ ନିର୍ମାଣ ଦିଗରେ ପଦକ୍ଷେପ ନେବା ଆଦି ବିଭିନ୍ନ ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଏହି ମିଳିତ ଜନଶୁଣାଣି ଶିବିରରେ ଆଗତ ୧୧୬ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଜନଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ, ଜିଲ୍ଲା କୃଷି ଅଧିକାରୀ ଦେବଦାସ ନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହେରା, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକ, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ପଟ୍ଟାମୁଣ୍ଡାଇ ବ୍ଲକ୍ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକ, ସବଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସାଧିକାରୀ ଡା ନିରାକାର ପରିଡା, ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ରାଉତ, ସହକାରୀ ଯନ୍ତ୍ରୀ ସୁବାସ ଥାଟୋଇ, ଜଳସମ୍ପଦ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ, ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ସ୍ମୃତିରଞ୍ଜନ ରଥ, ବ୍ଲକ ସହକାରୀ ଯନ୍ତ୍ରୀ ବିନୟ ମିଶ୍ର ଓ ପ୍ରସନ୍ନ ରାଉତ, ପୂର୍ତ୍ତ ବିଭାଗ ସହନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳ, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ସୁଦାମ ସାହୁ, ବ୍ଲକ୍ ଉଦ୍ୟାନ କୃଷି ଅଧିକାରୀ ସୌମ୍ୟରଞ୍ଜନ ସେଠୀ, ସିଡିପିଓ ଲକ୍ଷ୍ମୀମଣି ସିଂ, ଯୋଗାଣ ନିରୀକ୍ଷକ ପୁଷ୍ପଲତା ଗାହାଣ, ବ୍ଲକ୍ ସହକାରୀ ଶିକ୍ଷା ଅଧିକାରିଣୀ ସୁନିତୀ ଦାଶ ପ୍ରମୁଖ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ପ୍ରଶାସନିକ ଅଧିକାରୀ ଯୋଗ ଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ।

# ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନ

ହିନ୍ଦୋଳ/ଖଜୁରିଆକଟା, ୨୭ ।୧୦(ସମିସ)




ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ନବକିଶୋରପୁର ପଞ୍ଚାୟତରେ ରବିବାର ଶହ ଶହ ମହିଳା ମଦ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇ ପଞ୍ଚାୟତରୁ ସମ୍ପୂର୍ଣ୍ଣ ଭାବେ ମଦ ବନ୍ଦ କରିବା ସହିତ ଏ ଦିଗରେ ସଚେତନ ହେବା ପାଇଁ ସଚେତନତା ବାର୍ତ୍ତା ବାଣ୍ଟିଛନ୍ତି । ସରପଞ୍ଚ ରୋଜାଲିନ ସାମଲଙ୍କ ନେତୃତ୍ୱରେ ଗ୍ରାମର ବହୁ ମହିଳା ସମେତ ସ୍ୱୟଂ ସହାୟିକା ସଂଘ ସଦସ୍ୟା ଶୋଭାଯାତ୍ରାରେ ଯିବା ସହ ମଦ ବିରୋଧୀ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ପ୍ଲାକାର୍ଡ ଧରି କପିସାହି, କଳାଙ୍ଗ, ଫାସିଙ୍ଗା ଆଦି ଗ୍ରାମ ପରିକ୍ରମା କରି ମଦ ବିରୋଧୀ ଶପଥ କରାଇଥିଲେ । ପଞ୍ଚାୟତର ସମିତିସଭ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହନ୍ତ ଏଥିରେ ସାମିଲ ହୋଇଥିଲେ । ଆଇନଶୃଙ୍ଖଳା ରକ୍ଷା ପାଇଁ ପୁଲିସ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ଗାଁରେ ଦେଶୀ ଓ ମହୁଲି ମଦର କାରବାର ମାତ୍ରାଧିକ ବଢ଼ିଥିବା ବେଳେ ଏହାକୁ ପାନ କରି ଅନେକ ପରିବାର ସର୍ବସ୍ୱାନ୍ତ ହେଉଛନ୍ତି । ଘରେ ଘରେ ବିଶୃଙ୍ଖଳା ସୃଷ୍ଟି ହେଉଛି । ଏହାକୁ ରୋକିବା ଦିଗରେ ସ୍ଥାନୀୟ ଅବକାରୀ ବିଭାଗ ନେଉଥିବା ପଦକ୍ଷେପ ନାମକୁ ମାତ୍ର ହୋଇଥିବାରୁ ବ୍ୟବସାୟୀମାନେ କୋର୍ଟ ଚାଲାଣ ହେବା ପରେ ପୁନର୍ବାର ଜାମିନରେ ଆସି କାରବାର କରୁଛନ୍ତି । କେତେକ ସ୍ଥାନରେ ବେଆଇନ ଭାବେ ବିଦେଶୀ ମଦ ପ୍ରସ୍ତୁତ କରାଯାଇ ଏହାର ବହୁଳ କାରବାର ହେଉଥିବା ବେଳେ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅଞ୍ଚଳବାସୀ ଅତିଷ୍ଠ ହୋଇପଡ଼ିଲେଣି ।

# ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତିର ଜିଲ୍ଲା ସମ୍ମିଳନୀ




ପାରାଦୀପ,୨୭ ।୧୦(ସମିସ): ସାଂସ୍କୃତିକ ସମ୍ପର୍କ ଭାତୃତ୍ୱ, ମୈତ୍ରୀଭାବ ଓ ସହଯୋଗ ମାନବ ସମାଜର ଏକତା ଓ ଅଖଣ୍ଡତାକୁ ରକ୍ଷା କରିପାରିବ ବୋଲି ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତିର ଜିଲ୍ଲା ସମ୍ମିଳନୀରେ ସର୍ବଭାରତୀୟ ସାଧାରଣ ସମ୍ପାଦକ ବିଜୟ ପଢିଆରୀ କହିଛନ୍ତି । ଗତକାଲି ପାରାଦୀପ ଶ୍ରମିକ ଭବନ ପରିସରରେ ଜଗତସିଂହପୁର ଜିଲ୍ଲା ସମ୍ମିଳନୀରେ ଯୋଗଦେଇ ଶ୍ରୀ ପଢିଆରୀ ଏହା କହିଛନ୍ତି । ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଇସକଫର ରାଜ୍ୟ ସମ୍ପାଦକ ବିଜୟ ମହାନ୍ତି, ବିଷ୍ଣୁ ଚରଣ ମୁଦୁଲି ପ୍ରମୁଖ ନେତା ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ସବିତା ମହାପାତ୍ର, ନାରୀନେତ୍ରୀ ଜିନ୍ମୟୀ ସାହାଣୀ, ଗଣଅଧିକାରର ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆନ୍ତର୍ଜାତିକ ସାଂସ୍କୃତିକ ସମ୍ପର୍କକୁ ଭାରତୀୟ ସଂସ୍କୃତି ସହିତ ଯୋଡାଯାଇପାରିବ, ସେ ସମ୍ପର୍କରେ ଆଲୋଚନା କରିଥିଲେ । ଏ ଅବସରରେ ଜିଲ୍ଲା ସ୍ତରରେ କର୍ମକର୍ତ୍ତା ମନୋନୀତ ହୋଇଥିଲେ । ସଭାପତି ଭାବେ ବସନ୍ତ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଭାବେ ଚିତ୍ତରଞ୍ଜନ ସ୍ୱାଇଁ, ଉପସଭାପତି ଭାବେ ସବିତା ମହାପାତ୍ର ଓ ଜିନ୍ମୟୀ ସହାଣୀ, ସାଧାରଣ ସମ୍ପାଦକ ଭାବେ ବିଷ୍ଣୁଚରଣ ମୁଦୁଲି, ସମ୍ପାଦକ ଭାବେ ଅଜୟ ବେହେରା ଓ କୋଷାଧ୍ୟକ୍ଷ ଭାବେ ଶରତ ବେହେରାଙ୍କୁ ମନୋନୀତ କରାଯାଇଥିଲା । ଏହାବ୍ୟତୀତ ୧୨ ଜଣ ସଭ୍ୟଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା । ଆସନ୍ତା ନଭେମ୍ବର ୧ ଓ ୨ ତାରିଖରେ ରାଉରକେଲାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସମ୍ମିଳନୀରେ ଯୋଗ ଦେବାକୁ ୧୦ ଜଣଙ୍କୁ ପଠାଯିବା ନେଇ ସ୍ଥିର କରାଯାଇଥିଲା ।

## ଚୋରା କୋଇଲା ଜବତ ଘଟଣାରେ ଜଣେ ଗିରଫ

ଛେଣ୍ଡିପଦା,୨୭ ।୧୦(ସମିସ): ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ପୁଲିସ ଏକ ଚୋରା କୋଇଲା ଡିପୋରୁ ୮ ଟନରୁ ଉର୍ଦ୍ଧ୍ୱ ପରିମାଣର କୋଇଲା ଜବତ କରିଥିଲା । ଏହି ଘଟଣାରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ପତ୍ରପଡ଼ା ଗାଁର ବାଳକ ସେଠୀ । ୨୦୨୪ ଫେବୃଆରୀ ୧୩ରେ ପୁଲିସ ବରସାହି ପଞ୍ଚାୟତ ସାମଲମଳିହାଠାରେ ଥିବା ବେଆଇନ କୋଇଲା ଡିପୋରେ ଚଢ଼ଉ କରି ପୁଲିସ ଗଚ୍ଛିତ ଥିବା କୋଇଲା ଜବତ କରିଥିଲା । ଏ ନେଇ ଥାନା ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା । ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଥିବା ବେଳେ ସୋମବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପାତ୍ରପଡ଼ାର ବାଳକ ସେଠୀଙ୍କୁ ଗିରଫ କରିଛି ।

## ଜିଲ୍ଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ,୨୭ ।୧୦(ସମିସ): ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତଙ୍କ ଅଧ୍ୟକ୍ଷତାରେ ଆଠମଲ୍ଲିକ ବ୍ଲକ୍ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶିବିରରେ ଏସ୍‌ପି ରାହୁଲ ଜୈନ ଯୋଗଦେଇଥିଲେ । ଏଥିରେ ସମୁଦାୟ ୧୨୩ଟି



ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୧୧ଟି ବ୍ୟକ୍ତିଗତ ଓ ୧୨ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିଲା । ୪ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୋହା, ଆଠମଲ୍ଲିକ ତହସିଲଦାର ପ୍ରସନ୍ନ ଟେଟେ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଉଦ୍ୟାନ ବିଭାଗ ଉପ-ନିର୍ଦ୍ଦେଶକ ଅମର ଲୁଗୁନଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ ।

## ଶିକ୍ଷାନୁଷ୍ଠାନରେ ଭିଜିଲାନ୍ସ ସଚେତନତା ସମ୍ବନ୍ଧୀୟ ପ୍ରତିଯୋଗିତା

ଅନୁଗୋଳ,୨୭ ।୧୦(ସମିସ): ନାଲକୋ ସ୍ମେଲଟର ଓ ପାୱାର ପ୍ଲାଣ୍ଟ ତରଫରୁ ପରିପାର୍ଶ୍ୱର ଗ୍ରାମର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଭିଜିଲାନ୍ସ ସଚେତନତା ସମ୍ବନ୍ଧୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ବଳରାମପ୍ରସାଦ ସରକାରୀ ବାଳିକା ହାଇସ୍କୁଲ, ହରିହର କୁକୁଡ଼ାଙ୍ଗ ନୋଡାଲ ହାଇସ୍କୁଲ ଓ ସରକାରୀ ପଲିଟେକ୍ନିକରେ ପ୍ରତିଯୋଗିତା



ହୋଇଥିଲା । ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ମଧ୍ୟରେ ଭିଜିଲାନ୍ସ ସମ୍ବନ୍ଧୀୟ ଶପଥପାଠ କରାଯାଇଥିଲା । ସେହିପରି ନାଲକୋନଗର ସରସ୍ୱତୀ ବିଦ୍ୟାମନ୍ଦିର ଓ ଦିଲ୍ଲୀ ପବ୍ଲିକ ସ୍କୁଲରେ ମଧ୍ୟ ବକ୍ତୃତା, ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା । ପ୍ରତିଯୋଗିତା ମାଧ୍ୟମରେ ବିଦ୍ୟାର୍ଥୀଙ୍କ ମନରେ ଭିଜିଲାନ୍ସ ସମ୍ବନ୍ଧୀୟ ସଚେତନତା ସୃଷ୍ଟି ପାଇଁ ପ୍ରୟାସ କରାଯାଇଥିଲା । ଏସ ଆଣ୍ଡ ପି ଭିଜିଲାନ୍ସ ବିଭାଗ ତରଫରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

● ରାଜ୍ୟସ୍ତରୀୟ ପାରା ସୁଇମିଂ ଚାମ୍ପିଅନସିପ୍

## ସତ୍ୟଶିବ ପରିଡ଼ାଙ୍କ କାଂସ୍ୟ ପଦକ ଲାଭ




ପାରାଦୀପ,୨୭ ।୧୦(ସମିସ): ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ ପାରା ସୁଇମିଂ ଚାମ୍ପିଅନସିପ୍‌ରେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ଅଧୀନ ବିଶ୍ୱାଳୀ ଗ୍ରାମର ଟୁକୁନା ପରିଡ଼ାଙ୍କ ପୁଅ ସତ୍ୟଶିବ ପରିଡ଼ା ଏସ-୫ କାଟାଗୋରିର ୧୦୦ ମିଟର ସୁଇମିଂରେ କାଂସ୍ୟ ପଦକ ହାସଲ କରିଛନ୍ତି । ଏହି ପାରା ସୁଇମିଂରେ ୨୯ଟି ଜିଲ୍ଲାରୁ ଦିବ୍ୟାଙ୍ଗ ଖେଳାଳି ଭାଗ ନେଇଥିଲେ । ସେଥିମଧ୍ୟରୁ ସତ୍ୟଶିବଙ୍କ ଏହି କୃତିତ୍ୱ ଜଗତସିହପୁର ଜିଲ୍ଲା ଗୌରବ ବୃଦ୍ଧି କରିଛି । ଦୁର୍ଘଟଣାରେ ତାଙ୍କ ମେରୁଦଣ୍ଡରେ ଆଘାତ ପରେ ସତ୍ୟଶିବ ଦିବ୍ୟାଙ୍ଗ ହୋଇ ଶାରୀରିକ ଅକ୍ଷମତା ହୋଇଛନ୍ତି । କିନ୍ତୁ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭଲ ଅଛନ୍ତି । ସେ କହିଛନ୍ତି, ଜାତୀୟ ସ୍ତରର ଖେଳାଳିଙ୍କୁ ହରାଇ କାଂସ୍ୟ ପଦକ ଜିତିବା ପଛରେ ଏସଭି ନିରତର, ଓଲଟପୁରର ଭୂମିକା ରହିଛି । ସେ ବିଗତ ୫ ମାସ ହେବା ସେଠାରେ ରହି ନିଜର ଅଭ୍ୟାସ ଜାରିରଖି କଠିନ ପରିଶ୍ରମ ଫଳରେ ଆଜି କାଂସ୍ୟ ପଦକ ଜିତିପାରିଛନ୍ତି । ଜିଲ୍ଲାପାଳଙ୍କ ସହାୟତା ମିଳିଲେ ସେ ଜାତୀୟ ସ୍ତରରେ ଓଡ଼ିଶା ନାମକୁ ଗୌରବାନ୍ୱିତ କରିବେ ବୋଲି ଆଶା ରଖିଛନ୍ତି । ବିଶ୍ୱାଳୀ ପଞ୍ଚାୟତର ଅତନୁ ସାମନ୍ତ, ଚନ୍ଦ୍ରକାନ୍ତ ସାମଲ, ସୁରେଶ ବେହେରା, ଅନୀଲ ତରାଇ, ସମାଜସେବୀ ରାଜକିଶୋର ପତି, ବାବୁରୀ ସାମଲ, ରଞ୍ଜିତ ସାମଲ ପ୍ରମୁଖ ସତ୍ୟଶିବଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ



ଜଗତସିଂହପୁର,୨୭ ।୧୦(ସମିସ): ଆଜି ଜଗତସିଂହପୁର ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଏକ ଶପଥ ପାଠ ସଭା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ବିତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତ ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ସଚ୍ଚୋଟତା ଓ ନିଷ୍ଠା ସହିତ କାର୍ଯ୍ୟ କରିବା ନିମନ୍ତେ ଶପଥ ପାଠ କରାଇଥିଲେ । ସମସ୍ତେ ମିଶି ଦୁର୍ନୀତି ରୋକିବାରେ ସଚେତନ ହେଲେ ଏକ ସ୍ୱଚ୍ଛ ଉତ୍ତରଦାୟୀ ପ୍ରଶାସନ ଗଠନ ହେବ ବୋଲି ସେ କହିଥିଲେ । ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଉପଆରକ୍ଷୀ ଅଧୀକ୍ଷକ, ଦୁର୍ନୀତି ନିବାରଣ ବିଭାଗ ଶ୍ରୀମତୀ ଅନୁପମା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଟୀ ତନୟା ମହାନ୍ତି, ଜିଲ୍ଲପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର, ସହକାରୀ ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବିଭାଗର କର୍ମଚାରୀ ଉପସ୍ଥିତ ରହି ଶପଥ ପାଠ କରିଥିଲେ । ଏଥିସହିତ ଜିଲ୍ଲାର ସମସ୍ତ ବିଭାଗୀୟ କାର୍ଯ୍ୟାଳୟରେ ମଧ୍ୟ ଅଧିକାରୀ ଓ କର୍ମଚାରୀ ସାଧୁତାର ଶପଥପାଠ କରିଥିଲେ ।

## ବାଲି ବୋଝେଇ ହାଇୱା ଜବତ; ୨ ଗିରଫ

ଛେଣ୍ଡିପଦା,୨୭ ।୧୦(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ପୁଲିସ ରବିବାର ସନ୍ଧ୍ୟାରେ ପଟ୍ରୋଲିଂ କରୁଥିବା ବେଳେ ଦୁଇଟି ବାଲି ବଝେଇ ହାଇୱା ଜବତ କରିବା ସହ ଦୁଇ ଚାଳକଙ୍କୁ ଗିରଫ କରିଛି । ଗିରଫ ଚାଲାକମାନେ ହେଲେ ଛେଣ୍ଡିପଦା ଥାନା ଲଙ୍ଗୁଳି ଗାଁର ମନୋଜ ଭୋଇ ଓ କରଡ଼ାବାହାଳର ମିଟୁ ସାହୁ । ରବିବାର ସନ୍ଧ୍ୟାରେ ବୁଢ଼ାପାଳ ଆଡୁ ଆସୁଥିବା ଦୁଇଟି ହାଇୱାକୁ ପୁଲିସ ଥାନାଛକ ନିକଟରେ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ବେଳେ ବାଲି ଚାଳକ ଦ୍ୱୟ ବାଲି ଚାଲାଣ ସମ୍ପର୍କିତ କାଗଜପତ୍ର ଦେଖାଇ ପାରି ନ ଥିଲେ । ପୁଲିସ ଦୁଇ ହାଇୱା ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଦୁଇ ଚାଳକଙ୍କୁ ସୋମବାର କୋର୍ଟ ଚାଲାଣ କରିଛି ।

## ବାତ୍ୟା ପାଇଁ ଆଳୁ, ପିଆଜ ଦର ବୃଦ୍ଧି

ଢେଙ୍କାନାଳ,୨୭ ।୧୦(ସମିସ): ଢେଙ୍କାନାଳ ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା ମୋନ୍ଥାକୁ ନେଇ ଲୋକେ ଆତଙ୍କିତ ଥିବା ବେଳେ କିଛି ଅସାଧୁ ବ୍ୟବସାୟୀ ଏହାର ଫାଇଦା ଉଠାଉଛନ୍ତି । ଅନେକ ସ୍ଥାନରେ ଆଳୁ, ପିଆଜ ସହ ଅନ୍ୟାନ୍ୟ ପନିପରିବା ଦର ବୃଦ୍ଧି କରିଥିବା ଜଣାପଡ଼ିଛି । ବାତ୍ୟା ପ୍ରଭାବରେ ରବିବାର ଆକାଶ ମେଘାଚ୍ଛନ୍ନ ରହିବା ସହ ବିଭିନ୍ନ ସ୍ଥାନରେ ଅଳ୍ପବହୁତ ବର୍ଷା ହୋଇଛି । ଏହାକୁ ନେଇ ଲାଭଖୋର ବ୍ୟବସାୟୀମାନେ ତାଙ୍କ ଚାଲ ଚଳାଇଛନ୍ତି । ଦୁଇଦିନ ତଳେ ଆଳୁଦର ୧୮ ଟଙ୍କା ଥିବା ବେଳେ ହଠାତ ଏହା ୨୨ରୁ ୨୫ ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ପିଆଜ ୩୦ରୁ ୩୫ ଟଙ୍କାରେ ବିକ୍ରି ହେଉଛି । ଟମୋଟୋ ଦର ୪୦ଟଙ୍କା ଥିବା ବେଳେ ଆଜି ୫୦ଟଙ୍କା ପାର ହେଲାଣି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ଯୁବତୀଙ୍କୁ ଅସଦାଚରଣ; ରଙ୍ଗମିସ୍ତ୍ରି ଗିରଫ

ଅନୁଗୋଳ,୨୭ ।୧୦(ସମିସ): ଯୁବତୀଙ୍କ ଘରେ ପଶି ଅସଦାଚରଣ ଉଦ୍ୟମ ଅଭିଯୋଗରେ ଟାଉନ ଥାନା ପୁଲିସ୍ ଜଣେ ରଙ୍ଗମିସ୍ତ୍ରିଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ବନ୍ତଲା ଥାନା ଖୁଣ୍ଟା ଗ୍ରାମର ଦୁଷ୍ମନ୍ତ ପ୍ରଧାନ (୩୦) । ଦୁଷ୍ମନ୍ତ ଜଣେ ଠିକାଦାରଙ୍କ ଜରିଆରେ ଅନୁଗୋଳ ସହର ଶିମିଳିପଡ଼ାସ୍ଥିତ ଏକ ଘରେ ରଙ୍ଗ କାମ କରିବାକୁ ଆସିଥିଲେ । ତେବେ ଘର ମାଲିକଙ୍କ ଝିଅ ପ୍ରତି ଖରାପ ନଜର ପକାଇଥିଲେ । ତାଙ୍କ ମଜୁରି ବାବଦ ମାଲିକଙ୍କ ଝିଅ ଫୋନ୍ ପେ'ରେ ଟଙ୍କା ପୈଠ କରିଥିଲେ । ଫୋନ ପେ'ରୁ ଯୁବତୀଙ୍କ ମୋବାଇଲ ନମ୍ବର ଆଣି ଦୁଷ୍ମନ୍ତ ତାଙ୍କୁ ହଇରାଣ କରିଥିଲା । ମେସେଜ୍ କରି ପ୍ରେମ ନିବେଦନ କରିଥିଲେ । ଯୁବତୀ ଜଣକ ଦୁଷ୍ମନ୍ତଙ୍କୁ ବିରୋଧ କରିବା ସହ ପୁଲିସ୍ ଭୟ ଦେଖାଇଥିଲେ ମଧ୍ୟ ଦୁଷ୍ମନ୍ତ ଗତ ଶନିବାର ସକାଳେ ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କ ଘରେ ପଶିଥିଲେ । ଯୁବତୀଙ୍କ ପରିବାର ଲୋକେ ତାଙ୍କୁ କାବୁ କରି ପୁଲିସକୁ ଖବର ଦେଇଥିଲେ । ମାତ୍ର ପୁଲିସ୍ ପହଞ୍ଚିବା ପୂର୍ବରୁ ସେ ଧକ୍କାଦେଇ ଚମ୍ପଟ ମାରିଥିଲେ । ଏନେଇ ଯୁବତୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ସୋମବାର ଦୁଷ୍ମନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ପୁଲିସ କହିଛି ।

## ଭିଜିଲାନ୍ସ ସଚେତନତା ସପ୍ତାହରେ ଶପଥପାଠ



ଅନୁଗୋଳ,୨୭ ।୧୦(ସମିସ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୨୭ ତାରିଖ ଠାରୁ ୨ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ପାଳନ କରାଯାଉଛି । ଚଳିତ ବର୍ଷର ବାର୍ତ୍ତା ହେଉଛି " ଦୁର୍ନୀତି ନିବାରଣ : ଆମ ସାମୁହିକ ଦାୟିତ୍ୱ" । ଏହି ଉପଲକ୍ଷେ ଆଜି ଜିଲ୍ଲା କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଏକ ସାଧୁତା ଶପଥ ପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଡେପୁଟୀ କଲେକ୍ଟର ଶ୍ରୀ ଜୟକୃଷ୍ଣ ପାତ୍ର, ଭିଜିଲାନସ୍ ଇନସ୍ପେକ୍ଟର ଶ୍ରୀମତୀ ଉର୍ମିଳା ଲାକ୍ରା, ଡେପୁଟି କଲେକ୍ଟର(ନିର୍ବାଚନ) ଶ୍ରୀମତୀ ମମତା ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଜୟଜିତ ଧଳ, ଡେପୁଟୀ କଲେକ୍ଟର ଶ୍ରୀମତୀ ମଧୁସ୍ମିତା ବିଶି, ଡେପୁଟୀ କଲେକ୍ଟର ଶ୍ରୀମତୀ ଶୁହା ମହାନ୍ତି, ଡେପୁଟୀ କଲେକ୍ଟର ଶ୍ରୀ ସୁକାନ୍ତ କୁମାର ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ସଞ୍ଜୟ ନାୟକ, ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ମନ୍ମଥ ନାଥ ଦାସ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସିଠଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହା ସହିତ ଅନୁଗୋଳ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ପରିପ୍ରେକ୍ଷୀରେ ସାଧୁତାର ଶପଥ ପାଠ କରାଯାଇଥିଲା ।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ଢେଙ୍କାନାଳ,୨୭ ।୧୦(ସମିସ)



ସ୍ଥାନୀୟ ପିଏମ୍‌ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସଦର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି । ଏଥିରେ ବ୍ଲକର ୧୭ଟି କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତର୍କ, କୁଇଜ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଶ୍ରୁତଲିଖନ, ହସ୍ତାକ୍ଷର, ପିଏମ ପୋଷଣ ସମ୍ପର୍କିତ ଚିତ୍ରକଳା, ଶିଳ୍ପକଳା ଓ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତା ହୋଇଥିଲା । ସଦର ବିଇଓ ଦିବ୍ୟପ୍ରକାଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସଦର ବିଡିଓ ରାହୁଳ ମଣ୍ଡଳ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ, ଏବିଇଓ ଦେବବ୍ରତ ନାଥ ଓ ପ୍ରଧାନଶିକ୍ଷୟିତ୍ରୀ ସୁନିତାବାଳା ଷଡ଼ଙ୍ଗୀ ଯୋଗଦେଇଥିଲେ । ବିତର୍କ ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଶର୍ମିଷ୍ଠା ନାୟକ, ସର୍ବବରିଷ୍ଠ ବିଭାଗରେ ଅନୁସୂୟା ରାଉତ, ସଙ୍ଗୀତ କନିଷ୍ଠ ବିଭାଗରେ ଶୀତଲ ପରିଡ଼ା, ଦିବ୍ୟାଙ୍ଗ ବିଭାଗରେ ଶିବଦତ୍ତ ସାହୁ, ବରିଷ୍ଠ ବିଭାଗରେ ବଳରାମ ସାହୁ, ବରିଷ୍ଠ ଦିବ୍ୟାଙ୍ଗ ବିଭାଗରେ ସୌମ୍ୟାଶ୍ରୀ ସ୍ୱାଇଁ, ସର୍ବବରିଷ୍ଠ ବିଭାଗରେ ଆର ଶିବାଲି ପ୍ରିୟଦର୍ଶିନୀ, ଶ୍ରୁତଲିଖନ ଓ ହସ୍ତାକ୍ଷରରେ ଆୟୁଷ ମୋହନ ଦାସ, ପିଏମ ପୋଷଣ ଚିତ୍ରକଳା କନିଷ୍ଠ ବିଭାଗରେ ଅମିତ ବାରିକ, ଶିଳ୍ପକଳାରେ ସାଇସୂର୍ଯ୍ୟ ସାହୁ, ବରିଷ୍ଠ ଚିତ୍ରକଳାରେ ବିଶ୍ୱଜିତ୍ ସାହୁ, ଶିଳ୍ପକଳାରେ ପୁଷ୍ପାଞ୍ଜଳି ସାହୁ, ବକ୍ତୃତା କନିଷ୍ଠ ବିଭାଗରେ ଆରତୀ ରଥ, ବରିଷ୍ଠ ବିଭାଗରେ ଶର୍ମିଷ୍ଠା ନାୟକ, ସର୍ବବରିଷ୍ଠ ବିଭାଗରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, କୁଇଜର କନିଷ୍ଠ ବିଭାଗରେ ଦୀପକ ଷେଣ୍ଡ, ବରିଷ୍ଠ ବିଭାଗରେ ଭାର୍ଗବ ପୃଷ୍ଟି, ସର୍ବକନିଷ୍ଠ ବିଭାଗରେ ମିଥୁନ ଦେହୁରୀ, ସୃଜନଶୀଳ ଲିଖନ କନିଷ୍ଠ ବିଭାଗରେ ସୁକାନ୍ତି ସୋରେନ, ବରିଷ୍ଠ ବିଭାଗରେ କୀର୍ତ୍ତିପ୍ରଜ୍ଞା ସାହୁ, ସର୍ବବରିଷ୍ଠ ବିଭାଗରେ ମିନତୀ ସ୍ୱାଇଁ, ଚିତ୍ରାଙ୍କନ କନିଷ୍ଠ ବିଭାଗରେ ଆଦିତ୍ୟ ପ୍ରସାଦ ରାଉତ, ଦିବ୍ୟାଙ୍ଗ ବିଭାଗରେ ଶୁଭମ ସାହୁ, ବରିଷ୍ଠ ବିଭାଗରେ ପ୍ରିୟବ୍ରତ ମଲ୍ଲିକ, ବରିଷ୍ଠ ଦିବ୍ୟାଙ୍ଗରେ ଅନୁସୁରୁ ଲାହକ ପାନ, ସର୍ବବରିଷ୍ଠ ବିଭାଗରେ ସାଇପ୍ରସାଦ ନାୟକ ଓ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଣସିଂହ ଉଚ୍ଚ ବିଦ୍ୟାଳୟର ପ୍ରଜ୍ଞାସିନୀ ଓ ସାଥୀ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହେବା ସହ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି ।

ଶିକ୍ଷକ ଦେବେନ୍ଦ୍ର କୁମାର ରାଉତ, ବିଦ୍ୟାଧର ବେହେରା, ଶୁଭ୍ରାଂଶୁ ଶେଖର ରାଉତ, ସୌରଭ ରାୟ, ବିକ୍ରମ ସେଠୀ, ପ୍ରଶାନ୍ତ କୁମାର ପଣ୍ଡା, ଦିଲୀପ ରାଜ, ଦିଲୀପ ସାହୁ, ବିଶ୍ୱରଞ୍ଜନ ଚମ୍ପତିରାୟ, ସନ୍ଦିପନୀ ଷଡ଼ଙ୍ଗୀ, ଅଭିନବ ବରାଳ, ବିକାଶ ଜେନା, ଶିକ୍ଷୟିତ୍ରୀ ପ୍ରତିମା ଦେବୀ, ଅନୁକମ୍ପା ମିଶ୍ର, ଶୁଭସ୍ମିତା ବେଉରା, ପଙ୍କଜିନୀ କର, କୁର୍ସିଦା ବେଗମ, ଅର୍ପିତାରାଣୀ ପତି, ବବିତା ସାହୁ, ସୌମିତ୍ରୀ ବିଷ୍ଣୁପ୍ରିୟା ମହାନ୍ତି ପ୍ରମୁଖ ବିଚାରକ ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ କୃତୀକୁ ମୂଲ୍ୟାଙ୍କନ କରିଥିଲେ । ଅପରାହ୍ନରେ ବିଇଓ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ସମ୍ମାନିତ ଅତିଥି ଭାବେ ଏବିଇଓ ଶତ୍ରୁଘ୍ନ ଖଣ୍ଡା ଓ ଭଗବାନ ବେହେରା ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ବିବି ହାଇସ୍କୁଲ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଶିକ୍ଷକ ରଜନୀକାନ୍ତ ସାହୁ, ଜିତେନ୍ଦ୍ର ସାହୁ ଓ ରମା ବେହେରା ମଞ୍ଚ ସଞ୍ଚାଳନ କରିଥିବାବେଳେ ଶିକ୍ଷକ ପଞ୍ଚାନନ ସୁନ୍ଦର ପାଣି ଧନ୍ୟବାଦ ଅର୍ପଣ କରିଥିଲେ । କାଳନ୍ଦୀ ଦେବତା, ସନ୍ତୋଷ ପଟ୍ଟନାୟକ, ବିଚ୍ଛନ୍ଦ ବେହେରା, ଗଦାଧର ହାତୀ, ଡ. ଦେବୀପ୍ରସାଦ ମିଶ୍ର, ବିଷ୍ଣୁ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ ।

# ଏମସିଏଲ ଲିଙ୍ଗରାଜ ଦୁର୍ନୀତିର ଗନ୍ତାଘର

ଅନୁଗୋଳ/ତାଳଚେର,୨୭ ।୧୦(ସମିସ): ଏମସିଏଲ ଲିଙ୍ଗରାଜ କ୍ଷେତ୍ର ଲିଙ୍ଗରାଜ କୋଇଲା ଖଣିରେ ବିଭିନ୍ନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନଜରକୁ ଆସିଛି । କିଛିଦିନ ତଳେ ଜଗନ୍ନାଥ କ୍ଷେତ୍ର ଜଗନ୍ନାଥ କୋଇଲା ଖଣିରେ କୋଟି କୋଟି ଟଙ୍କାର କୋଇଲା ଦୁର୍ନୀତି ହୋଇଥିବା ପର୍ଦ୍ଦାଫାସ ହୋଇଥିଲା । ସେହିପରି ଏମସିଏଲ ଲିଙ୍ଗରାଜ କ୍ଷେତ୍ରର ବିଭିନ୍ନ କାର୍ଯ୍ୟ ତଥା ଦେଉଳବେଡ଼ା କୋଲନୀ, ଲିଙ୍ଗରାଜ ଟାଉନସିପ ଓ ଡେରା ଅଞ୍ଚଳରେ ଥିବା ଡିଏଲବି କଲୋନୀ ମେଣ୍ଟେନାନ୍ସ କାର୍ଯ୍ୟରେରେ ବ୍ୟାପକ ହେରଫେର ହୋଇଥିବା ଦେଖିବାକୁ ମିଳିଛି । ଉକ୍ତ କଲୋନୀଗୁଡ଼ିକର ମେଣ୍ଟେନାନ୍ସ ପାଇଁ ଏମସିଏଲର ସମ୍ବଲପୁର ମୁଖ୍ୟ କାର୍ଯ୍ୟାଳୟଠାରେ ୧୫ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ ହୋଇଥିଲା । ଉକ୍ତ ଟେଣ୍ଡର ପାଇଁ ଅନେକ ଗାଇଡଲାଇନ ରହିଥିଲେ ମଧ୍ୟ ଜଣେ ଠିକାଦାର ଏଥିରେ ତଞ୍ଚକତା କରି ଟେଣ୍ଡର ହାତେଇଥିଲେ । ଏହି ଟେଣ୍ଡର ପାଇଁ ୫/୬ ଜଣ ଠିକାଦାର ସାମିଲ ହୋଇଥିଲେ । ଟେଣ୍ଡର ହାତେଇଥିବା ଠିକାଦାରଙ୍କ ବିରୋଧରେ ଟେଣ୍ଡର ପାଇ ନ ଥିବା କିଛି ଠିକାଦାର ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ଲିଙ୍ଗରାଜ କଲୋନୀ ମେଣ୍ଟେନାନ୍ସ କାର୍ଯ୍ୟ ବନ୍ଦ ରଖିବା ପାଇଁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଏମସିଏଲ ସିଭିଲ ବିଭାଗ ଓ ଲିଙ୍ଗରାଜ ଖଣି କର୍ତ୍ତୃପକ୍ଷ ଅବମାନନା କରିଥିବା ଅଭିଯୋଗ ହୋଇଛି । ଠିକାଦାର ଜଣକ ଲିଙ୍ଗରାଜ କଲୋନୀ ମେଣ୍ଟେନାନ୍ସ କାମ ନ କରି ବେଆଇନ ଉପାୟରେ ପ୍ରାୟ ୫୦ ଲକ୍ଷ ଟଙ୍କା ହଡ଼ପ କରିଥିବା କୁହାଯାଉଛି । ସେହିପରି ୫ କୋଟି ଟଙ୍କାର ଅଗ୍ରିମ ବିଲ୍ ହଡ଼ପ ହୋଇଥିବା କୁହାଯାଉଛି । ଆଉ ଏକ ଲିଙ୍ଗରାଜ ଟାଉନସିପରେ ପ୍ରାୟ ୨ କୋଟି ଟଙ୍କାରେ ସ୍ୱେରେଜ ବୋର୍ଡ ପ୍ଲାଣ୍ଟ ନିର୍ମାଣ ହୋଇଥିବା ବେଳେ ତାହା ଏବେ କାହା ସ୍ୱାର୍ଥରେ ବନ୍ଦ ହୋଇ ରହିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଡେରା ଛକ ପାଖ ଲିଙ୍ଗରାଜ ରୋଡ୍ ସିଏମପିଡିଆଇ ଅଫିସ ଭିତରେ ୫୦ କୋଟି ଟଙ୍କାରେ ଲିଙ୍ଗରାଜ କ୍ଷେତ୍ରର ନୂତନ ଡିଏଭି ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଜାରି ରହିଛି । ୫୦ କୋଟି ଟଙ୍କାର ପ୍ରକଳ୍ପ ନିର୍ମାଣ ହେଲେ ବେଟିଂ ପ୍ଲାଣ୍ଟ ବସାଇବା ନିୟମ ରହିଛି । କିନ୍ତୁ ମିକ୍ସଚର ମେସିନ ସାହାଯ୍ୟରେ ଠିକାଦାର ବିଦ୍ୟାଳୟର ବିରାଟ ଅଟ୍ଟାଳିକା ନିର୍ମାଣ କରୁଛନ୍ତି । ଏମସିଏଲ ସିଏମଡି/ସିଜିଏମ ଏହାର ତଦନ୍ତ କରି ଡିଏଭି ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହ ବେଟିଂ ପ୍ଲାଣ୍ଟ ଦ୍ୱାରା ବିଦ୍ୟାଳୟ ଗୃହ ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଏମସିଏଲ ଲିଙ୍ଗରାଜର ବିଭିନ୍ନ ଶ୍ରମିକ ସଂଗଠନ ଦାବି କରୁଛନ୍ତି । ଲିଙ୍ଗରାଜ ସାଇଲୋରେ ମଧ୍ୟ ତଞ୍ଚକତା କରି କାମ ପାଇଥିବା ଜଣେ ଠିକାଦାର ୧୫ ଲକ୍ଷ୍ୟ ଟଙ୍କା ହଡ଼ପ କରିଥିବା କୁହାଯାଉଛି । ସାଇଲୋରେ ଲକ୍ଷ ଲକ୍ଷ ଟଙ୍କାର ସ୍କ୍ରାପ ଲୁଟ ହେଉଥିବା ଅଭିଯୋଗ ହେଉଛି । ଏମସିଏଲ ସିଏମଡି ସ୍ୱତନ୍ତ୍ର ଭାବରେ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।



**ସିଏମଡିଙ୍କ ଦୃଷ୍ଟି ପଡ଼ିବ କେବେ?**

### ସହରରୁ ବୁଲା ଗୋରୁ, ଷଣ୍ଢ ହଟାଇବାରେ ପୌରପରିଷଦ ବିଫଳ

# ଟ୍ରାଫିକ୍ ସମସ୍ୟା ଗୁରୁତର, ଘଟୁଛି ଦୁର୍ଘଟଣା

ପଟ୍ଟାମୁଣ୍ଡାଇ,୨୭।୧୦(ସମିସ): ସମ୍ପ୍ରତି ପଟ୍ଟାମୁଣ୍ଡାଇ ସହରରୁ ବୁଲା ଷଣ୍ଢ, ଗୋରୁ, ଛେଳିମେଣ୍ଢା ଓ କୁକୁର ହଟାଇବାରେ ପୌରପରିଷଦ ବିଫଳ ହୋଇଛି। ଫଳରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏମାନଙ୍କୁ ହଟାଇବାରେ ପଟ୍ଟାମୁଣ୍ଡାଇ ପୌରପରିଷଦ ବହୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରିନାହିଁ। ପଟ୍ଟାମୁଣ୍ଡାଇ ସହରରୁ ବୁଲା ଗୋରୁ, ଷଣ୍ଢ, ଛେଳିମେଣ୍ଢା ଓ କୁକୁର ହଟାଇବାରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ବସ୍ତୁତ ବିଫଳ ହୋଇଥିବା ସହରରେ ଚର୍ଚ୍ଚା ଚାଲିଛି। ଏମାନଙ୍କ ଉପଦ୍ରବ ଯୋଗୁଁ ପଟ୍ଟାମୁଣ୍ଡାଇ ସହରରେ ଟ୍ରାଫିକ ସମସ୍ୟା ଗୁରୁତର ହୋଇପଡିଛି। ପୌର ପରିଷଦ ବାରମ୍ବାର ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରିଥିଲେ ମଧ୍ୟ ଫଳ କିଛି ହେଉନାହିଁ। ମାଲିକମାନେ ଫୁ କରିଦେଇଛନ୍ତି। ପଟ୍ଟାମୁଣ୍ଡାଇ ସହରରେ କାଞ୍ଜିଆହୁଦା ଏବେ ଅକାମି ହୋଇପଡ଼ିଛି।

ପୌର ପରିଷଦ ବୈଠକରେ ବାରମ୍ବାର ବୁଲା ଗୋରୁ, ଷଣ୍ଢଙ୍କୁ ହଟାଇବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ବଡ଼ ଆକାରରେ ଜରିମାନା କରିବା, ନଚେତ ନିଲାମ କରି ବିକି ଦେଲେ ଗୋରୁ, ଛେଳିମେଣ୍ଢା ମାଲିକଙ୍କ ମଧ୍ୟରେ ଛନକା ପଶିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଥିଲେ ମଧ୍ୟ ବସ୍ତୁତଃ କିଛି ନ କରି ପୌର ପ୍ରଶାସନ ଚୁପ୍ ରହିଛି। ପଟ୍ଟାମୁଣ୍ଡାଇ ସହରକୁ ପୌରାଞ୍ଚଳ ଘୋଷଣା କରାଯିବାର ୩୭ ବର୍ଷ ଅତିକ୍ରାନ୍ତ ପରେ ବିଭିନ୍ନ ସମସ୍ୟାରେ ଲୋକମାନେ ଛନ୍ଦି ହୋଇପଡିଛନ୍ତି। ସହରର ମୁଖ୍ୟ ସମସ୍ୟା ଜଳ ନିଷ୍କାସନ ଏବେବି ଅସମାହିତ। ଏପରିକି ସହରରୁ ବୁଲା ଷଣ୍ଢ, ଗୋରୁ, ମେଣ୍ଢାଛେଳି ଓ କୁକୁରଙ୍କୁ ହଟାଇବାରେ ପରିଷଦ ବିଫଳ ହେବା ଘଟଣା ଜନସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ସତେ ଯେମିତି ସେମାନେ ଟ୍ରାଫିକ ନିୟନ୍ତ୍ରଣ ଦାୟିତ୍ୱରେ ଅଛନ୍ତି। ସହରରେ ଦିନରାତି ଅବାଧରେ ବିଚରଣ କରୁଛନ୍ତି। ମୁଖ୍ୟ ରାସ୍ତା ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକରେ ଠିଆ ହୋଇ ହେବା ସହିତ ଶୋଇ ରହି ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି। ଫଳରେ ରାସ୍ତା ଜାମ ରହିବା ଫଳରେ ଜନସାଧାରଣ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ସନ୍ଧ୍ୟା ପରେ ଏହି ସମସ୍ୟା ଉତ୍କଟ ରୂପ ଧାରଣ କରୁଛି ଓ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏପରିକି ଜରୁରିକାଳୀନ ସେବାରେ ନିୟୋଜିତ ଦମକଳ ଓ ଆମ୍ବୁଲାନ୍ସ ଯିବାରେ ବାଧା ସୃଷ୍ଟି ହୋଇଛି।

ପଟ୍ଟାମୁଣ୍ଡାଇ ସହରର ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା ସୁଧାରିବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ବୈଠକ ହୋଇଛି ସତ, ଫଳ ଶୂନ୍। ଦିନକୁ ଦିନ ଟ୍ରାଫିକ ସମସ୍ୟା ଉତ୍କଟ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବସ୍ଷ୍ଟାଣ୍ଡ, ମେଡିକାଲ ଛକ, ବାଇପାସ ଛକ, କଲେଜ ରୋଡ୍, ସରକାରୀ ବାଳିକା ହାଇସ୍କୁଲ ଛକ, ବକ୍ତାରପୁର ଛକ, କଟକ-ଚାନ୍ଦବାଲି ମୁଖ୍ୟରାସ୍ତା ବିଜୁ ପଟ୍ଟନାୟକ ଛକ ଆଦି ଅଞ୍ଚଳରେ ବୁଲା ଷଣ୍ଢ, ଗୋରୁ ଛେଳିମେଣ୍ଢା ମେଳିବାନ୍ଧି ଠିଆ ହେବା ସହିତ ଶୋଇ ରହୁଥିବାରୁ ବହୁ ସମୟରେ ଯାତାୟତ ସମ୍ପୂର୍ଣ୍ଣ ଠପ ହୋଇଯାଉଛି। ମାତ୍ର ୧ କିମି ବଜାର ରାସ୍ତା ଅତିକ୍ରମ କରିବାକୁ ଘଣ୍ଟାଏରୁ ଅଧିକ ସମୟ ଲାଗୁଛି। ବୁଲା ଗୋରୁ, ଷଣ୍ଢ, ଛେଳିମେଣ୍ଢାଙ୍କୁ ଧରିବା ପାଇଁ ପୌରପରିଷଦ ପକ୍ଷରୁ ଗାଡ଼ି କିଣାଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟରେ ଲଗାଯାଉ ନ ଥିବା ଅଭିଯୋଗ ହୋଇଛି। ସହରର ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା ଦୂର କରିବାରେ ପୌର କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ଅବିଳମ୍ବେ ଫଳପ୍ରଦ ପଦକ୍ଷେପ ନ ନେଲେ ସାଧାରଣରେ ସୃଷ୍ଟି ହେଉଥିବା ଅସନ୍ତୋଷ ଆଗାମୀ ଭବିଷ୍ୟତରେ ଉଗ୍ରରୂପ ଧାରଣ କରିବା ସମ୍ଭାବନା ରହିଛି।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ




ଡେରାବିଶ,୨୭।୧୦(ସମିସ): ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ କୁଶିଆପାଳ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଶୁଭ୍ରାଲିନ୍ ଜେନାଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ସଚିକାନ୍ତ ମିଶ୍ର, ମୁଖ୍ୟବକ୍ତା ଭାବେ କୁଶିଆପାଳ ସରପଞ୍ଚ ଦୟାନିଧି ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାଧନକେନ୍ଦ୍ର ସଂଯୋଜକ ହରେକୃଷ୍ଣ କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିଶୁ ଉତ୍ସବରେ ସାଧନକେନ୍ଦ୍ର ଅଧୀନ ୧୧ଟି ବିଦ୍ୟାଳୟରୁ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ସୁବାସ ସାହୁ, ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ତପନ ସାହୁ ଓ ପଞ୍ଚସଖା ଶିକ୍ଷାସେତୁ ସଭାପତି ଗୁରୁଚରଣ ସାହୁ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷାବିତ୍ ରାମଚନ୍ଦ୍ର ଆଚାର୍ଯ୍ୟ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସାଧନକେନ୍ଦ୍ର ଅଧୀନ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ସମସ୍ତ ସଭ୍ୟ ସଭ୍ୟା ସହଯୋଗ କରିଥିଲେ।

### ■ କୌଣସି ନୂଆ କାମ ହୋଇନି

## ପୁରୁଣା କାମ ଦେଖାଇ ବିନା ସୂଚନାଫଳକରେ ବିଲ୍ ଅଭିଯୋଗ

ରାଜକନିକା,୨୭।୧୦(ସମିସ): ରାଜକନିକା ପଞ୍ଚାୟତ ସମିତିରେ ଦୁର୍ନୀତିର ସବୁ ସୀମା ଟପିଛି। ସ୍ଥିତି ଏମିତି ହୋଇଛି ଯେ କେବଳ ରେକର୍ଡପତ୍ରରେ ବିଲ୍ ପାସ ହେଉଛି। ରାଜକନିକା ପଞ୍ଚାୟତ ସମିତି ଅନ୍ତର୍ଗତ ବଳରାମପୁର ପଞ୍ଚାୟତରେ ବାଲିସାହି ରାସ୍ତା କଲଭର୍ଟ ନିର୍ମାଣ ନାଁରେ ୧ ଲକ୍ଷ ୪୯ ହଜାର ୧୦୯ ଟଙ୍କା ଓ ଓଳାଭର ହାଇସ୍କୁଲ ଉନ୍ନତିକରଣ ନାଁରେ ଏହି ମାସ ୧୯ ତାରିଖରେ ୧ ଲକ୍ଷ ୮୮ ହଜାର ୬୫୭ ଟଙ୍କା ବିଲ୍ କରାଯାଇଥିବା ଅଭିଯୋଗ ହେଉଛି। ଏହି ଉଭୟ କାମ ପିଇଓଙ୍କ ନାମରେ ଥିବାବେଳେ ଏହି କାମକୁ ଜେଇଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ସୂଚନା ରହିଛି। ପଞ୍ଚାୟତିରାଜ ଯୋଜନାରେ ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ଆର୍ଥିକ ସହାୟତାରେ ସମ୍ପୂର୍ଣ୍ଣ ଫଲସ୍ ବିଲ୍ କରାଯାଉଥିବା ଏହି କାମ ସମ୍ପର୍କରେ କୌଣସି ସୂଚନା ଫଳକ ମଧ୍ୟ କେଉଁଠି ଲଗାଯାଇ ନ ଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ଏହି କାମ ବ୍ଲକ୍‌କୁ ପନିସମେଣ୍ଟରେ ବଦଳି ହୋଇଆସିଥିବା ଜେଇଙ୍କ ନାମରେ କରାଯାଉଛି। ତେବେ ସରକାରୀ ଯୋଜନାର ଉନ୍ନୟନମୂଳକ କାମ କରିବାକୁ ଥିବା ଜେଇ, ଏଇ, ପିଇଓଙ୍କ ମିଳିତ ଭାବେ ହଡ଼ପ କରାଯାଏ ତାର ନଗ୍ନ ନମୁନା ଏହି ଦୁଇ ପ୍ରକଳ୍ପରୁ ଜଣାପଡିଛି। ଏ ସମ୍ପର୍କରେ ରାଜକନିକା ବିଡିଓ କୈଳାସ ଚନ୍ଦ୍ର ମହାଳିକଙ୍କୁ ପଚାରିବାରୁ ଏବେ ବାତ୍ୟା ସମୟ ଚାଲିଛି, ପରେ କାମ ସମ୍ପର୍କରେ ତଦନ୍ତ ପାଇଁ ଜିପିଓଙ୍କୁ ପଠାଇ ଦେଖିବେ ବୋଲି କହିଛନ୍ତି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଏଭଳି ଫଲସ ପ୍ରକଳ୍ପ ନାଁରେ ସରକାରୀ ଅର୍ଥ ଲୁଟ ରୋକିବାକୁ ବିଧିବଦ୍ଧ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

## ବୁଦ୍ଧ ବାବାଙ୍କ ପରଲୋକ



ଏରସମା, ୨୭।୧୦(ସମିସ): ସିହା ଗ୍ରାମସ୍ଥ ଅଲେଖ ଆଶ୍ରମ ତତ୍ତ୍ୱାବଧାରକ ବୁଦ୍ଧ ବାବାଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ସେ ଅସୁସ୍ଥତା କାରଣରୁ ମାସେ ଧରି କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ମହିମା ଆଶ୍ରମ ପରିସରରେ ସମାଧି ଦିଆଯାଇଥିଲା। ଏ ଅବସରରେ ମହିମା ବଲ୍କଲଧାରୀ ବାବୁଲି ବାବା, ଗଦାଧର ବାବା, ଗୋପାଳ ବାବା, ଦୁଃଖବନ୍ଧୁ ବାବା, ଭରତ ବାବା, ଶଙ୍କର ବାବାଙ୍କ ସହିତ ସଞ୍ଜୟ ଦାସ, ଚିଦାନନ୍ଦ ଦାସ, ରମେଶ ଦାସ, ମାନସ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସିହା ଗ୍ରାମ୍ୟ କମିଟି ସଭାପତି ଆଶିଷ ସ୍ୱାଇଁ, ପୂର୍ବତନ ସରପଞ୍ଚ ଶଶୀଭୂଷଣ ସ୍ୱାଇଁ, ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ଜିତେନ୍ଦ୍ର ଦାସ, ବଂଶୀଧର ସ୍ୱାଇଁ, ରଞ୍ଜନ ଜେନା, ଅଜୟ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସେ ସାରା ଜୀବନକୁ ମହିମା ଧର୍ମର ପ୍ରଚାରକ ଭାବେ ଉତ୍ସର୍ଗ କରିଥିଲେ। ଜଣେ ମିଷ୍ଟଭାଷୀ, ପରୋପକାରୀ ସାଧୁ ଭାବେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁରେ ଶୋକର ଛାୟା ଖେଳିଯାଇଛି।

## ସାପ କାମୁଡ଼ାରେ ଛାତ୍ରଙ୍କ ମୃତ୍ୟୁ

ତିର୍ତ୍ତୋଲ,୨୭।୧୦(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ କୋଳର ପଞ୍ଚାୟତର ବିଲ କୋଳର୍ ଗ୍ରାମର ସୁରେଶ ବେହେରାଙ୍କ ପୁତ୍ର ସୁଧାଂଶୁ ବେହେରା(ଶୁଭମ) ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ସେ ଚତୁର୍ଥ ଶ୍ରେଣୀରେ ପଢୁଥିଲେ। ଗତକାଲି ରାତିରେ ଶୋଇଥିବାବେଳେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ଶୁଭମ୍ ଜାଣି ପାରି ନ ଥିଲେ। ପରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶୁଭମଙ୍କ ମୃତ୍ୟୁରେ କୋଳର୍ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

## ଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



ପାରାଦୀପ,୨୭।୧୦(ସମିସ): ବିଶ୍ୱାଳୀରେ ନୂତନ ଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ବିଶ୍ୱାଳୀ ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏଥିରେ ଗ୍ରାମର ମୁଖିଆ ଓ ଯୁବକ ଉପସ୍ଥିତ ରହି ନିଜର ମତ ରଖିଥିଲେ। ନଭେମ୍ବର ୨ ତାରିଖରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏଥିରେ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହିବାକୁ ନିଷ୍ପତ୍ତି ନିଆଯାଇଥିଲା। ବିଶେଷକରି ଗ୍ରାମରେ ନିଶା ନିବାରଣ ଉପରେ ସଚେତନତା କାର୍ଯ୍ୟକ୍ରମ ସହ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗାଁଠାରୁ ଦୂରରେ ରହୁଥିବା ପୁରାତନ ଭାଇ ଏହି ବୈଠକରେ ଉପସ୍ଥିତ ଥିଲେ। ଏହି ପ୍ରତିଷ୍ଠା ଉତ୍ସବକୁ ବହୁ ଆଡମ୍ବରରେ ପାଳନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା।

## ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ଗିରଫ



ରାଜକନିକା,୨୭।୧୦(ସମିସ): ନାବାଳିକାଙ୍କୁ ଅସଦାଚରଣ କରି ଜଣେ ଗିରଫ ହୋଇଛନ୍ତି। ଗିରଫ ଜଣକ ନାବାଳିକାଙ୍କ ସମ୍ପର୍କୀୟ ଜେଜେ ବୋଲି ଜଣାପଡ଼ିଛି। ନାବାଳିକା (୧୪)ଙ୍କୁ ବାରମ୍ବାର ଅସଦାଚରଣ କରିଆସୁଥିବା ଜେଜେ ବିରୁଦ୍ଧରେ ନାତୁଣୀ ଥାନାର ଦ୍ୱାରସ୍ଥ ହେବା ପରେ ଆଜି ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସମ୍ପର୍କୀୟ ଜେଜେ (୫୫) ନାବାଳିକାଙ୍କୁ ତାଙ୍କ ଘରେ ଗତ ୬ ତାରିଖ ଦିନ ଅସଦାଚରଣ କରିଥିବା ସେ ୨୬ ତାରିଖରେ ରାଜକନିକା ଥାନାରେ ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଥାନାରେ ୫୪୭/୨୫ରେ ମାମଲା ରୁଜୁ କରାଯାଇ ଆସାମୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସଞ୍ଜୟ ମଲ୍ଲିକ ସୂଚନା ଦେଇଛନ୍ତି।

## ଫାଟିଲାଣି ଜମ୍ବୁ-ମାର୍ଶାଘାଇ ମୁଖ୍ୟରାସ୍ତା



ମହାକାଳପଡ଼ା,୨୭।୧୦(ସମିସ): ମହାକାଳପଡ଼ାର ମୁଖ୍ୟ ରାସ୍ତା ଜମ୍ବୁ-ମାର୍ଶାଘାଇ ରାସ୍ତାର ପ୍ରଶସ୍ତୀକରଣ କାମ ଚାଲିଛି। ଏହା ଚାରିଥାକିଆ ହେଉଛି। ତେବେ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବା ପୂର୍ବରୁ କେତେକ ସ୍ଥାନରେ ରାସ୍ତା ଫାଟିଯାଇଥିବା ଦେଖିବାକୁ ମିଳିଛି। ଫଳରେ ରାସ୍ତା କାମ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମହାକାଳପଡ଼ା ବ୍ଲକ୍‌ର ଆରମ୍ଭ ସ୍ଥଳ ବାଲଣା ଗୋପାଳପୁର ନିକଟରେ ରାସ୍ତା ଫାଟିଯାଇଥିବା ଦେଖିବାକୁ ମିଳିଛି। ପୂର୍ବରୁ ନୂଆ ମାଟି ପଡ଼ି ରାସ୍ତା ହୋଇଥିବା ବନ୍ଧର ଦକ୍ଷିଣ ପାଶ୍ୱର୍ର କିଛି ସ୍ଥାନରେ ଫାଟିଯାଇଥିବା ସ୍ଥାନରେ ପିଚୁ ଲେପ ଦିଆଯାଇ ଫଟା ସ୍ଥାନକୁ ଲୁଚାଇବାକୁ ଚେଷ୍ଟା କରାଯାଇଥିଲା। ବନ୍ଧର ଉତ୍ତରପାଶ୍ୱର୍ କେନାଲ ପଟକୁ ଏକାଧିକ ସ୍ଥାନ ଫାଟିଥିବା ଦେଖିବାକୁ ମିଳିବା ପରେ ରାସ୍ତା ନିର୍ମାଣର ମାନ ଓ ସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠିଛି। ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ନିର୍ମାଣର ମାନ ତଦାରଖ କରିବାକୁ ସାଧାରଣରେ ଦାବି ହେଉଛି।

### ■ କାର୍-ବାଇକ୍ ମୁହାଁମୁହିଁ ଧକ୍କା

## ବାଇକ୍ ଚାଳକ ସମେତ ୩ ଗୁରୁତର



ଡେରାବିଶ, ୨୭।୧୦(ସମିସ): କଟକ-ଚାନ୍ଦବାଲି ରାସ୍ତାର ଖମୋଳ ଛକ ନିକଟରେ ଆଜି ଅପରାହ୍ନରେ ଏକ କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଚାଳକ ସମେତ ୩ ଜଣ ଗୁରୁତର ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଖମୋଳ ଛକ ନିକଟରେ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଏକ ବାଇକ୍‌ରେ ପୁରୁଷ ଚାଳକ ଓ ପଛରେ ଦୁଇଜଣ ମହିଳା ରାସ୍ତାର ବାମପଟେ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଏକ କାର (ସୁଜୁକି ଇର୍ଟିଗା) ଭାରସାମ୍ୟ ହରାଇ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ଓ ଆରୋହୀ ଦୁଇଜଣ ମହିଳା ଗୁରୁତର ହୋଇପଡ଼ିଥିଲେ। କାର୍‌ର ସମ୍ମୁଖ ବେଲୁନ୍ ବାହାରିବାରୁ କାର୍ ଚାଳକ ଓ ଆରୋହୀ ସାମାନ୍ୟ ଅହାତ ହୋଇଥିଲେ। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି କାର୍ ଓ ବାଇକ୍ ତଳେ ଚାପି ହୋଇରହିଥିବା ବାଇକ୍ ଚାଳକ ଓ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କେନ୍ଦ୍ରାପଡ଼ା ମେଡ଼ିକାଲ୍‌କୁ ପଠାଇଥିଲେ।

## ଧାନଚାଷରେ ସୂତ୍ରକୃମି ନିୟନ୍ତ୍ରଣରେ ଜୈବ ପଦ୍ଧତି ଅଧିକ ଉପାଦେୟ



କେନ୍ଦ୍ରାପଡ଼ା,୨୭।୧୦(ସମିସ): ସୂତ୍ରକୃମି ନିୟନ୍ତ୍ରଣ ପାଇଁ ରାସାୟନିକ ପଦାର୍ଥଠାରୁ ଅଧିକ କାର୍ଯ୍ୟକାରୀ ପରିଣାମ ଦେଉଛି ଜୈବ ପଦ୍ଧତି ବୋଲି କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, ବିଦ୍ୟାଧରପୁର ପକ୍ଷରୁ କାବିଲପୁରଠାରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ରୂପକ ଜେନା, ବୈଜ୍ଞାନିକ ଡ. ମିଲନ କୁମାର ଲାଲ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଡ଼. ଶ୍ରୀରାମ ରତନ ପ୍ରଧାନ, ୧୦ ନମ୍ବର ଜୋନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସତ୍ୟାନନ୍ଦ ରାଉତ ଯୋଗଦେଇ ମତ ପ୍ରକାଶ କରିଛନ୍ତି। ଏ ଅବସରରେ ବୈଜ୍ଞାନିକମାନେ ଗରଦପୁର ବ୍ଲକର କୃଷକଙ୍କୁ ଧାନ ଫସଲରେ ସୂତ୍ରକୃମି ସମସ୍ୟା ଓ ଏହାର ଜୈବିକ ନିୟନ୍ତ୍ରଣ ବିଷୟରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ବିଶେଷଜ୍ଞଙ୍କ କହିବା ଅନୁସାରେ, ସୂତ୍ରକୃମି ହେଉଛି ଏକ ଅତି କ୍ଷୁଦ୍ର ଜୀବ। ଯାହା ଧାନ ଫସଲରେ ଚେର ଗଣ୍ଠି ସୃଷ୍ଟି କରି ଫସଲର ଉତ୍ପାଦନ ହ୍ରାସ କରେ। ଏହାର ନିରାକରଣ ପାଇଁ ଟ୍ରାଇକୋଡର୍ମା, ବ୍ୟାସିଲସ, ସ୍ୟୁଡୋମୋନାସ ଭଳି ଉପକାରୀ ଅଣୁଜୀବ ଅତ୍ୟନ୍ତ ଉପଯୋଗୀ। ଶିବିରରେ ବିଜ ଉପଚାର, ନିମ୍ବ ପିଡିଆର ପ୍ରୟୋଗ, ଜୈବ ଜୀବାଣୁ ବ୍ୟବହାର ଓ ମାଟି ପରିଚର୍ଯ୍ୟା ବିଷୟରେ ଅବଗତ କରାଯାଇଥିଲା। କୃଷକମାନେ ନିଜ ଜମିରେ ଏହି ପଦ୍ଧତି ଅନୁସରଣ କରି ସୂତ୍ରକୃମି ରୋଗକୁ ରୋକିପାରିବେ ବୋଲି ଅଧିକାରୀମାନେ ଜଣାଇଥିଲେ। ଏହି ତାଲିମ ଶିବିରରେ କୃଷି ଅଧିକାରୀ, କୃଷି ବୈଜ୍ଞାନିକ ଓ ଗରଦପୁର ବ୍ଲକର ଗ୍ରାମୀଣ କୃଷକମାନେ ଉପସ୍ଥିତ ଥିଲେ। ଶେଷରେ ଜୈବ ପଦ୍ଧତିକୁ ଗ୍ରାମ ସ୍ତରରେ ବିସ୍ତାର କରିବା ପାଇଁ ସାମୂହିକ ସଂକଳ୍ପ ଗ୍ରହଣ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ଡିସ୍‌ଲେକ୍ସିଆ ସଚେତନତା




କେନ୍ଦ୍ରାପଡ଼ା,୨୭।୧୦(ସମିସ): କେନ୍ଦ୍ରାପଡ଼ା ଗୁଲନର ସରକାରୀ ଉଚ୍ଚବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଡିସ୍‌ଲେକ୍ସିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଦୀପ୍ତି ନାୟକଙ୍କ ସଭାପତିତ୍ୱରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶୁଭସ୍ମିତା ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରାପଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ ନାରାୟଣପ୍ରସାଦ ମନ୍ତ୍ରୀ, ଏବିଓ ବଳଦେବ ପ୍ରସାଦ ଜେନା, ପ୍ରଧାନଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ତରାଇ, ଡେରାବିଶ ଏବିଓ ଦେବଦତ୍ତ ଶତପଥୀ, ଅର୍ଥ ପରାମର୍ଶଦାତା ସୂର୍ଯ୍ୟନାରାୟଣ ମିଶ୍ର, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ପ୍ରମୁଖ ଅତିଥି ପ୍ରମୁଖ ଯୋଗଦେଇ ଉକ୍ତ ଦିନର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ପ୍ରକଳ୍ପ ସଚେତନତା ରାଲି ସହର ପରିକ୍ରମା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ୍‌ର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ହିମାଂଶୁ ଭୂଷଣ ଜେନା, ରଶ୍ମିରଞ୍ଜନ ଜେନା, ଶ୍ରୀଧର ଭୋଳ, ପୁଷ୍ପାଞ୍ଜଳି ପାଲ, ହିମାଂଶୁ ନାୟକ, ରାଜଲକ୍ଷ୍ମୀ ରାଉତ, ସୁବାସ ସାହୁ, ଜୟରାମ ସେଠୀ, ପ୍ରକାଶ ସ୍ୱାଇଁ, ଆଲୋକ ବେହେରା, ଜୟନ୍ତ ସ୍ୱାଇଁ, ହେମନ୍ତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବ୍ରଜବନ୍ଧୁ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



ରାଜକନିକା,୨୭।୧୦(ସମିସ): ରାଜକନିକା ସଦରର ଆରସାଷ୍ଟ ବ୍ରଜବନ୍ଧୁ ଉଚ୍ଚବିଦ୍ୟାଳୟ ୨୦୦୭ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ, ଗୁରୁପୂଜନ, ଦିବଂଗତ ସହପାଠୀ, ଶିକ୍ଷକ ଓ କର୍ମଚାରୀଙ୍କ ସ୍ମୃତିଚାରଣ କରାଯାଇଥିଲା। ଚାଳ ଛପର ଘରେ ପଢିଥିବା ଏହି ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏହି ବିଦ୍ୟାଳୟରେ ପ୍ରଥମଥର ବନ୍ଧୁମିଳନ କରାଯାଇଥିବାବେଳେ ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ପୂଜା କରାଯାଇଥିଲା। ପୁରାତନ ଛାତ୍ର ଭବାନୀ ପଣ୍ଡା ଓ ଲଲାଟେନ୍ଦୁ ବେହେରାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଶ୍ରୁମୋଚନ ପାଣି, ପବିତ୍ର ସେଠୀ, ସୁଶ୍ରୀ ସଙ୍ଗୀତା ବେହେରା, ଶାଶ୍ୱତ ସଞ୍ଜିବନୀ ବିଶ୍ୱାଳ, ରାଜୀବ ଲୋଚନ ବେହେରା, ପୂର୍ଣ୍ଣଚନ୍ଦ୍ର ଦାଶ, ସ୍ମୃତିରଞ୍ଜନ ମଲ୍ଲିକ, ସୋନାଲି ମହାପାତ୍ର, ସ୍ୱୟଂରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିବାବେଳେ ଲଲାଟେନ୍ଦୁ ବେହେରା ଧନ୍ୟବାଦ ଦେଇଥିଲେ।

## ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ସତର୍କତା ସଚେତନତା ସପ୍ତାହ

ପାରାଦୀପ,୨୭।୧୦(ସମିସ): ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ କୌଶିକ ବସୁଙ୍କ ଦ୍ୱାରା ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ସତର୍କତା ସଚେତନତା ସପ୍ତାହ ଆରମ୍ଭ ହୋଇଛି। ଶ୍ରୀ ବସୁ ସମସ୍ତ କର୍ମଚାରୀଙ୍କୁ



ନିଜ ଜୀବନରେ ସଚ୍ଚୋଟତା ଓ ସତ୍ୟନିଷ୍ଠା ଜାଗ୍ରତ କରିବାକୁ ଅନୁରୋଧ କରିଥିଲେ। ଏକ ଫଳପ୍ରଦ କାର୍ଯ୍ୟକ୍ଷେତ୍ର ପରିବେଶ ସୃଷ୍ଟି ପାଇଁ କର୍ମଚାରୀଙ୍କ ମଧ୍ୟରେ ସ୍ୱଚ୍ଛ ପ୍ରଣାଳୀ ଓ ପାରସ୍ପରିକ ବିଶ୍ୱାସ ଅତ୍ୟନ୍ତ ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏ ଅବସରରେ ସତର୍କତା ସଚେତନତା ସପ୍ତାହ ପୋଷ୍ଟର ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ ଦ୍ୱାରା ଉନ୍ମୋଚିତ ହୋଇଥିଲା। ନିକଟବର୍ତ୍ତୀ ପଞ୍ଚାୟତରେ ସତର୍କତା ଉପରେ ସଚେତନତା ସୃଷ୍ଟି କରିବା, ପାରାଦୀପ ରିଫାଇନରୀର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଶ୍ରୀ ବସୁ ଏକ ସତର୍କତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସପ୍ତାହ ବ୍ୟାପୀ ଉତ୍ସବ ସମୟରେ "ସତର୍କତା: ଆମର ମିଳିତ ଦାୟିତ୍ୱ' ବାର୍ତ୍ତା ପ୍ରଚାର କରିବା ପାଇଁ ନୁକ୍କଡ ନାଟକ, ୱାଥନ୍, ବିଜନେସ୍ ଆସୋସିଏଟ୍ସ ମିଟ୍, ଚିତ୍ରକଳା, ସ୍ଲୋଗାନ ପ୍ରତିଯୋଗିତା, ସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ଯୋଜନା କରାଯାଇଛି।

### ବିକଶିତ ଗାଁ ବିକଶିତ ଓଡ଼ିଶା କାମରେ ଏପଟ ସେପଟ

## କାମ ଶ୍ରୀରାମପୁର ପଞ୍ଚାୟତର, ହେଉଛି ଶାସନ ପଞ୍ଚାୟତରେ

ମାଳିପୁର,୨୭।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ଦିନକୁ ଦିନ ବିଭିନ୍ନ ପ୍ରକଳ୍ପ କାମ ଏପଟ ସେପଟ ହେଉଥିବା ନଜରକୁ ଆସୁଥିବାବେଳେ ଏବେ ଗୋଟିଏ ପଞ୍ଚାୟତର କାମ ଅନ୍ୟ ପଞ୍ଚାୟତରେ କରାଯାଉଥିବା ଅଭିଯୋଗ ଆସିଛି।

ସୂଚନା ମୁତାବକ, ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଅନୁଯାୟୀ ୬ ଲକ୍ଷ ୩୭ ହଜାର ଟଙ୍କା ବ୍ୟୟରେ ଶ୍ରୀରାମପୁର ପଞ୍ଚାୟତର ଏକ ସ୍ୱାଗତ ତୋରଣ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତୋରଣ ନିର୍ମାଣ ଆରମ୍ଭ ହୋଇଥିବା ସ୍ଥାନ ନିକଟରୁ ପ୍ରାୟ ପାଞ୍ଚଶହ ମିଟର ଦୂରତା ଅତିକ୍ରମ କରିବା ପରେ ଶ୍ରୀରାମପୁର ପରିସୀମା ଆରମ୍ଭ ହେଉଛି। ପଞ୍ଚାୟତ ସ୍ୱାଗତ ତୋରଣ ନିର୍ମାଣ କାର୍ଯ୍ୟ ପଞ୍ଚାୟତ ପରିସୀମା ମଧ୍ୟରେ ହେବା କଥା। କିନ୍ତୁ ତୋରଣ ନିର୍ମାଣ କାର୍ଯ୍ୟ ଶ୍ରୀରାମପୁର ପଞ୍ଚାୟତ ପରିସୀମା ବାହାରେ ଓ ଶାସନ ପଞ୍ଚାୟତର ମଧ୍ୟସ୍ଥଳରେ ନିର୍ମାଣ କରାଯାଉଥିବାରୁ ଉଭୟ ପଞ୍ଚାୟତବାସୀଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶ୍ରୀରାମପୁର ପଞ୍ଚାୟତର ପରିସୀମା ମଧ୍ୟରେ କାହିଁକି ନିର୍ମାଣ କରାଯାଉନାହିଁ ବୋଲି ଶ୍ରୀରାମପୁର ପଞ୍ଚାୟତବାସୀ ପ୍ରଶ୍ନ ଉଠାଇଥିବାବେଳେ ଶାସନ ପରିସୀମାରେ ଶ୍ରୀରାମପୁର କାର୍ଯ୍ୟ କାହିଁକି କରାଯାଉଛି ବୋଲି ଶାସନବାସୀ ପ୍ରଶ୍ନ ଉଠାଇଛନ୍ତି। ଉକ୍ତ ନିର୍ମାଣ କାର୍ଯ୍ୟ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ନିର୍ମାଣ କରାଯାଉଥିବା ସୂଚନା ଫଳକରୁ ଜଣାପଡିଛି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ଶ୍ରୀରାମପୁର ପଞ୍ଚାୟତର କିଛି ବ୍ୟକ୍ତି ଜୋର ଜବରଦସ୍ତ ଉକ୍ତ ତୋରଣ ନିର୍ମାଣ କାର୍ଯ୍ୟ ଚାଲୁ ରଖିଛନ୍ତି ବୋଲି ଶାସନ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଉକ୍ତ କଂକ୍ରିଟ ସ୍ୱାଗତ ତୋରଣ ନିର୍ମାଣ କାର୍ଯ୍ୟ ଶାସନ ପଞ୍ଚାୟତର ପରିସୀମା ମଧ୍ୟରେ କରିବାକୁ ଶାସନ ପଞ୍ଚାୟତର ଜନସାଧାରଣ ବିରୋଧ କରିବା ବେଳେ ସେଠାରେ ଉପସ୍ଥିତ ରହି କାର୍ଯ୍ୟ କରାଉଥିବା ବ୍ୟକ୍ତି କିଛି ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତିଙ୍କୁ ନେଇ ନାଲି ଆଖି ଦେଖାଇବା ସହିତ ଗଣ୍ଡଗୋଳ କରିଥିବା ଅଭିଯୋଗ ହୋଇଛି। ଆଜି ଏଥି ସମ୍ପର୍କିତ ଅଭିଯୋଗ ଶାସନ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଭିଯୋଗ ପତ୍ର ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବାବେଳେ ପଟ୍ଟାମୁଣ୍ଡାଇ ବିଡିଓ ଓ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି। ଯଥାଶୀଘ୍ର ଏହାର ତଦନ୍ତ କରି ଶ୍ରୀରାମପୁର ପଞ୍ଚାୟତର ତୋରଣ ନିର୍ମାଣ କାର୍ଯ୍ୟ ଶ୍ରୀରାମପୁର ପଞ୍ଚାୟତ ପରିସୀମା ମଧ୍ୟରେ କରିବାକୁ ପ୍ରଶାସନ ନିର୍ଦ୍ଦେଶ ଦେବାକୁ ଅର୍ଜୁନ ସାହୁ, ରାହାସ ମଲିକ, ଆଲୋକ ମଲିକ, ଧ୍ରୁବଚରଣ ପାଣ୍ଡବ, ଭ୍ରମରବର ନାୟକ, ଦେବଦତ୍ତ ସାହୁ, ଭ୍ରମରବର ମଲିକ, କାଳିଆ ମଲିକ, ମାଧବ ମଲିକ, ଟିମ ମଲିକ, ଧିରେନ ମଲିକ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

# ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି

ଜଗତସିଂହପୁର,୨୭।୧୦(ସମିସ)

ବାତ୍ୟା ମୋନ୍ଥାକୁ ନେଇ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଆଜି ଅପରାହ୍ନରେ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାପାଳ ଜେ. ସୋନାଲ ପ୍ରେସ୍ ବିବୃତି ଜରିଆରେ ଜଣାଇଛନ୍ତି। ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଯୋଗୁଁ ଜଗତସିଂହପୁର ଜିଲ୍ଲାରେ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ବର୍ଷା ଓ ପବନ ବହିବାର ସମ୍ଭାବନା ରହିଛି। ୨୭ ତାରିଖ ସକାଳୁ ୨୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ରହିଛି ବୋଲି ଜିଲ୍ଲାପାଳ କହିଥିଲେ। ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବାତ୍ୟା ମୁକାବିଲା ପାଇଁ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ହେବା ସହ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଦୁଇଥର ହୋଇସାରିଛି। ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି। ସମସ୍ତ ବିଭାଗୀୟ ଅଧିକାରୀ ସେମାନଙ୍କ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନର ପରିସ୍ଥିତ ଓ ସୂଚନା ଅନୁଯାୟୀ ଜିଲ୍ଲା ପ୍ରତି ସେପରି କିଛି ବିପଦ ନାହିଁ ବୋଲି ଜିଲ୍ଲାପାଳ ସୂଚନା ଦେବା ସହ ଜନସାଧାରଣଙ୍କୁ ଏଥିପାଇଁ ଭୟଭୀତ ନ ହେବାକୁ କହିଥିଲେ।

୨୮ ଓ ୨୯ ପାଇଁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ରହିଛି। ବର୍ଷା ଜଳମଗ୍ନ ଅଞ୍ଚଳରୁ ଜଳ ନିଷ୍କାସନ ପାଇଁ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ପ୍ରସ୍ତୁତ ଅଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକୀୟ ଔଷଧ ମହଜୁଦ ରଖାଯାଇଛି। ହୀରାକୁଦ ଡ୍ୟାମର ପ୍ରବାହକୁ ମଧ୍ୟ ପ୍ରତ୍ୟେକ କ୍ଷଣ ନଜର ରଖାଯାଉଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ସମସ୍ତ ବ୍ୟବସ୍ଥା କରିବେ ଓ ସଠିକ୍ ପଦକ୍ଷେପ ନେବେ ବୋଲି ସେ କହିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ୍ ଓ ତହସିଲରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ରହିଛି ଓ ଜରୁରୀ କ୍ଷେତ୍ରରେ ଜନସାଧାରଣଙ୍କୁ ଯୋଗାଯୋଗ କରିବା ପାଇଁ ସେ କହିଥିଲେ। ଜିଲ୍ଲା ଜରୁରିକାଳୀନ ବିଭାଗ କଣ୍ଟ୍ରୋଲ ରୁମ୍ ନମ୍ବର ୨୨୦୩୬୮ରେ ଆବଶ୍ୟକ ସ୍ଥଳେ ଯୋଗାଯୋଗ କରିପାରିବେ। ବଜାରରେ ଆବଶ୍ୟକୀୟ ସାମଗ୍ରୀ ଦର ବୃଦ୍ଧି ଉପରେ ମଧ୍ୟ ନଜର ରଖାଯାଇଛି। ଜିଲ୍ଲା ଯୋଗାଣ ଅଧିକାରୀ ଓ ଏମଆଇମାନେ ନିଜେ ଯାଇ ତା'ର ଯାଞ୍ଚ କରୁଛନ୍ତି। ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନର ସ୍ୱଚ୍ଛଳ ପରିସ୍ଥିତିକୁ ନଜରରେ ରଖି ବାତ୍ୟା ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତରଣର ବ୍ୟବସ୍ଥା କରାଯାଇନାହିଁ। କିନ୍ତୁ ପ୍ରଶାସନ ଏଥିପାଇଁ ପ୍ରସ୍ତୁତ ରହିଛି। ଆବଶ୍ୟକ ସ୍ଥଳେ ପଦକ୍ଷେପ ନିଆଯିବ ଓ ବାତ୍ୟା ଆଶ୍ରୟ ସ୍ଥଳୀର ଲାଇଟ୍, ଶୌଚାଳୟ ଓ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ରଖାଯାଇଛି। ତଦାରଖ ମଧ୍ୟ କରାଯାଉଛି। ଜିଲ୍ଲାପାଳ ନିଜେ କୁଜଙ୍ଗ, ଏରସମା, ବାଲିକୁଦାର ବିଭିନ୍ନ ବାତ୍ୟାପ୍ରବଣ ଅଞ୍ଚଳ ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲ୍ଲାର ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳ ପରିଦର୍ଶନ କରି ଅତ୍ୟାବଶ୍ୟକୀୟ ସେବା ସୁବ୍ୟବସ୍ଥିତ କରିବା ପାଇଁ ସଂପୃକ୍ତ ବିଡିଓ, ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ୪୫ଟି ବାତ୍ୟା ଆଶ୍ରୟ ସ୍ଥଳୀ ରହିଛି। ତନ୍ମଧ୍ୟରୁ ୪୨ଟି ଓସଡମା ଓ ୩ଟି ରେଡକ୍ରସ ଦ୍ୱାରା ପରିଚାଳିତ ବୋଲି ଜରୁରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏଥିସହିତ ସମସ୍ତ ଜିଲ୍ଲାବାସୀଙ୍କୁ ଭୟଭୀତ ନ ହୋଇ, ଗୁଜବର ଶିକାର ନ ହୋଇ, ସତ୍ୟାସତ୍ୟ ଅନୁସନ୍ଧାନ ସହ ପ୍ରଶାସନକୁ ସହଯୋଗ କରିବା ପାଇଁ ଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ପିକ୍‌ଅପ୍ ଧକ୍କାରେ ମାଆପୁଅ ଗୁରୁତର

ବାଲିକୁଦା,୨୭।୧୦(ସମିସ): କଟକ-ମାଛଗାଁ ମୁଖ୍ୟ ରାସ୍ତାର ଆମ୍ବଶାଳ ନିକଟରେ ଏକ ମହିନ୍ଦ୍ରା ପିକଅପ୍ ଗାଡ଼ି ଦ୍ରୁତ ଗତିରେ ଆସି ବାଇକ୍‌କୁ ଧକ୍କା ଦେବା ଫଳରେ ମାଆପୁଅ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଅନନ୍ତପୁର ପଞ୍ଚାୟତ ଭୂଆସୁଣି ଗ୍ରାମର ତୁଷାରକାନ୍ତ ବେହେରାଙ୍କ ୨୧ ବର୍ଷୀୟ ପୁଅ ଆଶୁତୋଷ ବେହେରା ଅସୁସ୍ଥ ଥିବା ମାଆ ପ୍ରତିମା ବେହେରାଙ୍କୁ ବାଇକ୍‌ରେ ବାଲିକୁଦା ମେଡିକାଲକୁ ନେଉଥିଲେ। ଆମ୍ବଶାଳ ନିକଟରେ ବାଲିକୁଦା ପଟୁ ଦ୍ରୁତ ଗତିରେ ଆସୁଥିବା ମହିନ୍ଦ୍ରା ପିକଅପ ଗାଡ଼ି ଧକ୍କା ଦେଇଥିଲା। ଦୁଇଟି ଯାକ ଗାଡ଼ି ରାସ୍ତା କଡରେ ଥିବା ଧାନ ବିଲକୁ ପଶିଯିବା ସହ ଆଶୁତୋଷଙ୍କ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହେବା ସହ ଗୋଡ଼ ଭାଙ୍ଗି ବେହୋସ ହୋଇଯାଇଥିଲେ। ମାଆ ପ୍ରତିମାଙ୍କ ଅଣ୍ଟା ହାଡ଼ ମଧ୍ୟ ଭାଙ୍ଗିଯାଇଥିଲା। ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ ମଧ୍ୟ ବିଳମ୍ବରେ ପହଞ୍ଚି ଥିବା କାରଣରୁ ନିଶାସକ୍ତ ପିକଅପ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯିବାରେ ସଫଳ ହୋଇଥିଲା। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଅବଗତ କରାଇବା ପରେ ଅଗ୍ନିଶମ ବାହିନୀ ଉଦ୍ଧାର କରି ବାଲିକୁଦା ମେଡିକାଲରେ ଭର୍ତ୍ତି କରିଥିଲେ। ମାଆଙ୍କୁ ଜଗତସିଂହପୁର ମେଡିକାଲ ଓ ପୁଅକୁ କଟକ ମେଡିକାଲ ପଠାଯାଇଥିଲା। ସେଠାରେ ସଙ୍କଟାପନ୍ନ ଅବସ୍ଥାରେ ଆଶୁତୋଷଙ୍କ ଚିକିତ୍ସା ଜାରି ରହିଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

## ରାମକୃଷ୍ଣ ବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା

ଏରସମା,୨୭।୧୦(ସମିସ): ଏରସମା ବ୍ଲକ୍‌ର ଡିହସାହିସ୍ଥ ଚମ୍ପେଶ୍ୱର ରାମକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟରେ ରେଡିଓ ଆଉଟରିଚ ୯୦.୮ ଏଫ୍‌ଏମ୍ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ମାସ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଡିଓ ଆଉଟରିଚର ଷ୍ଟେସନ ଡାଇରେକ୍ଟର ତଥା ସାଇବର ଡିଫେଣ୍ଡର ସୁବ୍ରତ ପତି ଏଥିରେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ସାଇବର ଅପରାଧ ରୋକିବା ପାଇଁ ବିଭିନ୍ନ ଉପାୟ ସମ୍ପର୍କରେ ସୂଚନା ଦେଇଥିଲେ। ସୁରକ୍ଷିତ ମୋବାଇଲ ବ୍ୟବହାର, ଅଜଣା ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ତଥ୍ୟ ନ ଦେବା, ବ୍ୟାଙ୍କ ନାଁରେ ଆସୁଥିବା ଫୋନ କଲ୍ ପ୍ରତି ସତର୍କ ରହିବାକୁ ଶ୍ରୀ ପତି ପରାମର୍ଶ ଦେଇଥିଲେ। ଅତିଥି ଭାବେ ସାମ୍ବାଦିକ ତୃପ୍ତିରଞ୍ଜନ ମହାନ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ସାଇବର ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ତାପସ ମହାନ୍ତି ରେଡିଓ ଆଉଟରିଚ ପକ୍ଷରୁ ସାଇବର ସଚେତନତା ପାଇଁ କରାଯାଇଥିବା ପ୍ରୟାସକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ଚାରାରୋପଣ ଓ ରକ୍ତଦାନ ଶିବିର



ପାରାଦୀପ,୨୭।୧୦(ସମିସ): ମା' ଶ୍ୟାମାକାଳୀ ପୂଜା କମିଟିର ବାର୍ଷିକ ଉତ୍ସବ ସ୍ଥାନୀୟ ଉଦୟବଟ ଭିତରଗଡ଼ କଲୋନୀରେ ପାଳିତ ହୋଇଯାଇଛି। ଏ ଅବସରରେ ଚାରାରୋପଣ ଓ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ମା' ଶ୍ୟାମାକାଳୀ ଡ୍ରାମାଟିକ୍ କ୍ଲବ ଓ ରାଇଜିଂ ଷ୍ଟାର୍ କ୍ରିକେଟ୍ କ୍ଲବ୍ ମିଳିତ ସହଯୋଗରେ କାଳୀ ମନ୍ଦିର, ଆଖଣ୍ଡଳମଣି ମନ୍ଦିର ଓ ଜଗନ୍ନାଥ ମନ୍ଦିର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ସ୍ମାଇଲ ଚାରିଟେବୁଲ ଟ୍ରଷ୍ଟ ସହଯୋଗରେ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରରେ ୪୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଟ୍ରଷ୍ଟର ସଭାପତି ସଚିତ୍ର ରାଉତଙ୍କ ସମେତ ସମସ୍ତ ସଦସ୍ୟ ରକ୍ତଦାନ ଶିବିରରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ୟାମାକାଳୀ ଡ୍ରାମାଟିକ କ୍ଲବ୍ ସଭାପତି ତୀର୍ଥ ନାୟକ, ରାଇଜିଂ ଷ୍ଟାର୍ କ୍ରିକେଟ୍ କ୍ଲବ୍ ସଭାପତି ସାରଦା ପ୍ରସାଦ ସ୍ୱାଇଁ, ଜିତେନ୍ଦ୍ର ସାହୁ, ରତିକାନ୍ତ ଜେନା, ସୁମନ ମଣ୍ଡଳ, ସୁବ୍ରତ ସ୍ୱାଇଁ ଓ ପ୍ରସାଦ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଏସିଡ୍ ଆକ୍ରମଣ ରୋକିବା ସମ୍ପର୍କିତ ସଚେତନତା



ଜଗତସିଂହପୁର,୨୭।୧୦(ସମିସ): ଜଗତସିଂହପୁର ଜିଲ୍ଲା ଅଦାଲତ ସମ୍ମିଳନୀ ସଭାଗୃହରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ନାଲସା ଯୋଜନା ଅନୁଯାୟୀ ଏସିଡ୍ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କ ପାଇଁ ଆଇନ ସେବା ଯୋଜନା ୨୦୧୬, ଦଣ୍ଡବିଧାନ ଆଇନ୍ ଓ ଓଡ଼ିଶା ପିଡ଼ିତା କ୍ଷତିପୂରଣ ଯୋଜନା ସମ୍ପର୍କରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀନିବାସ ପ୍ରତିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ପକ୍‌ସୋ ଅଦଳତାର ଆଡହକ୍ ଅତିରିକ୍ତ ଜିଲ୍ଲା ଜଜ୍ ଏସ୍.ଏ.କେ.ଜେଡ୍ ଜାହିରା ଅହମ୍ମଦ, ପରିବାର ଅଦାଲତ ବିଚାରପତି ରଶ୍ମିତା ଦଳେଇ, ଅତିରିକ୍ତ ଜିଲ୍ଲା ଜଜ୍ ହରପ୍ରସାଦ ପଟ୍ଟନାୟକ, ସ୍ୱତନ୍ତ୍ର ପକ୍‌ସୋ ଅଦଳତାର ଅତିରିକ୍ତ ଜିଲ୍ଲା ଜଜ୍ ଗାର୍ଗୀ ପଟ୍ଟନାୟକ, ଜିଲ୍ଲା ଓକିଲ ସଂଘ ସମ୍ପାଦକ ପ୍ରସନ୍ନ ମହାନ୍ତି, ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ଓଜଦ୍ୱିତୀ ମହାନ୍ତି, ମହିଳା ଅଦାଲତ ବିଚାରପତି ସ୍ୱପ୍ନାଶ୍ରୀ ନାୟକ, ସବଜଜ୍ ରାକେଶ ମୁଦୁଲି, ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା ଓ ଆଇନଜୀବୀ ଉପସ୍ଥିତ ଥିଲେ। ଜିଲ୍ଲା ଜଜ୍ ଶ୍ରୀ ପ୍ରତିହାରୀ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଏସିଡ୍ ଆକ୍ରମଣର ଶିକାର ହେଉଥିବା ବ୍ୟକ୍ତିଙ୍କ ପାଇଁ ଆଇନଗତ ସହାୟତା ଓ କ୍ଷତିପୂରଣ ପାଇଁ ବିଭିନ୍ନ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଇଥିଲେ। ତତ୍‌ସହିତ ଏସିଡ୍ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେବା ସହ ସେମାନେ କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ, ଏହି ବିଷୟରେ ପୁନଙ୍ଗ ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରୀଙ୍କୁ ସଚେତନ କରାଇଥିଲେ। ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ଏସିଡ୍ ଆକ୍ରମଣକୁ ଭିତ୍ତି କରି ଏକ ନାଟକ ପରିବେଷଣ କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା ପରିଚାଳନା କରିଥିଲେ।

## ଗୋସ୍ୱାମୀ ଯଶୋବନ୍ତଙ୍କ ମହାପ୍ରୟାଣ ଦିବସ ପାଇଁ ପ୍ରସ୍ତୁତି ବୈଠକ



ବିରିଡ଼ି, ୨୭।୧୦(ସମିସ): ଆସନ୍ତା ନଭେମ୍ବର ୨୬ ତାରିଖରେ ମଧ୍ୟଯୁଗୀୟ ପଞ୍ଚସଖାଙ୍କ ମଧ୍ୟମଣି ସିଦ୍ଧସାଧକ ଗୋସ୍ୱାମୀ ଯଶୋବନ୍ତ ଦାସଙ୍କ ମହାପ୍ରୟାଣ ଦିବସ ଗାଦିପୀଠ ଅଢଙ୍ଗ ନାଇଲୋଠାରେ ପାଳନ କରାଯିବ। ସେଠାରେ ଗଢିଉଠିଥିବା ଅଗ୍ରଣୀ କଳା ସାହିତ୍ୟ, ସଂସ୍କୃତି ଓ ସାରସ୍ୱତ ଭରା ଅନୁଷ୍ଠାନ ଯଶୋବନ୍ତ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଏହା ପାଳନ କରାଯିବ। ଅନୁଷ୍ଠାନ ପକ୍ଷରୁ କରାଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଚୂଡ଼ାନ୍ତ ବୈଠକ ସଂସଦର ସ୍ଥାୟୀ ସଭାପତି ଦେବୀପ୍ରସାଦ ତ୍ରିପାଠୀଙ୍କ ପୌରୋହିତ୍ୟରେ ସଂସଦର ସନ୍ଥନିବାସରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଗତବର୍ଷର ଆୟବ୍ୟୟ ଓ ଚଳିତବର୍ଷ ହେବାକୁ ଥିବା କାର୍ଯ୍ୟକ୍ରମ ଆୟବ୍ୟୟ ଉପରେ ତଥ୍ୟ ରଖିଥିଲେ। ମୁଖ୍ୟ ଉପଦେଷ୍ଟା ଲିଙ୍ଗରାଜ ମଲ୍ଲ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଉକ୍ତ ଦିବସରେ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମର ସୂଚୀ ସମ୍ପର୍କରେ ବୁଝାଇଥିଲେ। ଚଳିତ ବର୍ଷ ଏହି ସାରସ୍ୱତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ, ଶିଳ୍ପମନ୍ତ୍ରୀ, ସଂସ୍କୃତି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଜଗତସିଂହପୁର ସାଂସଦଙ୍କୁ ନିମନ୍ତ୍ରଣ କରାଯିବାକୁ ଶ୍ରୀ ମଲ୍ଲ ପ୍ରସ୍ତାବ ରଖିଥିଲେ। ଏହାକୁ ଉପସ୍ଥିତ ସଭ୍ୟଙ୍କ ଦ୍ୱାରା ଗୃହୀତ ହୋଇଥିଲା। ସଂସଦ ପକ୍ଷରୁ ପ୍ରଦାନ କରାଯାଉଥିବା ଯଶୋବନ୍ତ ପ୍ରତିଭା ସମ୍ମାନ ତିରୁପତି ବିଶ୍ୱବିଦ୍ୟାଳୟ, ଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ କିଟ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ହରେକୃଷ୍ଣ ଶତପଥୀଙ୍କୁ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଥିବାବେଳେ ସାହିତ୍ୟ ସମ୍ମାନ ଡକ୍ଟର ସୁରେନ୍ଦ୍ର ନାଥ ଶତପଥୀ, ସଂସ୍କୃତି ସମ୍ମାନ ବିଶିଷ୍ଟ ଗୀତିକାର ଅରୁଣ ମନ୍ତ୍ରୀଙ୍କୁ ଦିଆଯିବ। ସେହିପରି ଆଦର୍ଶ ମହିଳା ସମ୍ମାନ ଶିକ୍ଷୟିତ୍ରୀ ପ୍ରିୟତମା ସାହୁ, ସେବା ସମ୍ମାନ ବିଷ୍ଣୁପ୍ରିୟା ସେବା ସମିତି ଗଡିରାଉତପାଟଣା ତଥା ପଞ୍ଚତୀର୍ଥର ସ୍ରଷ୍ଟା ପ୍ରଫୁଲ ଦାସଙ୍କୁ ଦିଆଯିବାକୁ ସ୍ଥିର କରାଯାଇଥିଲା। ଅନ୍ୟପକ୍ଷରେ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଡାକ୍ତରୀ ପାଠ ପଢିବାକୁ ଯୋଗ୍ୟ ହୋଇଥିବା ୩ ଜଣଙ୍କୁ ସମ୍ମାନିତ କରାଯିବା ସହ ସଂସଦ ପକ୍ଷରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ ବୋଲି ଶ୍ରୀ ମଲ୍ଲ ସୂଚନା ଦେଇଥିଲେ। ଉତ୍ସବକୁ ଶୃଙ୍ଖଳାର ସହ କରାଯିବାକୁ ସଭାପତି ଶ୍ରୀ ତ୍ରିପାଠୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ନେତ୍ରାନନ୍ଦ ପାତ୍ର, ରମେଶ ମହାନ୍ତି, ପ୍ରଦୀପ୍ତ ସାମଲ, ନିକୁଞ୍ଜ ଭଞ୍ଜ, ଅଲେଖ ବାରିକ, ଆମଲେନ୍ଦୁ ମହାପାତ୍ର, ଅଶୋକ ଜେନା, ପ୍ରଦୀପ୍ତ ରାୟ, ମଧୁସୂଦନ ତ୍ରିପାଠୀ, ଅକ୍ଷୟ ଦାସ, ସୁଧାଂଶୁ ସାହୁ, ଦେବାଶିଷ ମହାନ୍ତି, ସୌମ୍ୟରଞ୍ଜନ ପାତ୍ର, ପ୍ରିୟତମା ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ପାରାଦୀପ ବନ୍ଦର ପକ୍ଷରୁ ସତର୍କତା ସଚେତନତା



ପାରାଦୀପ,୨୭।୧୦(ସମିସ): ପାରାଦୀପ ବନ୍ଦର ପକ୍ଷରୁ ଆଜି ସତର୍କତା ସଚେତନତା ସପ୍ତାହ ଉଦଘାଟିତ ହୋଇଛି। ଏହା ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଚଳିତ ବର୍ଷର ବିଷୟବସ୍ତୁ ହେଲା "ସତର୍କତା ଆମର ସହଭାଗୀ ଦାୟିତ୍ୱ'। ବନ୍ଦରର ମୁଖ୍ୟ ଚିକିତ୍ସାଧିକାରୀ ବିଭୂତି ଭୂଷଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ପ୍ରଥମ ଦିବସରେ କର୍ମଚାରୀ କର୍ମକ୍ଷେତ୍ରରେ ନିଜର ନୈତିକ ଆଚରଣକୁ ସୁଦୃଢ଼ କରିବା ପାଇଁ ସଚେତନତା ଉପରେ ପ୍ରତିଯୋଗିତା କରାଯାଇଥିଲା। କାନମାସ ପକ୍ଷରୁ ଏକ ପ୍ରଭାବଶାଳୀ ନାଟକ 'ଗଳାବାଟ' ପ୍ରଦର୍ଶିତ ହୋଇଥିଲା। ସ୍ଥାନୀୟ ସ୍କୁଲର ଛାତ୍ରଛାତ୍ରୀ ସ୍ୱଚ୍ଛତା ଓ ସୁଶାସନର ମୂଲ୍ୟବୋଧକୁ ବୁଝିବା ପାଇଁ ସେମାନଙ୍କ ମଧ୍ୟରେ ଓଡିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୭ ଦିନ ବ୍ୟାପି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପଦଯାତ୍ରା, ବକ୍ତୃତା ପ୍ରତିଯୋଗିତା, ଚିତ୍ରାଙ୍କନ, ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତା ଆୟୋଜିତ ହେବ ବୋଲି ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

## ବଇରଖି ବିଦ୍ୟାଳୟରେ ଶିକ୍ଷକ ଅଭାବ ଅଭିଯୋଗ



ବାଲିକୁଦା,୨୭।୧୦(ସମିସ): ବାଲିକୁଦା ବ୍ଲକ୍ ନହରଣା ପଞ୍ଚାୟତର ବଇରଖି ଗ୍ରାମରେ ଥିବା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ନେଇ ଗଣ୍ଡକୂଳ ଗ୍ରାମବାସୀ ଓ ଅଭିଭାବକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଉକ୍ତ ବିଦ୍ୟାଳୟରେ ୫ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ୫ ବର୍ଷ ପୂର୍ବେ ଦୁଇଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଜଣେ ଶିକ୍ଷକଙ୍କୁ କରୋନା କାଳରେ ଶହେ ଦିନିଆ ସ୍କିମ୍‌ରେ ଅନ୍ୟତ୍ର ବଦଳି କରାଯାଇଥିଲା। ଏହାପରଠାରୁ ଉକ୍ତ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖାଦେଇଛି। ଫଳରେ ନୂତନ ନାମ ଲେଖାଇବା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ସହିତ ଅଧ୍ୟୟନରତ ଛାତ୍ରଛାତ୍ରୀ ଅନ୍ୟ ବିଦ୍ୟାଳୟକୁ ଚାଲିଯାଉଛନ୍ତି। ପୂର୍ବରୁ ଏହି ସମସ୍ୟାର ସମାଧାନ ନିମନ୍ତେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଆଜି ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଦ୍ୱାରା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଶାନ୍ତ ମହାନ୍ତି ଗୋଟିଏ ମାସ ପରେ ଜଣେ ବିଜ୍ଞାନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ଅବସରପ୍ରାପ୍ତ ଶିକ୍ଷକ କ୍ଷେତ୍ରମୋହନ ମୁଦୁଲି, ଅଜୟ ଜେନା, ରାକେଶ ନାୟକ, ରୁଦ୍ରନାରାୟଣ ପ୍ରଧାନ, ସୁବ୍ରତ ନାୟକ, ନରେନ୍ଦ୍ର ସେଠ, ଅଭିଜିତ ବିଶ୍ୱାଳ, ମିଟୁନା ଶୁକ୍ଳା, ତ୍ରିନାଥ ସାହୁ, ନଳିନୀ ଜେନା, ସୁଚିତ୍ରା ଜେନା, ଶ୍ୟାମ ବିଶ୍ୱାଳ, ଦିନେଶ ସ୍ୱାଇଁ, ଅଶୋକ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଏକମାସ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

## କବି ରାଜେନ୍ଦ୍ର ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି



ଜଗତସିଂହପୁର,୨୭।୧୦(ସମିସ): ବିଶିଷ୍ଟ କବି ତଥା ପ୍ରାକ୍ତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସ୍ଥାନୀୟ ମୂଳିସିଂହସ୍ଥ ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଓ ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରି ସ୍ୱର୍ଗତ ରାଜେନ୍ଦ୍ର ପଣ୍ଡା ଜଣେ ସୁନାମଧନ୍ୟ କବି ତଥା ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ ଜେନା, ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାରଣା, ଶିକ୍ଷକ ଅଶୋକ ବେହେରା, ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ, ମୋନାଲିସା ଭଞ୍ଜ ଓ ପ୍ରିୟଙ୍କା ମଣ୍ଡଳ ପ୍ରମୁଖ ଅଂଶଗ୍ରହଣ କରି ସ୍ୱର୍ଗତ ପଣ୍ଡାଙ୍କ ସାହିତ୍ୟ କୃତି ବିଷୟରେ ଆଲୋଚନା କରିଥିଲେ। ୧୬ଟି କବିତା ସଂକଳନ, ଦୁଇଟି ଚର୍ଚ୍ଚିତ ଉପନ୍ୟାସ ତାଙ୍କୁ କାଳଜୟୀ କରି ରଖିବ ବୋଲି କହିବା ସହିତ ସେଥିପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ବିଷୁବ ପୁରସ୍କାର, ସାରଳା ସମ୍ମାନ ଇତ୍ୟାଦି ଲାଭ କରିଛନ୍ତି ବୋଲି ମତ ଦେଇଥିଲେ। ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷୟିତ୍ରୀ ମିନତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମାରିଟାଇମ ସପ୍ତାହ କାର୍ଯ୍ୟକ୍ରମରେ ପାରାଦୀପ କଲେଜ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ

ପାରାଦୀପ, ୨୭।୧୦(ସମିସ): ମୁମ୍ବାଇର ନେସ୍କୋ କେନ୍ଦ୍ରରେ ଭାରତର ମାରିଟାଇମ ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ପାରାଦୀପ ମହାବିଦ୍ୟାଳୟର ୯ ଜଣ ଛାତ୍ରଛାତ୍ରୀ ଇତିହାସ ବିଭାଗ ବିଭାଗୀୟ ମୁଖ୍ୟ ଅକ୍ଷୟ ମିଶ୍ରଙ୍କ ନେତୃତ୍ୱରେ ମୁମ୍ବାଇ ଯାତ୍ରା କରିଛନ୍ତି। ପାରାଦୀପ ମହାବିଦ୍ୟାଳୟ ଅଧ୍ୟକ୍ଷା ଡଃ ସସ୍ମିତା ଶତପଥୀ ଉପସ୍ଥିତ ରହି ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେବା ସହ ଏହି ଯୋଗଦାନ ଛାତ୍ରଛାତ୍ରୀଙ୍କ ବିକାଶରେ ସହାୟକ ହେବ ବୋଲି କହିଥିଲେ। ଏଥିରେ ଅଧ୍ୟାପକ ଗଣେଶ୍ୱର ପାତ୍ର, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳାର ସହ ଯାତ୍ରା କରିବା ପାଇଁ ପରାମର୍ଶ ଦେଇଥିଲେ।




## କନକପୁର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ବେଆଇନ ଗଛକଟା



ତିର୍ତ୍ତୋଲ, ୨୭।୧୦(ସମିସ): ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ କନକପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଗତକାଲି ବିଳମ୍ବିତ ରାତିରେ ଦୁଇଟି ବଡ଼ ଗଛକୁ ବେଆଇନ ଭାବେ କାଟି ଦିଆଯାଇଥିବା ନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ତିର୍ତ୍ତୋଲ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ ଦୁଇଟି କାଠ ଗଣ୍ଡିକୁ ଜବତ କରିଛନ୍ତି। ରବିବାର ବିଳମ୍ବିତ ରାତିରେ ଗଛ କଟା ଯାଇଥିବାବେଳେ ସକାଳେ ସ୍ଥାନୀୟ ଗ୍ରାମବାସୀ ଏହା ଦେଖି ଡାକ୍ତରଙ୍କୁ ପଚାରିଥିଲେ। କିନ୍ତୁ ସେ କୌଣସି ଉତ୍ତର ଦେଇ ନ ଥିଲେ ଓ ମୋବାଇଲ୍ ଫୋନ୍‌କୁ ସୁଇଚ ଅଫ କରିଦେଇଥିଲେ। ସ୍ଥାନୀୟ ଗ୍ରାମବାସୀ ଏ ସମ୍ପର୍କରେ ତିର୍ତ୍ତୋଲ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ। ଏହି ଦୁଇଟି ଗଛ କାଟିବା ଯୋଗୁଁ ସ୍ୱାସ୍ଥ୍ୟକେନ୍ଦ୍ରର ଉତ୍ତର ପାଶ୍ୱର୍ ପାଚେରି ଭାଙ୍ଗିଯାଇଛି।

## ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ଦୁଇଟି ଅଭିଯୋଗର ତତ୍କାଳ ଫଇସଲା

ଜଗତସିଂହପୁର/ରଘୁନାଥପୁର, ୨୭।୧୦(ସମିସ)



ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଜେ ସୋନାଲ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ୨ଟିର ତତ୍କାଳ ଫଇସଲା କରିଛନ୍ତି। ଆଜି ଆୟୋଜିତ ଜନଅଭିଯୋଗ ଶୁଣାଣି ଶିବିରରେ ୮୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରେ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୭୩ଟି ଓ ଗୋଷ୍ଠୀଗତ ସମସ୍ୟା/ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୧୦ଟି ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାସନ୍ କାର୍ଡ ସମ୍ବନ୍ଧୀୟ ୧୦ଟି, ଆବାସ ଯୋଜନା ୧୫ଟି, ଜମିଜମା ସମସ୍ୟା ସମ୍ପର୍କିତ ୧୫ଟି, ପୁଲିସ୍ ସହାୟତା ପାଇବା ପାଇଁ ୨ଟି, ପେନସନ ପାଇବା ପାଇଁ ୧୩ଟି, ରେଡକ୍ରସ ସମସ୍ୟା ସମ୍ପର୍କିତ ୧ଟି ଓ ଅନ୍ୟାନ୍ୟ ୧୫ଟି ଅଭିଯୋଗ ଥିଲା। ୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏଥିସହ ଗୋରେଖନାଥ ପୀଠ ବାହାରେ କମ୍ ମୂଲ୍ୟରେ ଶୁଖିଲା ଭୋଗ ବିକ୍ରୟ ଯୋଗୁଁ ୬୫ ଲକ୍ଷ ଟଙ୍କାରେ ନିଲାମଧାରୀ ଭୋଗ ଦୋକାନୀଙ୍କ ବ୍ୟାପକ କ୍ଷତି ସମ୍ପର୍କରେ ସତ୍ୟବ୍ରତ ତ୍ରିପାଠୀ ଅଭିଯୋଗ କରିଥିଲେ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଥିଲେ। ଏହାବ୍ୟତୀତ କଟକ-ପାରାଦୀପ ଜନଗହଳିପୂର୍ଣ୍ଣ ରାସ୍ତାର ରଘୁନାଥପୁର, ତାରପୁର ବାଇପାସ୍ ଓ ଜଇପୁର ଛକରେ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ରମ୍ବଲସ ନିର୍ମାଣ ପାଇଁ ଅଭିଯୋଗ ହୋଇଥିଲା। ରାସ୍ତାର ଉଭୟ ପାଶ୍ୱର୍ରେ ବାଲି ଗଦା ହୋଇଥିବାରୁ ବାଇକ ଆରୋହୀ ଅସୁବିଧାର ସମ୍ମୁଖୀନ ହେଉଥିବା ଆଲୋଚନା ହୋଇଥିଲା। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସ୍ଥାନୀୟ ସରପଞ୍ଚ ଅଭିଯୋଗ କରିଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅଙ୍କିତ କୁମାର ବର୍ମା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠି, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ରଘୁନାଥପୁର ବିଡିଓ ବିରଞ୍ଚି ନାରାୟଣ ବେହେରା, ତହସିଲଦାର ରାଜଲକ୍ଷ୍ମୀ ନାୟକ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।

## ବାତ୍ୟା ମୋନ୍ଥା ପାଇଁ ଡିଏଲଇଡି ପରୀକ୍ଷା ଘୁଞ୍ଚିଲା

କଟକ, ୨୭।୧୦ (ସମିସ): ବାତ୍ୟା ମୋନ୍ଥା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହେବାକୁ ଥିବା ଡିଏଲଇଡି(ଡିପ୍ଲୋମା ଇନ ଏଲିମେଣ୍ଟାରି ଏଜୁକେସନ) ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ୨୮ ଓ ୨୯ ତାରିଖରେ ଏହି ପରୀକ୍ଷା ହେବାର ଥିଲା। ନୂତନ କାର୍ଯ୍ୟସୂଚୀ ଅନୁସାରେ ଏହା ଆସନ୍ତା ଅକ୍ଟୋବର ୩୧ ଓ ନଭେମ୍ବର ୧ ତାରିଖରେ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ବୋର୍ଡ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଅନଲାଇନ୍ ଗେମ୍ ଆଳରେ ୧ କୋଟି ଠକେଇ

# ପଶ୍ଚିମବଙ୍ଗରୁ ଆଉ ଜଣେ ଗିରଫ

କଟକ, ୨୭।୧୦(ସମିସ):ଅନଲାଇନ୍ ଗେମିଂ ଆଳରେ ୧କୋଟି ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ପଶ୍ଚିମବଙ୍ଗରୁ ତୃତୀୟ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତଜଣଙ୍କ ହେଲେ, ପଶ୍ଚିମବଙ୍ଗ ଗଙ୍ଗନାପୁର ଥାନା ସୁକାନ୍ତପଲ୍ଲୀର ସୁଗତ ମଜୁମଦାର (୨୯)। ସେ ପ୍ରାଣୀବିଜ୍ଞାନ ସ୍ନାତକ ଡିଗ୍ରୀଧାରୀ ହୋଇଥିବା ବେଳେ ଫ୍ରିଲାନ୍ସିଂ ଭିଡିଓ ଏଡିଟର୍ ଭାବେ କାମ କରନ୍ତି। ତା' ନିକଟରୁ କ୍ରାଇମ୍‌ବ୍ରାଞ୍ଚ ଗୋଟିଏ ମୋବାଇଲ୍, ସିମ୍, ହାର୍ଡଡିସ୍କ ଭଳି ବିଭିନ୍ନ ଆପରାଧିକ ସାମଗ୍ରୀ ଜବତ କରିଛି। ଅଭିଯୁକ୍ତକୁ ଆଜି କଟକ ଓପିଆଇଡି କୋର୍ଟ ଚାଲାଣ କରାଯାଇଛି।



ଅନଲାଇନ୍ ଗେମ୍ ଖେଳି ସାଇବର ଠକମାନଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଜଣେ ବ୍ୟକ୍ତି କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ସାଇବର ଠକମାନେ ତାଙ୍କୁ ବେଆଇନ ଅନଲାଇନ୍ ଗେମିଂ ପ୍ଲାଟ୍‌ଫର୍ମରେ ବ୍ୟବସାୟ କରିବାକୁ ପ୍ରବର୍ତ୍ତାଇବାରୁ ସେ ୧ କୋଟି ୮ ଲକ୍ଷ ୬୯ ହଜାର ୪୨୦ ଟଙ୍କା ସ୍ଥାନାନ୍ତର କରିଥିଲେ। ପ୍ରାରମ୍ଭିକ କ୍ଷତି ସତ୍ତ୍ୱେ ସେ ଅଧିକ ନିବେଶ କରିବାକୁ ରାଜି ହୋଇଥିଲେ। କିନ୍ତୁ ପ୍ରତ୍ୟାହାର କରିବାକୁ ଚେଷ୍ଟା କରିବା ସମୟରେ ସେମାନେ ଅତିରିକ୍ତ ଟଙ୍କା ଦାବି କରିଥିଲେ। ପରେ ଏହା ଏକ ଠକେଇ ବୋଲି ଜାଣିପାରି ସେ ଏତଲା ଦେଇଥିଲେ। ଡିଏସ୍‌ପି ଦୀପ୍ତିମୟୀ ମଲ୍ଲିକଙ୍କ ନେତୃତ୍ୱରେ ଗଠିତ ତଦନ୍ତକାରୀ ଦଳ କାରବାର ବିବରଣୀ ବିଶ୍ଳେଷଣ ଅପରାଧୀକୁ ଗିରଫ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆନ୍ଧ୍ରରେ ପବନ...

ହେବ। ମାଲକାନଗିରି ସମେତ କୋରାପୁଟ, ଗଜପତି, ରାୟଗଡ଼ା, ନବରଙ୍ଗପୁରରେ ଓ କଳାହାଣ୍ଡି ବାତ୍ୟା ଯୋଗୁଁ ଅଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଏହି ୬ ଜିଲ୍ଲାରେ ପ୍ରବଳ ବର୍ଷା ସାଙ୍ଗକୁ ପବନର ବେଗ ଘଣ୍ଟା ପ୍ରତି ୬୦-୭୦ କିମି ମଧ୍ୟରେ ରହିବ ଓ ଝଟକା ପବନ ୮୦ କିମି ପର୍ଯ୍ୟନ୍ତ ହେବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ପବନ ସାଙ୍ଗକୁ ଏହି ୬ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ସ୍ଥାନେ ସ୍ଥାନେ ଅତ୍ୟନ୍ତ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ତେଣୁ ୨୮ ରେ ୬ ଜିଲ୍ଲା ଓ ୨୯ ତାରିଖରେ ୪ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବାତ୍ୟା 'ମୋନ୍ଥା' ମଙ୍ଗଳବାର କାକିନାଡ଼ାର ଦକ୍ଷିଣରେ ସ୍ଥଳଭାଗ ଅତିକ୍ରମ କରିବ। ମଧ୍ୟରାତ୍ରୀ ପୂର୍ବରୁ ଏହାର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଶେଷ ହେବ। ଏହା ଆନ୍ଧ୍ରରୁ ଛତିଶଗଡ଼ ମୁହାଁ ହେବ। ଗଜପତି, ମାଲକାନଗିରି ଓ କୋରାପୁଟରେ ବାତ୍ୟାର କୋର୍ ପ୍ରଭାବ ପଡ଼ିପାରେ। ତେଣୁ ଏଠାରେ ପବନ ସହ ବର୍ଷା ହେବ। ଅନ୍ୟାନ୍ୟ ଜିଲ୍ଲାରେ କେବଳ ବର୍ଷାର ପ୍ରଭାବ ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

'ମୋନ୍ଥା' ପ୍ରଭାବରେ ଆନ୍ଧ୍ର ଉପକୂଳ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ହାଲୁକା ପବନ ବହିବା ସହ ବର୍ଷା ଆରମ୍ଭ ହୋଇଯାଇଛି। ସୋମବାର ରାତିରୁ ପୁରୀରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଆରମ୍ଭ ହୋଇଛି। ଆସନ୍ତାକାଲିଠାରୁ ବର୍ଷାର ପ୍ରଭାବ ଆହୁରି ବଢ଼ିବା ସହ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୩୦ ତାରିଖ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ମଙ୍ଗଳବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ସୋନପୁର, ବରଗଡ଼, ବୌଦ୍ଧ, କନ୍ଧମାଳ, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଜିଲ୍ଲାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି କୁହାଯାଇଛି। ସେହିପରି ଅଳ୍ପ ବର୍ଷା ଆଶଙ୍କାରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, କଟକ, ଯାଜପୁର, ଭଦ୍ରକ, ଜଗତସିଂପୁର, କେନ୍ଦ୍ରାପଡ଼ା ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି।

ଅନ୍ୟପକ୍ଷରେ ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ 'ମୋନ୍ଥା'କୁ ନଜରରେ ରଖି ଭାରତୀୟ ରେଳବାଇ ପକ୍ଷରୁ ପୂର୍ବତଟ ରେଳପଥର ୱାଲ୍ଟିୟର ଏବଂ ସଂଯୁକ୍ତ ରୁଟ୍‌ରେ ଚଳାଚଳ କରୁଥିବା ଅନେକ ଟ୍ରେନ୍ ଚଳାଚଳ ବାତିଲ୍ କରାଯାଇଛି। ଏଥିରେ କେତେକ ଟ୍ରେନର ଦିଗ ପରିବର୍ତ୍ତନ ଏବଂ ଆଉ କେତେକକୁ ବିଭିନ୍ନ ସ୍ଥାନରେ ଅଟକାଇ ରଖାଯାଇଛି। ଯାତ୍ରୀ ସୁରକ୍ଷା ପଦକ୍ଷେପ ସ୍ୱରୂପ ୩୨ଟି ଟ୍ରେନ୍ ଚଳାଚଳ ବାତିଲ୍ କରାଯାଇଛି। ଏଥିସହ ଟାଟାନଗର-ଏର୍ଣ୍ଣାକୁଲମ୍ ଏକ୍ସପ୍ରେସ୍ ଏବଂ ଟିଟିଲାଗଡ଼-ଲାଖୋଲି-ରାୟପୁର-ନାଗପୁର-ବଲାହାରଶାହ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି।

ବାତିଲ୍ କରାଯାଇଥିବା ଟ୍ରେନ ତାଲିକାରେ ବ୍ରହ୍ମପୁର-ବିଶାଖାପାଟନମ୍ ଏକ୍ସପ୍ରେସ କଟକ-ଗୁଣୁପୁର-କଟକ ମେମୁ, ଭୁବନେଶ୍ୱର-ବେଙ୍ଗାଲୁରୁ, ଭୁବନେଶ୍ୱର-ସକନ୍ଦରାବାଦ୍ ଏକ୍ସପ୍ରେସ ପ୍ରଶାନ୍ତି ଏକ୍ସପ୍ରେସ୍ ରହିଛି। ରେଳବାଇ ପକ୍ଷରୁ ସମସ୍ତ ଡିଭିଜନାଲ ମୁଖ୍ୟାଳୟରେ ୨୪ ଘଣ୍ଟା ତଦାରଖ ଏବଂ ଜରୁରୀକାଳୀନ ନିୟନ୍ତ୍ରଣକୁ ସକ୍ରିୟ କରାଯାଇଛି। ରିଅଲ୍-ଟାଇମ୍ ଅପଡେଟ୍ ପାଇଁ ଭାରତ ପାଣିପାଗ ବିଭାଗ ସହିତ ନିରନ୍ତର ସମନ୍ୱୟ। ତୁରନ୍ତ ପ୍ରତିକ୍ରିୟା ପାଇଁ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡ଼ିକରେ ପୁନରୁଦ୍ଧାର ଦଳ ପ୍ରସ୍ତୁତ ରଖାଯାଇଛି। ବିଭିନ୍ନ ସ୍ଥାନରେ ଫସିରହିଥିବା ଯାତ୍ରୀଙ୍କ ପାଇଁ ପ୍ରମୁଖ ଷ୍ଟେସନଗୁଡ଼ିକରେ ଖାଦ୍ୟ, ପାଣି ଏବଂ ଆଶ୍ରୟସ୍ଥଳ ବ୍ୟବସ୍ଥା କରାଯାଇଛି। ଏହାଛଡା ଟିକଟ ଅର୍ଥ ରିଫଣ୍ଡ ପାଇଁ ଅତିରିକ୍ତ କାଉଣ୍ଟର ଖୋଲାଯାଇଛି ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସହାୟତା ଡେସ୍କ ମଧ୍ୟ କାର୍ଯ୍ୟ କରୁଛି। ଯାତ୍ରୀମାନଙ୍କୁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ନ୍ୟାସନାଲ୍ ଟ୍ରେନ୍ ଇନକ୍ୱାରି ସିଷ୍ଟମ୍ ଆଇଆର୍‌ସିଟିସି ୱେବସାଇଟ୍/ଆପ୍ ମାଧ୍ୟମରେ ସର୍ବଶେଷ ଟ୍ରେନ୍ ଚାଳନ ଅପଡେଟ୍ ଯାଞ୍ଚ କରିବାକୁ କିମ୍ବା ନିକଟତମ ରେଳବାଇ ହେଲ୍ପଲାଇନ୍ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

ଏପରିକି ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ମଧ୍ୟ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି। ପରିସ୍ଥିତିର ନିକଟତର ତଦାରଖ ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଏହାର ମୁଖ୍ୟାଳୟରେ ୨୪ ଘଣ୍ଟିଆ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷକୁ ସକ୍ରିୟ କରାଯାଇଛି। ପୂର୍ବତଟ ରେଳପଥ ଅତିରିକ୍ତ ମହାପ୍ରବନ୍ଧକ ବି. ଶ୍ରୀକୃଷ୍ଣ ରାଜକୁମାର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରି ପ୍ରସ୍ତୁତି ପଦକ୍ଷେପ ସମୀକ୍ଷା କରିଥିଲେ। ସେ ଯାତ୍ରୀମାନଙ୍କ ପ୍ରତି ଶୂନ୍ୟ ବିପଦ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିବାବେଳେ ସମସ୍ତ କ୍ଷେତ୍ର ୟୁନିଟକୁ ସର୍ବାଧିକ ସତର୍କତା ନଜରରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘୂର୍ଣ୍ଣିଝଡ଼ ପ୍ରଭାବ ପରେ ଟ୍ରାକ୍, ସିଗନାଲିଂ ସିଷ୍ଟମ, ଓଏଚଇ ଏବଂ ବିଦ୍ୟୁତୀକରଣ ଭିତ୍ତିଭୂମିର ତୁରନ୍ତ ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ଦଳଗୁଡ଼ିକୁ ନିୟୋଜିତ କରାଯାଇଛି।

## ଆଜିଠାରୁ ୨ ଦିନ...

ବାତ୍ୟା ସମୟରେ ବିଦ୍ୟାଳୟଗୁଡ଼ିକ ଯେମିତି ଅଧିକ କ୍ଷତିଗ୍ରସ୍ତ ନ ହେବ, ସେଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଏହାସହ ଗଣଶିକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ୍ କରାଯାଇଛି। ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ବନ୍ଦ ରହିବ। ବାତ୍ୟା ସମୟରେ ଜରୁରୀକାଳୀନ ସେବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ମାନେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଦାୟିତ୍ୱ ନିର୍ବାହ କରିବେ।

ପ୍ରଶାସନର ଆବଶ୍ୟକତା ଅନୁଯାୟୀ, ବିଦ୍ୟାଳୟଗୁଡ଼ିକ ବିପର୍ଯ୍ୟୟ ପରିଚାଳନା ପାଇଁ ବ୍ୟବହାର ହେବ। ପିଲାଙ୍କ ମଧ୍ୟାହ୍ନଭୋଜନ ପାଇଁ ଗଚ୍ଛିତ ଚାଉଳକୁ ମଧ୍ୟ ରିଲିଫ୍ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ। ବାତ୍ୟାକୁ ଦୃଷ୍ଟିରେ ରଖି ଶ୍ରେଣୀଗୃହ ଓ ଅନ୍ୟାନ୍ୟ ଗୃହକୁ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଶୈକ୍ଷିକ ଉପକରଣ ଓ ଆସବାବପତ୍ରକୁ ସୁରକ୍ଷିତ ସ୍ଥାନରେ ରଖିବେ। ବାତ୍ୟାରେ କୌଣସି କ୍ଷୟକ୍ଷତି ହେଲେ, ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡିଇଓଙ୍କୁ ଅବଗତ କରିବେ। ଡିଇଓମାନେ ବିଦ୍ୟାଳୟ କ୍ଷୟକ୍ଷତି ରିପୋର୍ଟ ଜିଲ୍ଲାପାଳ ଓ ବିଭାଗୀୟ ନିର୍ଦ୍ଦେଶକଙ୍କୁ ଅବଗତ କରିବେ। ବାତ୍ୟା ପରିଚାଳନା ପାଇଁ ନିର୍ଦ୍ଦେଶକମାନଙ୍କ ତତ୍ତ୍ୱାବଧାନରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟକାରୀ ହେବ। ଆବଶ୍ୟକସ୍ଥଳେ ବିଭାଗୀୟ ଅନୁସଚିବ ଗୁଣ୍ଡାଇ ହାଁସଦାଙ୍କୁ ୮୦୧୮ ୭୬୫୨୫୬ ନମ୍ବରରେ ଯୋଗାଯୋଗ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଏହି ୮ଟି ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ବନ୍ଦ ରହିବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆବଶ୍ୟକସ୍ଥଳେ ୩୦ ତାରିଖରେ ମଧ୍ୟ ଅଙ୍ଗନବାଡ଼ି ବନ୍ଦ ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇପାରିବେ ବୋଲି କୁହାଯାଇଛି। ଅପରପକ୍ଷେ, ରାଜଧାନୀ ଭୁବନେଶ୍ୱର ସମେତ ଖୋର୍ଦ୍ଧାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଜିଲ୍ଲାପାଳ ଛୁଟି ଘୋଷଣା କରିଛନ୍ତି।

## ମରାମତି କାର୍ଯ୍ୟ ବନ୍ଦ...

ପାଇଁ ଘାଟି ରାସ୍ତା ସିଲ୍ କରିବାକୁ କନ୍ଧମାଳ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ଯୋଗୁଁ ଘାଟିରେ ବିପଦ ବଢ଼ିଥିବା ବେଳେ କଳିଙ୍ଗାରେ ରାସ୍ତା ନାକା କରିଛି ଜି. ଉଦୟଗିରି ପୁଲିସ। କାହାରିକୁ ଘାଟିକୁ ଛଡ଼ା ଯାଉନାହିଁ।

ଆଜି ଜି.ଉଦୟଗିରି ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ସ୍ଥିତି ପରଖିଛନ୍ତି। ଗତ ମାସ ୧୬ ତାରିଖରେ ହୋଇଥିବା ପ୍ରବଳ ବର୍ଷାରେ କଳିଙ୍ଗା ଘାଟିରେ ଭୟଙ୍କର ଭୂ-ସ୍ଖଳନ ହୋଇ ୫୦ ଫୁଟ୍ ରାସ୍ତା ଧୋଇ ନେଇଥିଲା। ଫଳରେ ଆଜି ପର୍ଯ୍ୟନ୍ତ ଯାତାୟାତ ସ୍ୱାଭାବିକ ହୋଇପାରିନାହିଁ। ଭୂ-ସ୍ଖଳନ ସ୍ଥାନରେ ରାସ୍ତା ମରାମତି କରିବା, ପାଣି ନିଷ୍କାସନ ପାଇଁ ହୋମ୍ ପାଇପ ପକାଇ ତାରି ଉପରେ ଲୁହାଛଡ଼ ପକାଇ କଂକ୍ରିଟ ପକା କାମ ସାରିଥିଲା। ଏହାସହ ପାହାଡ଼ ଉପରେ ଥିବା ବଡ଼ବଡ଼ ପଥରକୁ ହଟାଇବା କାମ ମଧ୍ୟ ସରିଥିଲା। ଏଥିଯୋଗୁଁ ଶୀଘ୍ର ଯାତାୟାତ ସ୍ୱାଭାବିକ ହେବା ଆଶା ଉଜ୍ଜ୍ୱଳ ହୋଇଥିଲା। କିନ୍ତୁ ବାତ୍ୟା ପୁଣିଥରେ ପ୍ରତିବନ୍ଧକ ସାଜିବା ଆଶଙ୍କା ପ୍ରକାଶ ପାଇଛି।

## ଆଜିଠୁ ୧୨ ରାଜ୍ୟରେ...

ତଥ୍ୟ ସଂଗ୍ରହ କରିବେ। ଏହି ପ୍ରକ୍ରିୟା ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଡିସେମ୍ବର ୯ ତାରିଖରେ ଭୋଟର ଚିଠା ତାଲିକା ପ୍ରକାଶ କରାଯିବ। ଭୋଟରମାନେ ସେମାନଙ୍କର ଆପତ୍ତି ଅଭିଯୋଗ ଜାନୁଆରୀ ୮ ପର୍ଯ୍ୟନ୍ତ ଦାଖଲ କରିପାରିବେ ଏବଂ ଫେବୃଆରୀ ୭ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହି ପ୍ରକ୍ରିୟାରେ ୫୧ କୋଟି ଭୋଟର ସାମିଲ ହେବେ। ଭୋଟର ତାଲିକାରେ ସ୍ଥାନ ପାଇବା ଲାଗି ୧୨ଟି ପ୍ରମାଣ ମଧ୍ୟରୁ ଗୋଟିଏ ଦାଖଲ କରିବାକୁ ପଡ଼ିବ। ଏଥିରେ ଆଧାରକାର୍ଡ ସାମିଲ ଥିଲେ ମଧ୍ୟ ଏହାକୁ କେବଳ ପରିଚୟପତ୍ର ରୂପେ ଗ୍ରହଣ କରାଯିବ। କୌଣସି ଯୋଗ୍ୟ ଭୋଟର ଯେମିତି ଏହି ପ୍ରକ୍ରିୟାରେ ବାଦ୍ ନ ପଡ଼ନ୍ତି, ତାହା ସୁନିଶ୍ଚିତ କରାଯିବ। ସେହିପରି ଯେଉଁମାନେ ମତଦାନ କରିବାକୁ ଯୋଗ୍ୟ ନୁହନ୍ତି, ସେମାନଙ୍କୁ ବାଦ୍ ଦିଆଯିବ।

ମୁଖ୍ୟ ନିର୍ବାଚନ କମିସନର କହିଛନ୍ତି, ଦେଶରେ ୧୯୫୧ରୁ ୨୦୦୪ ମଧ୍ୟରେ ୮ଥର ଏସ୍‌ଆଇଆର୍ କରାଯାଇଛି। ସ୍ୱାଧୀନତା ପରେ ଏହା ହେବ ୯ମ ଏସ୍‌ଆଇଆର୍। ପ୍ରଥମ ପର୍ଯ୍ୟାୟରେ ବିହାରରେ ହୋଇଥିବା ଏସ୍‌ଆଇଆର୍ ସଫଳ ରହିଛି। ଯେଉଁମାନଙ୍କ ନାମ ଭୋଟର ତାଲିକାରୁ କଟିଛି, ସେମାନଙ୍କ ମଧ୍ୟରୁ କେହି ଆପତ୍ତି ଅଭିଯୋଗ କରିନାହାନ୍ତି। ଏହି ସଂଶୋଧନ ପ୍ରକ୍ରିୟାରେ ୬୫ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯାଇଥିଲା। ଅନ୍ୟପକ୍ଷରେ ବିରୋଧୀ ଦଳ ବିହାର ଏସଆଇଆରକୁ ବିରୋଧ କରି ସୁପ୍ରିମ କୋର୍ଟରେ ଦ୍ୱାରସ୍ଥ ହୋଇଛନ୍ତି। କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଏହି ପ୍ରକ୍ରିୟାରେ ଟାର୍ଗେଟ କରାଯାଇଛି ଏବଂ ସେମାନଙ୍କ ନାମକୁ ଭୋଟର ତାଲିକାରୁ କାଟି ଦିଆଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ମାମଲା ଏବେ ସୁପ୍ରିମ କୋର୍ଟଙ୍କ ବିଚାରାଧୀନ ରହିଛି।

ପଶ୍ଚିମବଙ୍ଗ ସଂପର୍କରେ ମୁଖ୍ୟ ନିର୍ବାଚନ କମିସନର କହିଲେ ଯେ ସେହି ରାଜ୍ୟ ସରକାର ସହିତ କମିସନଙ୍କର କୌଣସି ମୁକାବିଲାମୂଳକ ପରିସ୍ଥିତି ସୃଷ୍ଟି ହୋଇନାହିଁ। ନିର୍ବାଚନ କମିସନ ନିଜର ସାମ୍ବିଧାନିକ ଦାୟିତ୍ୱ ତୁଲାଉଛନ୍ତି ଏବଂ ରାଜ୍ୟ ସରକାରମାନେ ଏଥିରେ ସହଯୋଗ କରିବାକୁ ବାଧ୍ୟ ବୋଲି ସେ କହିଛନ୍ତି।

## ପୂର୍ବତନ ମନ୍ତ୍ରୀ ପଦ୍ମିନୀ...

ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପଦ୍ମିନୀଙ୍କ ନଣନ୍ଦ ରମାବତୀ ଦିଆନ ଓ ପଡୋଶୀ ତଥା ଅଙ୍ଗନବାଡି କର୍ମୀ ଶାନ୍ତି ଚାଲାଣ ମଧ୍ୟ ଗୁରୁତର ଅବସ୍ଥାରେ କୋରାପୁଟରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଏହି ଖବର ପାଇ କୋରାପୁଟ ମ୍ୟୁନିସିପାଲିଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ବିଜେଡି ନେତ୍ରୀ ପାର୍ବତୀ ମଣ୍ଡି ପ୍ରମୁଖ ମେଡିକାଲକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

## ଉପନିର୍ବାଚନ ବେଳେ...

ପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଗୁରୁ ଦାୟିତ୍ୱ ବହନ କରୁଥିବା ଦକ୍ଷିଣ-ପଶ୍ଚିମାଞ୍ଚଳ ଡ଼ିଆଇଜିଙ୍କ ଅଚାନକ ଛୁଟିକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଶ୍ରୀ ସିଂଙ୍କ ଛୁଟିରୁ ଫେରିବା ପର୍ଯ୍ୟନ୍ତ ତାଙ୍କ ସ୍ଥାନରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍ ଅତିରିକ୍ତ ଭାବେ ଦାୟିତ୍ୱ ସମ୍ଭାଳିବେ ବୋଲି ସୂଚନା ମିଳିଛି।

## ସମ୍ପତ୍ତି ତାଲିକା...

ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ୨୦୨୪ ଆର୍ଥିକ ବର୍ଷ ପାଇଁ ସମ୍ପତ୍ତି ତାଲିକା ଦାଖଲ କରିବା ପାଇଁ ଆଉ କୌଣସି ସମୟସୀମା ବୃଦ୍ଧି କରାଯିବ ନାହିଁ। ଏପରିକି ଏଥିନିମିତ୍ତ ଆଉ ପୋର୍ଟାଲ ଖୋଲିବ ନାହିଁ ବୋଲି ସାଧାରଣ ବିଭାଗ ସ୍ପଷ୍ଟ କରିଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ବିଭାଗୀୟ ପଦୋନ୍ନତି ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପତ୍ତି ତାଲିକା ଦାଖଲ କରିବା ବାଧ୍ୟତାମୂଳକ। ଏହି ନିୟମ ଆଧାରରେ ଯେଉଁ କର୍ମଚାରୀ ନିଜର ସମ୍ପତ୍ତି ତାଲିକା ନିର୍ଦ୍ଧାରିତ ସମୟରେ ଦାଖଲ କରିନାହାନ୍ତି ସେମାନେ ପଦୋନ୍ନତି ପାଇଁ କୌଣସି ବିଭାଗୀୟ ପଦୋନ୍ନତି କମିଟି(ଡିପିସି) ନିକଟରେ ଯୋଗ୍ୟ ବିବେଚିତ ହେବେ ନାହିଁ। ଏପରିକି ସମସ୍ତ ବିଭାଗ ଏହି ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ସହ ସମ୍ପତ୍ତି ତାଲିକା ଦାଖଲ ନକରିଥିବା କୌଣସି କର୍ମଚାରୀଙ୍କ ପଦୋନ୍ନତି ଆବେଦନ ଯେପରି ଡିପିସି ନିକଟରେ ଉପସ୍ଥାପିତ ନ ହୁଏ, ତାହା ସୁନିଶ୍ଚିତ କରିବାକୁ ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଦେଶ ଦେଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସମ୍ପତ୍ତି ତାଲିକା ଦାଖଲ କରି ନ ଥିବାରୁ ଅନେକ ପୁଲିସ ସବ୍‌ଇନ୍ସପେକ୍ଟର ପଦୋନ୍ନତି ପାଇବାକୁ ବଞ୍ଚିତ ହୋଇଛନ୍ତି।

## ବନ୍ଦର ବିକାଶ ପାଇଁ...

ସାମୁଦ୍ରିକ ଶକ୍ତି ଶିଳ୍ପ ଏବଂ ଅର୍ଥନୈତିକ ଅଭିବୃଦ୍ଧିର ଏକ ନୂତନ ସମ୍ଭାବନା ଆଡ଼କୁ ଗତି କରୁଛି। ପାରାଦୀପ, ଧାମରା, ଗୋପାଳପୁର ବନ୍ଦର ସହ ଅସ୍ତରଙ୍ଗ, ଜଟାଧାରୀ, ସୁବର୍ଣ୍ଣରେଖା ଏବଂ ବାହୁଦାରେ ପ୍ରସ୍ତାବିତ ବନ୍ଦରଗୁଡ଼ିକ ସହିତ ଆମେ ଆମର ମୋଟ ବନ୍ଦର ପରିଚାଳନା କ୍ଷମତାକୁ ବାର୍ଷିକ ୫୦୦ ନିୟୁତ ଟନକୁ ବୃଦ୍ଧି କରୁଛୁ। ପୁରୀ କ୍ରୁଜ ଟର୍ମିନାଲ ସହିତ ଜାହାଜ ନିର୍ମାଣ ଏବଂ ମରାମତି କ୍ଲଷ୍ଟର ପାଇଁ ୨୪୭୦୦୦ କୋଟି ଟଙ୍କା ଏବଂ ବାହୁଦା ବନ୍ଦରରେ ୨୧୫୦୦ କୋଟି ଟଙ୍କା ବିନିଯୋଗ ଓଡ଼ିଶାର ଉପକୂଳ ଅର୍ଥନୀତି ଏବଂ ବିଶ୍ୱ ବାଣିଜ୍ୟ ସଂଯୋଗକୁ ଏକ ନୂଆ ଦିଗ ପ୍ରଦାନ କରିବ। ଏହି ପରିବର୍ତ୍ତନଶୀଳ ଯାତ୍ରାର ଅଂଶବିଶେଷ ହେବାକୁ ମୁଁ ନିବେଶକମାନଙ୍କୁ ହାର୍ଦ୍ଦିକ ସ୍ୱାଗତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉଦଘାଟନ କରିଥିଲେ। ଉଦଘାଟନୀ ଅଧିବେଶନ ପରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ସରକାରଙ୍କ ଏକ ପ୍ରତିନିଧି ଦଳ ସହିତ ଏକ ସ୍ୱତନ୍ତ୍ର ଓଡ଼ିଶା ଅଧିବେଶନ ଅନୁଷ୍ଠିତ ହୋଇଥିଲା। 'ଓଡ଼ିଶାର ବନ୍ଦର ଭିତ୍ତିକ ବିକାଶ ୨୦୨୪ ପାଇଁ ଏକ ଦୃଷ୍ଟିକୋଣ ଯୋଜନା' ଶୀର୍ଷକ ଏହି ଅଧିବେଶନରେ ଓଡ଼ିଶାର ବନ୍ଦର ଭିତ୍ତିକ ଶିଳ୍ପ ଭିତ୍ତିଭୂମିରେ ନିବେଶ ସମ୍ଭାବନା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।


**AFFIDAVIT**

By virtue of an affidavit sworn before The Executive Magistrate, Sohela vide no.02 dated 27/10/2025, I, Jogindra Kumar Sahu, S/o- Krushna Chandra Sahu, R/o- Vill.- Tileimal, Po.- Ghess, Ps.- Melchhamunda, Dist.- Bargarh state that, in my Aadhar bearing no. 941523556155 my name has been mentioned as Jogindra Sahu. That, **Jogindra Kumar Sahu** and **Jogindra Sahu** is one and same person.

Sd/- Jogindra Kumar Sahu

**AFFIDAVIT**

By virtue of an Affidavit Sworn before the Executive Magistrate, Kujang, Dist.: Jagatsinghpur, I, Sushma Sethy, aged about 57 years, W/o: Iswar Chandra Sethy of Vill/P.O.: Gorada, P.S.: Tirtol, Dist.: Jagatsinghpur declare by this Affidavit No.: 3370, Dated: 16.10.2025 that now onwards my name & date of birth shall be knwon as **Susama Sethy** & **20.06.1968** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Nandapur vide no.97 dated 27/10/2025, I Brundabati Burudi, D/o- Jagabandhu Burudi, W/o- Nanda Burudi resident of Vill.- Khudub, Po.- Gollur, Ps.- Padwa, Dist.- koraput, Odisha, Pin-764038 state that, I have changed my name from **Buruda Burudi** to **Brundabati Burudi**. Henceforth, I shall be known as **Brundabati Burudi** for all purposes.

Sd/- Brundabati Burudi

**AFFIDAVIT**

By virtue of an affidavit C.F. No. 28, dtd. 27.10.2025 before the Executive Magistrate, Bhubaneswar, I, Saraswati Sahoo, have changed my name from Saraswati Dash to Saraswati Sahoo. Henceforth I shall be known as Saraswati Sahoo for all purposes.

**Sd/- Saraswati Sahoo**

**THE ODISHA AGRO INDUSTRIES CORPORATION LIMITED**
**(A Government of Odisha Undertaking)**
**95, SATYA NAGAR, BHUBANESWAR -751 007.**

CAD-2108

**TENDER CALL NOTICE**

e-Tender quotation in conformity with technical specification, terms & conditions in bid documents are invited from manufacturers for **"Procurement of sprinkler irrigation system (Micro Irrigation System" for the FY 2025-26 to 2026-27**. For details, please visit website https://tendersodisha.gov.in. or https://odishaagro.nic.in/ from **dt 27.10.2025 to dt.21.11.2025 (5.00 pm.)**.

OIPR-01047/11/0061/2526

Sd/-
**MANAGING DIRECTOR**

**ନୋଟିସ୍**

(ଦେ.କା. ଆଇନ୍‌ର ଅର୍ଡର ୫ ରୁଲ୍ ୧୦ ସହିତ ଅର୍ଡର ୫ ରୁଲ ୨୦ (୧) ଏବଂ ୧ (କ) ଅନୁସାରେ ନୋଟିସ୍)

**ଜଜ୍ ଫ୍ୟାମିଲି କୋର୍ଟ, ଅନୁଗୋଳ**

**ସିଭିଲ୍ ପ୍ରୋସିଡ଼ିଙ୍ଗ (Execution), କେଶ ନଂ. ୯/୨୦୨୩**

କଳ୍ପନା ମହାପାତ୍ର, ବୟସ ୪୧ ବର୍ଷ, ସ୍ୱାମୀ- ପ୍ରଦୀପ ଦାସ, ସା-ହନୁମାନ ବଜାର, ପୋ.ଅ- ଅନୁଗୋଳ, ଥାନା/ସ.ଡ଼ି.-ଅନୁଗୋଳ, ଜିଲ୍ଲା-ଅନୁଗୋଳ (ଓଡ଼ିଶା)

... ଦରଖାସ୍ତକାରୀଣି

ବନାମ

ପ୍ରଦୀପ ଦାସ, ବୟସ ୪୫ ବର୍ଷ ପିତା- ସ୍ୱର୍ଗତ ସଦାଶିବ ଦାସ, ଫ୍ଲାଟ୍ ନଂ.-୨୬୪. ମିଳନ ପାରାଡାଇସ୍, ଆର୍ଯ୍ୟ ବିହାର କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋରଧା, ପିନ୍-୭୫୧୦୨୧।

ଅଫିସ ଠିକଣା- ପ୍ରଦୀପ ଦାସ, ବୟସ ୪୫ ବର୍ଷ ପିତା- ସ୍ୱର୍ଗତ ସଦାଶିବ ଦାସ, ଫ୍ଲାଟ୍ ନଂ.- ୪୨୮, ୪ର୍ଥ ଫ୍ଲୋର ଡ଼ି.ଏଲ୍. ଏଫ୍. ସାଇବର ସିଟି, ପଟିଆ, ଚନ୍ଦକା ଇଣ୍ଡଷ୍ଟ୍ରିଆଲ୍ ଇ-ଷ୍ଟେଟ୍, ଭୁବନେଶ୍ୱର-୭୫୧୦୨୪, ମୋ.ନଂ-୯୨୦୬୭୫୩୩୯୮, ୮୨୪୯୮୧୪୯୨୩

...ଅପରପକ୍ଷ

ଯେହେତୁ ଦରଖାସ୍ତକାରୀ U/S 18 Family Courts Act ପରିବାର ଅଦାଲତ ଅନୁଗୋଳ ଅନୁସାରେ ଆପଣଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଖଲ କରିଛନ୍ତି। ଆପଣଙ୍କ ବିରୁଦ୍ଧ ରେ ନୋଟିସ୍ ବାରମ୍ବାର ଆପଣଙ୍କ ଠିକଣାରେ ଜାରି ନିମନ୍ତେ ପଠାଗଲେ ମଧ୍ୟ ଆପଣ ଜାଣିଶୁଣି ଅନୁପସ୍ଥିତ ରହୁଥିବାରୁ ଓ ଆପଣଙ୍କ ଠିକଣା ପାଇପାରୁନଥିବାରୁ ନୋଟିସ୍ ଉତ୍ତମ ରୂପେ ଜାରି ହୋଇପାରୁନାହିଁ।

ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣ ଧାର୍ଯ୍ୟ ତା.୧୪.୧୧.୨୦୨୫ରିଖ ପୂର୍ବାହ୍ନ ୧୦:୩୦ ମିନିଟ୍ ସମୟରେ ଅତ୍ର କୋର୍ଟରେ ହାଜର ହୋଇ ଜବାବ ଦାଖଲ କରିବେ। ହାଜର ନ ହେଲେ ଆପଣଙ୍କ ବିରୁଦ୍ଧରେ ଏକ ତରଫା ସୁତ୍ରେ ବିଚାର କରାଯିବ।

ଅଦ୍ୟ ତା.୨୬.୦୯.୨୦୨୫ରିଖ ରେ ଆମ୍ଭର ସ୍ୱାକ୍ଷର ଅଦାଲତ ରେ ମୋହର ଯୁକ୍ତେ ଦିଆଗଲା।

ସ୍ୱା/- ବିଚାରପତି

**AFFIDAVIT**

By virtue of an affidavit sworn before The Notary Public, Sunabeda dated 15/07/2025, I Sri Krushna Gurumai, S/o- Sindhy Gurumai, Vill.- Hatimunda, PO.- Subai, Ps.- Similiguda, District- Koraput declare that, I have changed my name from **Kustha Gurumain** to **Krushna Gurumai**. Henceforth, I shall be known as **Krushna Gurumai** for all purposes.

Sd/- Krushna Gurumai

**AFFIDAVIT**

I Sunil Kumar Bhanja, S/o- Paresh Chandra Bhanja of village- Kasaba Kamarda /Po/Ps- Kamarda, Dist- Balasore, Odisha, declared by affidavit before Executive Magistrate , Bhograi No.5108/25 dtd-14/10/2025 that my son Ayush Kumar Bhanja's correct birth date is 04/01/2008 in birth certificate. that it unfortunately mentioned as 04/01/2007 in his educational certificate. Hence my son's actual & correct date of birth is as **04.01.2008** for all future purposes.

**AFFIDAVIT**

By virtue of an affidavit sworn before the Notary Public, Bhubaneswar dated 14/10/2025. I, Sorisa Nayak W/o Jayram Nayak, At- Baliberana, Po- Chadeyapalli, Ps-Chadeyapalli, Nayagarh, Odisha, Pin- 752089, declare that I have changed my owned name Surina Nayak to Sorisa Nayak. Henceforth, I shall be known as new name Sorisa Nayak for all purposes.

**Sd/- Sorisa Nayak**

**AFFIDAVIT**

By virtue of an affidavit sworn before Executive Magistrate Banapur on dated 23.10.2025, I Raja Kishore Rout resident village- Achyutrajpur, Po/Ps- Banapur, Dist- khordha, Odisha, PIN- 752031 declare that I have changed my name from Raj Kishore Rout to Raja Kishore Rout. Henceforth I shall be known as **RAJA KISHORE ROUT** for all purposes.

**Raja Kishore Rout**

**AFFIDAVIT**

By virtue of an affidavit, sworn before Executive Magistrate, Bhubaneswar dtd. 27.10.2025 I, **Pragnyasini Bej**, Address: At- Nuasasan, Po- Gopei, Ps- Kudanagari, Dist- Kendrapara, Pin- 754223, Odisha, declare that I have changed my name from **Pragyanswani Bej to Pragnyasini Bej.** Henceforth, I shall be known as **Pragnyasini Bej** (new name) for all purpose.

**Pragnyasini Bej**

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated- 27/10/2025. I, **Shree Gopal Samal**, S/o Vijay Kumar Samal, Address: Hakimpada, House No. 032, PO- Hakimpada, Near Old Bambo Office, Near Vijay Food Products, Angul, PIN- 759143, Odisha declare that I have changed my name from **Gopal Samal to Shree Gopal Samal.** Henceforth, I shall be known as **Shree Gopal Samal** (new name) for all purposes.

**Shree Gopal Samal**

**AFFIDAVIT**

By virtue of an affidavit sworn before Executive Magistrate, Nabarangapur, bearing affidavit no.-1098, dated 27.10.2025 I, Bhajan Nayak, S/o- Late Jitendra Nayak, resident of Dhoba Sahi, Po./Ps./Dist.- Nabarangpur, Odisha, Pin- 764059 declare that, I have changed my son's name from **Akhyansri Nayak** to **Arashi Nayak**. Henceforth, she shall be known as **Arashi Nayak** for all purposes.

Sd/- Bhajan Nayak

**AFFIDAVIT**

I, Manju Agarwalla, aged about 55 years, W/o- Sunil Kumar Agrawal, resident of Hemgir, Po- Hemgir, Ps- Hemgiri, Dist- Sundergarh, Odisha, PIN- 770013 declare by this affidavit No. 2191, dtd. 27/10/2025, that now onwards I shall be known as **MANJU AGRAWAL** for all future purposes.

**OFFICE OF THE PRINCIPAL-CUM-SECRETARY**
**MAA MARKAMA +3 COLLEGE, BISSAM CUTTACK, DIST: RAYAGADA.**
mmdegreecollege@gmail.com

**CORRIGENDUM**
**WALK-IN-INTERVIEW**

In pursuance to the advertisement published in Page No – 09 dated- 18.10.2025 the revised scheduled time of interview is as follows.

| Sl. No | Name of the Post | No of Post | Previous Date & Time | Age | Revise Date and Time |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **ARTS (MANAGEMENT)** | | | | | |
| 1 | Physical Education Teacher | 01 | 02.11.2025 11 A.M. | As per Govt. norms | 06.11.2025 11 A.M. |
| 2 | Peon (ST Category) | 01 | 02.11.2025 11 A.M. | | |
| **SCIENCE (SELF FINANCING)** | | | | | |
| 1 | Laboratory Attendant (Biological Science) | 01 | 02.11.2025 11 A.M. | As per Govt. norms | 06.11.2025 11 A.M. |
| 2 | Lect-in-Mathematics, Botany, Zoology. | 01 each | 09.11.2025 11 A.M. | As per Govt. norms | 11.11.2025 11 A.M. |

-sd-
Principal-cum-Secretary
Maa Markama +3 College, Bissamcuttack
https://mmplus3college.in/

**EASTERN INVESTMENTS LIMITED**
CIN: L65993OR1927GOI034842
Registered office: House No: 255, Pristine Green, Pokhariput, Bhubaneswar, Odisha-751020
Tel. No. 0674-2391595, website: **www.birdgroup.co.in**

**NOTICE OF 98TH ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 98th Annual General Meeting of Eastern Investments Limited through video conferencing/ other audio visual means.

In this regards Notice is hereby given that the 98th Annual General Meeting (AGM) of Eastern Investments Limited (the 'Company') will be held on Tuesday, 18th November, 2025 at 12:30 p.m. IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 98th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. www.birdgroup.co.in websites of stock exchanges i.e. www.cse-india.com and on the website of NSDL at www.evoting.nsdl.com.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 98th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: rta@cbmsl.com. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. www.evoting.nsdl.com or refer to the instructions as mentioned in the Notice of 98th AGM.

**Book Closure:**

Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 98th AGM of the Company.

**Attending AGM through VC / OAVM:**

Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**

Members who would like to express their views/ask questions during the 98th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: **omdc.sec.dept@gmail.com**.

By the Order of the Board
Sd/-
**S Raja Babu**
Company Secretary & Compliance Officer

**Place:** Vishakhapatnam
**Date:** 27.10.2025

ବାତ୍ୟା 'ମୋନ୍ଥା'ର ପ୍ରଭାବ

# ଅଶାନ୍ତ ସମୁଦ୍ର; ଆସୁଛି ଉଚ୍ଚ ଜୁଆର





ବ୍ରହ୍ମପୁର,୨୭ ।୧୦(ସମିସ): ବାତ୍ୟା ମୋନ୍ଥା ପ୍ରଭାବରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ସମୁଦ୍ର ଅଶାନ୍ତ ହୋଇପଡ଼ିଛି । ସମୁଦ୍ରର ଉଚ୍ଚ ଜୁଆର କୂଳ ପର୍ଯ୍ୟନ୍ତ ମାଡ଼ି ଆସୁଛି । ଏହି କ୍ରମରେ ଗୋପାଳପୁର ଅଞ୍ଚଳରେ ବର୍ଷା ଓ ପବନ ଜାରି ରହିଛି । ପ୍ରଶାସନ ନିଜକୁ ବେଶ୍ ସଜାଗ କରିବା ସହ ଲୋକଙ୍କ ଧନଜୀବନ ସୁରକ୍ଷାକୁ ପ୍ରାଥମିକତା ଦେଇଛି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ସୋମବାର ପୂର୍ବାହ୍ନରେ ଗୋପାଳପୁର ପହଞ୍ଚି ବେଳାଭୂମି ପରିଦର୍ଶନ କରିବା ସହ ସ୍ଥିତି ତଦାରଖ କରିଥିଲେ । ବାତ୍ୟା ଆଶ୍ରୟସ୍ଥଳୀକୁ ଯାଇ ସମସ୍ତ ବ୍ୟବସ୍ଥା ଉପରେ ଅନୁଧ୍ୟାନ କରିଥିଲେ । ସେହିଭଳି ଗୋପାଳପୁର ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ବେଳାଭୂମିକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି । ଏଣୁ ବେଳାଭୂମି

## ଖୋଲିଲା ବିଭିନ୍ନ ଜଳଭଣ୍ଡାର ଗେଟ୍, ସ୍ଥାନାନ୍ତରକୁ ଗୁରୁତ୍ୱ

ଖାଁ ଖାଁ ରହିଛି । ବାତ୍ୟା ପ୍ରଭାବରେ ଗୋପାଳପୁରରେ ମେଘୁଆ ପାଗ ସହ ସାମାନ୍ୟ ବର୍ଷା ଦେଖାଦେଇଛି । ଏହା ପ୍ରଭାବରେ ଗୋପାଳପୁର ସମୁଦ୍ର ଅଶାନ୍ତ ରହିଥିବାରୁ ୨୯ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି ।

ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲାର ବାଘଲଟି, ଘୋଡ଼ାହାଡ଼ ସମେତ ବିଭିନ୍ନ ଜଳଭଣ୍ଡାର ଗେଟ୍ ଖୋଲିଥିବା ସୂଚନା ମିଳିଛି । ଏଣୁ ନଦୀ ଓ କେନାଲ ତଟବର୍ତ୍ତୀ ତଳି ଗାଁଗୁଡ଼ିକୁ ସଚେତନ କରାଯାଇଛି । ଏଥିସହ ରଙ୍ଗେଇଲୁଣ୍ଡା, ଛତ୍ରପୁର, ସୋରଡ଼ା ଓ ପାତ୍ରପୁର ବ୍ଲକର ବିଭିନ୍ନ ଅଞ୍ଚଳ ବାସିନ୍ଦାଙ୍କୁ ବାତ୍ୟା ଆଶ୍ରୟସ୍ଥଳ ଅଥବା ନିକଟସ୍ଥ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ବିଶେଷକରି, ପାତ୍ରପୁର ଓ ସୋରଡ଼ା ବ୍ଲକରେପାହାଡ଼ୀଇଲାକାରେରହୁଥିବାଜନସାଧାରଣଙ୍କ ସ୍ଥାନାନ୍ତରକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି ।

# ଗୋପାଳପୁର ବନ୍ଦରକୁ ୨ ନମ୍ବର ବିପଦ ସଂକେତ

ବ୍ରହ୍ମପୁର, ୨୭ ।୧୦(ସମିସ): ବାତ୍ୟା 'ମୋନ୍ଥା' ପାଇଁ ଗୋପାଳପୁର ବନ୍ଦରକୁ ୨ନମ୍ବର ବିପଦ ସଂକେତ ଜାରି ହୋଇଛି । ସୋମବାର ସକାଳ ସାଢ଼େ ୮ଟାରୁ ମଙ୍ଗଳବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଅରେଞ୍ଜ ୱାର୍ଣ୍ଣିଂ, ମଙ୍ଗଳବାର ସକାଳ ସାଢ଼େ ୮ଟାରୁ ବୁଧବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ରେଡ୍ ୱାର୍ଣ୍ଣିଂ, ବୁଧବାର ସକାଳ ସାଢ଼େ ୮ଟାରୁ ଗୁରୁବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଆଜି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଗୋପାଳପୁରରେ ୨ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଆଜି ସନ୍ଧ୍ୟା ସାଢ଼େ ୫ଟା ପର୍ଯ୍ୟନ୍ତ ୧୨.୬ମିମି ବର୍ଷା ରେକର୍ଡ ହୋଇଥିବା ସୂଚନା ମିଳିଛି ।

■ ଆନ୍ଧ୍ରରେ ପ୍ରବଳ ବର୍ଷା

# ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପର ଖୋଲିଲା ୬ଟି ଗେଟ୍



କୋରାପୁଟ/ଲମତାପୁଟ,୨୭।୧୦(ସମିସ): ବାତ୍ୟା 'ମୋନ୍ଥା' ପ୍ରଭାବରେ ରବିବାର ଅପରାହ୍ନଠାରୁ ଉତ୍ତର ଆନ୍ଧ୍ରପ୍ରଦେଶରେ ପ୍ରବଳ ବର୍ଷା ଲାଗି ରହି ଥିବାରୁ ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପ କର୍ତ୍ତୃପକ୍ଷ ସଜାଗ ହୋଇଛନ୍ତି । ସୁରକ୍ଷା ଦୃଷ୍ଟିରୁ ଜଳାପୁଟ ଓ ଡି - ଡ୍ୟାମର ୬ଟି ଗେଟ୍ ଖୋଲି ଜଳ ନିଷ୍କାସନ ଆରମ୍ଭ କରିଛନ୍ତି । ଉଚ୍ଚ ପଦାଧିକାରୀଙ୍କ ନିର୍ଦ୍ଦେଶ ପାଇବା ପରେ ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପର ମୁଖ୍ୟ ଜଳଭଣ୍ଡାର ଜଳାପୁଟର ୪ଟି ଗେଟ୍ ଖୋଲାଯାଇ ୧୬ହଜାର କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଛି ।

ଜଳାପୁଟ ଜଳ ଭଣ୍ଡାରର ବିପଦ ସଂକେତ ୨୭୫୦ ଫୁଟ୍ ରହିଥିବା ବେଳେ ବର୍ତ୍ତମାନ ଜଳସ୍ତର ୨୭୪୭.୭୫ ଫୁଟ୍‌ରେ ରହିଛି । ବିପଦ ସଂକେତର ଅତି ନିକଟରେ ଜଳସ୍ତର ଥିବାରୁ ଗେଟ୍ ଖୋଲାଯାଇଥିବା ଜଣାଯାଇଛି । ସେହିପରି ମାଛକୁଣ୍ଡ ଡି.ଡ୍ୟାମରୁ ମଧ୍ୟ ୨ଟି ଗେଟ୍ ଖୋଲାଯାଇ ପ୍ରତି ସେକେଣ୍ଡରେ ୧୨ ହଜାର କ୍ୟୁସେକ ଜଳ ଛଡ଼ାଯାଉଛି । ଡି.ଡ୍ୟାମ୍‌ର ବିପଦସଂକେତ ୨୫୯୦ ଫୁଟ ରହିଥିବା ବେଳେ ବର୍ତ୍ତମାନ ତାହା ୨୫୮୩ ଫୁଟ୍ ରହିଛି । ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଉପରମୁଣ୍ଡରେ ଲଗାଣ ବର୍ଷା ହେଲେ ଜଳାପୁଟ ଜଳଭଣ୍ଡାରରେ ଜଳପତ୍ତନ ବୃଦ୍ଧି ପାଇଥାଏ । ୨ ଦିନ ଧରି ବଙ୍ଗୋସାଗରରେ ସୃଷ୍ଟି ହୋଉଥିବା ବାତ୍ୟା 'ମୋନ୍ଥା' ଯୋଗୁଁ ଜଳସ୍ତର ବୃଦ୍ଧି କାରଣରୁ ୨ଟି ଜଳ ଭଣ୍ଡାରର ୬ଟି ଗେଟ୍ ଖଲା ଯାଇ ପ୍ରତି ସେକେଣ୍ଡରେ ୨୮ ହଜାର କ୍ୟୁସେକ ଜଳ ନିଷ୍କାସନ କରାଯାଉଛି ।

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ଅଭିଯୁକ୍ତ ଫେରାର୍ ହୋଇଥିବା ଗାଡ଼ି ଖଣ୍ଡଗିରିରୁ ଜବତ!

■ ପୁଲିସ କବ୍ଜାରେ ଫେରାର୍ ଉମାର ଭାଇ ବଂଶୀର କାର୍
■ କାଳିଆ ଜେନା ହତ୍ୟା ଉଦ୍ୟମ ମାମଲାରେ 'ବଂଶୀ' ଜେଲ୍‌ରେ
■ ଆଉ ଜଣେ ଅଟକକୁ ପଚରାଉଚରା



ବ୍ରହ୍ମପୁର, ୨୭ ।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସକୁ ଆଉ ଏକ ସଫଳତା ମିଳିଛି । ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ କୁହାଯାଉଥିବା ତଥା ଫେରାର୍ ଉମା ବିଶୋୟୀର ଭାଇ ବଂଶୀ ବିଶୋୟୀ ନାମରେ ଥିବା ଏକ ଏର୍ଟିଗା କାର୍‌କୁ ପୁଲିସ ଜବତ କରିଛି । (ଓଡି୦୨ଡିଇ୩୪୭୯) ନମ୍ବର ବିଶିଷ୍ଟ ଏହି କାର୍‌ଟିକୁ ପୁଲିସ ଖଣ୍ଡଗିରି ଅଞ୍ଚଳରୁ ଜବତ କରିଥିବା ଜଣାଯାଇଛି । ଗାଡ଼ିଟି ହତ୍ୟାକାଣ୍ଡରେ ଅଥବା ହତ୍ୟାକାଣ୍ଡ ପରେ ଉମା ଓ କୁରୁପତିଙ୍କ ଫେରାର୍ ହେବାରେ ନିୟୋଜିତ ହୋଇଥିବା ପୁଲିସ ସନ୍ଦେହ କରୁଛି । ସେପଟେ ଗାଡ଼ି ମାଲିକ ବଂଶୀ ବିଶୋୟୀ ଗତ ଜୁଲାଇ ୨୫ ତାରିଖରେ ଶେରଗଡ଼ ଥାନା ଅନ୍ତର୍ଗତ ସୁନାଥର ଗ୍ରାମରେ କାଳିଆ ଜେନା ନାମକ ଜଣେ ବ୍ୟକ୍ତିଙ୍କ ଉପରେ ହୋଇଥିବା ବୋମାମାଡ଼ ଓ ଗୁଳିକାଣ୍ଡ ଘଟଣାରେ ଗିରଫ ହୋଇ ବର୍ତ୍ତମାନ ଆସିକା ଜେଲରେ ଥିବା ଜଣାପଡ଼ିଛି । ଫଳରେ ପୀତବାସଙ୍କୁ ହତ୍ୟା କରିବା ପରେ ବଂଶୀର ଗାଡ଼ିକୁ ଉମା ବ୍ୟବହାର କରିଥିବା ନେଇ ପୁଲିସର ସନ୍ଦେହ ଘନୀଭୂତ ହୋଇଛି । ଜବତ ଗାଡ଼ିର ନମ୍ବରକୁ ନେଇ ପୁଲିସ ବିଭିନ୍ନ ଟୋଲଗେଟ୍ ଓ ବିଭିନ୍ନ ସ୍ଥାନରେ ସିସିଟିଭି ଯାଞ୍ଚ କରିଛି ।

ଅନ୍ୟପକ୍ଷରେ, ବ୍ରହ୍ମପୁରରେ ମଧ୍ୟ ପୁଲିସ ଜଣେ ବ୍ୟକ୍ତିଙ୍କୁ ଏକ ଗୁପ୍ତ ସ୍ଥାନରେ ଅଟକ ରଖି ଜେରା କରୁଥିବା ବେଳେ ପୁଲିସର ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଅନ୍ୟାନ୍ୟ ସ୍ଥାନରେ ଚଢ଼ଉ ଜାରି ରହିଛି । ଅଭିଯୁକ୍ତଙ୍କ ମୋବାଇଲ ସିଡିଆର୍ ଆଧାରରେ ବହୁ ବ୍ୟକ୍ତିଙ୍କୁ ଥାନାକୁ ଡାକି ପଚରାଉଚରା ପରେ ଛାଡ଼ି ଦେଇଥିବା ବେଳେ ଆଗକୁ ଅନେକଙ୍କୁ ଡାକି ପଚରାଉଚରା କରିବ ବୋଲି ସୂଚନା ମିଳିଛି ।

● ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲା

# ଆଜି ସିଡି ଦାଖଲ କରିବ କ୍ରାଇମବ୍ରାଞ୍ଚ

ବ୍ରହ୍ମପୁର, ୨୭ ।୧୦(ସମିସ): ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ କ୍ରାଇମବ୍ରାଞ୍ଚ ଆସନ୍ତାକାଲି(ମଙ୍ଗଳବାର) କେସ୍ ଡାଏରୀ (ସିଡି) ଦାଖଲ କରିବ । ଗିରଫ ୧୨୩ ଜଣଙ୍କ ମଧ୍ୟରୁ ୧୧୩ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ଜାମିନ ଆବେଦନ କରିଥିବା ବେଳେ ମଙ୍ଗଳବାର ଏହାର ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି । ଏହି ମାମଲାରେ ମୁଖ୍ୟ ଦଲାଲ ମୁନା ମହାନ୍ତିଙ୍କ ସମେତ ମୋଟ ୧୨୩ଜଣ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି । ତେବେ କେଲେଙ୍କାରୀର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଓ ତାଙ୍କ ପତ୍ନୀ ଦୀପ୍ତିମୟୀ ସାହୁ ଏଯାବତ୍ ଫେରାର୍ ଅଛନ୍ତି । ଉଭୟଙ୍କୁ ଧରିବା ପାଇଁ କ୍ରାଇମବ୍ରାଞ୍ଚ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିଫଳ ହୋଇଛି । ସେପଟେ ଶଙ୍କର ଓ ତାର ପତ୍ନୀ ଦୀପ୍ତିମୟୀ ସାହୁ ଆଗୁଆ ଜାମିନ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ବର୍ତ୍ତମାନ ଏହି ମାମଲାର ତଦନ୍ତ ସିବିଆଇ କରିବ ବୋଲି ଜଣାପଡ଼ିଛି । ତେବେ ସିବିଆଇ ଜାଲରେ ଫେରାର୍ ଶଙ୍କର ପଡ଼ୁଛି ଅଥବା ନାହିଁ, ତାହା ଆଗାମୀ ଦିନରେ ଜଣାପଡ଼ିବ ।

# ଆଜିଠୁ ୩ ଦିନ ଭସାପୋଲ ବନ୍ଦ



ବ୍ରହ୍ମଗିରି, ୨୭।୧୦(ସମିସ): ମାଡ଼ିଆସୁଛି ବାତ୍ୟା 'ମୋନ୍ଥା' । ଏହାର ପ୍ରଭାବରେ ସୋମବାର ଅପରାହ୍ଣ ୨ଟା ପରଠାରୁ କୃଷ୍ଣପ୍ରସାଦ ଓ ଆଖପାଖ ଅଞ୍ଚଳରେ ଝିପିଝିପି ବର୍ଷା ଆରମ୍ଭ ହୋଇଛି । ବାତ୍ୟାକୁ ଦୃଷ୍ଟିରେ ରଖି ସାତପଡ଼ାଠାରୁ ଜହ୍ନିକୁଦ ଯାଉଥିବା ଭସାପୋଲକୁ ଆସନ୍ତା ୩ ଦିନ ପାଇଁ ବନ୍ଦ କରିଦିଆଯାଇଛି । ସେହିପରି ଚିଲିକାକୁ ନଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି । ଫଳରେ ଚିଲିକା କୂଳରେ ଶହଶହ ଡଙ୍ଗା ଆସି ପହଞ୍ଚିଛି । ସେପଟେ, ବର୍ଷା ଯୋଗୁଁ ଧାନ ଫସଲ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଦେଖାଦେଇଛି । ସେହିପରି ବର୍ଷା ଯୋଗୁଁ ଏକରଏକର

## ଆରମ୍ଭ ହେଲାଣି ବର୍ଷା; ଚିନ୍ତାରେ ଚାଷୀ

ଚାଷ ଜମିରେ ଧାନ ଫସଲ ନଷ୍ଟ ହୋଇଯିବାର ଆଶଙ୍କା ଥିବାରୁ ଶହଶହ ଚାଷୀ ପରିବାର ଏବେ ଚିନ୍ତାରେ ପଡ଼ିଛନ୍ତି । ଆସନ୍ତା ୨୮ ତାରିଖରେ ବାତ୍ୟା ଓଡ଼ିଶା ଉପକୂଳ ଛୁଇଁବା ବେଳେ ଭୀଷଣ ବର୍ଷା ହେବାର ସମ୍ଭାବନା ଥିବା ନେଇ ସାଧାରଣରେ ପ୍ରଚାର ହେଉଥିବାରୁ କୃଷ୍ଣପ୍ରସାଦ ବ୍ଲକ୍ ଅଞ୍ଚଳର ଚାଷୀ ପରିବାରଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିଛନ୍ତି । ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

# ସମୁଦ୍ର ମଝିରେ ଫସିଲା ୪୦ରୁ ଊର୍ଦ୍ଧ୍ୱ ଟ୍ରଲର୍

ଛତ୍ରପୁର,୨୭ ।୧୦(ସମିସ): ସୋମବାର ଅପରାହ୍ଣରେ ଛତ୍ରପୁର ଉପକଣ୍ଠ ଆର୍ଯ୍ୟପଲ୍ଲୀ ସମୁଦ୍ର ନିକଟରେ ୪୦ରୁ ଅଧିକ ଟ୍ରଲର୍ ଫସି ରହିଛି । ଏହା ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଓ କାକିନଡ଼ା ଅଞ୍ଚଳର ବୋଲି ସୂଚନା ମିଳିଛି । ତୁରନ୍ତ ଏହି ସବୁ ଟ୍ରଲରଗୁଡ଼ିକୁ ବନ୍ଦର ବର୍ଥକୁ ସୁରକ୍ଷିତ ଭାବେ ଅଣାଯାଇଥିଲା । ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତର ନେଇ ସେମାନଙ୍କୁ ସୁରକ୍ଷିତ ଭାବେ ବର୍ଥ ନିକଟକୁ ଅଣାଯାଇଥିଲା । ସମ୍ଭାବ୍ୟ ବାତ୍ୟା ପାଇଁ ସମୁଦ୍ର ଅଶାନ୍ତ ଥିବାରୁ ସେମାନେ ଆଗକୁ ଯାଇପାରି ନଥିଲେ । ଶେଷରେ ସେମାନେ ଆର୍ଯ୍ୟପଲ୍ଲୀ ନିକଟରେ ଫସି ରହିଥିଲେ । ସେମାନଙ୍କ ନିକଟକୁ କୋଷ୍ଟଗାର୍ଡ ଯାଇ ସେମାନଙ୍କୁ ଗୋପାଳପୁର ବର୍ଥଠାରେ ଲଙ୍ଗର ପକାଇଥିଲେ । ସେମାନଙ୍କୁ ଗଞ୍ଜାମ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ କରାଯାଉଛି । ଏହି ଟ୍ରଲର୍ ସଂଖ୍ୟା ଆଗକୁ ବୃଦ୍ଧି ପାଇବ ବୋଲି ସୂଚନା ମିଳିଛି ।

# ବିନା ପୋଖରୀରେ ପୁନରୁଦ୍ଧାର କାର୍ଯ୍ୟ

■ ଖୋଜିଲେ ମିଳୁନି ଦାଣ୍ଡି କିଆରୀ
■ ବିପୁଳ ଅର୍ଥ ତୋଷରପାତ ଅଭିଯୋଗ

କଙ୍କଡ଼ାହାଡ଼,୨୭।୧୦(ସମିସ): ଆଦିବାସୀ ଅଧ୍ୟୁଷିତ କଙ୍କଡାହାଡ଼ ବ୍ଲକକୁ ଆକାଂକ୍ଷୀ ବ୍ଲକ ଭାବେ ମନୋନୀତ କରାଯାଇ ଅନ୍ୟ ବିକଶିତ ଅଞ୍ଚଳ ଭଳି ବିକାଶ କ୍ଷେତ୍ରରେ ଆଗେଇ ନେବାପାଇଁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି । ମାତ୍ର ଏହାର ସୁଯୋଗ ନେଇ କିଛି ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ସରକାରୀ ଅଧିକାରୀଙ୍କ ମିଶି ଯାବତୀୟ ଅନିୟମିତତାରେ ଲିପ୍ତ ଅଛନ୍ତି । ଏହାର ଉଦାହରଣ ଦେଖିବାକୁ ମିଳିଛି ଗଡ଼ପଳାଶୁଣି ପଞ୍ଚାୟତରେ । ଜଙ୍ଗଲ ମଧ୍ୟରେ ପୋଖରୀ ଥିବା ଦର୍ଶାଇ ଏହାର ପୁନରୁଦ୍ଧାର ବାବଦରେ ବିପୁଳ ଅର୍ଥ ବ୍ୟୟ ହୋଇଥିବା ଅଭିଯୋଗ ହୋଇଛି ।

ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣୀ ପଞ୍ଚାୟତ ଜରଡ଼ା ଗାଁ ରେ କୌଣସି ପୋଖରୀ ନ ଥାଇ ସୁଦ୍ଧା ମନରେଗା ଯୋଜନାରେ ବିଲ କରାଯାଇଥିବା ଅଭିଯୋଗ ହୋଇଛି । ଜରଡ଼ା ଗ୍ରାମ ସନ୍ନିକଟ ଏକ ପାହାଡ ପାଦ ଦେଶରେ ଏକ ଜାଗାକୁ ସାମାନ୍ୟ ହୁଡ଼ା ଟେକି ଦେଇ ଦାଣ୍ଡି କିଆରୀ ପୋଖରୀର ପୁନଃରୁଦ୍ଧାର ଦର୍ଶାଇ ମିଥ୍ୟା ବିଲ କରାଯାଇଥିବା ସୂଚନା ମିଳିଛି । ୱାର୍କ କୋଡ଼ -୨୪୦୭୦୦୫୦୦୮/ ଡ଼ବ୍ଲ୍ୟୁଏଚ୍ /୧୦୯୫୦୭୮୭)ରେ ଏ ବାବଦରେ କେତେ ଟଙ୍କା ବ୍ୟୟ ହୋଇଛି ତାହା ଅନୁସନ୍ଧାନସାପେକ୍ଷ । ସରକାରୀ ବ୍ୟବସ୍ଥା ଅନୁସାରେ ଗାଁ ସାଥୀ ସମସ୍ତ ଶ୍ରମିକମାନଙ୍କର ଏନଏମ୍‌ଏମ୍‌ଏସ ଆପ ଜରିଆରେ ଫଟୋ ଉଠାଯାଇ ଉପସ୍ଥାନ ନିଆଯିବା କଥା । ଏହାପରେ ମଷ୍ଟରୋଲ ବାହାରିବା ପରେ ଦେୟ ପ୍ରଦାନ କରାଯିବାର ନିୟମ ରହିଛି । ମାତ୍ର ପୋଖରୀ ନ ଥାଇ କିପରି ପୋଖରୀ ପୁନରୁଦ୍ଧାର ହେଲା ତାହା ଏବେ ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି । ଏପରିକି ଏହି ଅନିୟମିତତାରେ ଗାଁ ସାଥୀ ଓ ଜିଆର୍‌ଏସ୍‌ଙ୍କ ଭୂମିକା ଥିବା ମଧ୍ୟ ଅଭିଯୋଗ ହୋଇଛି । ତେବେ ଜିଆର୍‌ଏସ୍ ଏ ସମ୍ପର୍କରେ ଅଭିଯୋଗକୁ ହାଲୁକା ଭାବରେ ନେଇ କମ୍ ଟଙ୍କା ଦିଆଯାଇଥିବା କହିବା ଘଟଣାକୁ ରହସ୍ୟାବୃତ୍ତ କରିଛି । ଅନ୍ୟପକ୍ଷରେ ଦୁର୍ନୀତିମୁକ୍ତ କଙ୍କଡ଼ାହାଡ଼ ସ୍ଲୋଗାନ ଦେଉଥିବା ଶାସକ ଦଳର ସ୍ଥାନୀୟ ରାଜନେତାଙ୍କ ଜ୍ଞାତସାରରେ ଏପରି ଅନିୟମିତତା ହୋଇଥିବା କିଛି ଗ୍ରାମବାସୀ ମଧ୍ୟ ଅଭିଯୋଗ କରିଛନ୍ତି ।



# ମହୁମାଛି ଆକ୍ରମଣରେ ବ୍ୟବସାୟୀଙ୍କ ମୃତ୍ୟୁ

ଜୟପୁର, ୨୭ ।୧୦(ସମିସ): ମହୁମାଛି ଆକ୍ରମଣରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ, ଜୟପୁର ପାରାବେଡ଼ାର ବାସିନ୍ଦା ବ୍ୟବସାୟୀ ପ୍ରଦୀପ ସାହୁ(୬୨) । ଆଜି ମଧ୍ୟାହ୍ନରେ ସେ ପଲକାପୁଟ ଗ୍ରାମ ନିକଟସ୍ଥ ନୂଆଗୁଡ଼ାଠାରେ ଥିବା ଇଟା କାରଖାନାକୁ ଯାଇଥିବା ବେଳେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ । କାରଖାନା ପରିସରରେ ଥିବା ଏକ ମହୁମାଛି ବସାରୁ ହଠାତ୍ ପୁଳାପୁଳା ମହୁମାଛି ବାହାରି ପ୍ରଦୀପ, ତାଙ୍କର ଜଣେ ସହଯୋଗୀ ଏବଂ କାରାଖାନାର ଜଣେ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ । ଜୀବନ ବିକଳରେ ପ୍ରଦୀପ ନିଜ କାର୍‌ରେ ବସି ପଲକାପୁଟ ଗ୍ରାମ ନିକଟକୁ ଆସିଥିଲେ । ସେତେବେଳକୁ ତାଙ୍କ ଅବସ୍ଥା ଅଧିକ ବିଗିଡ଼ି ଯାଇଥିଲା । ପରିବାରଲୋକେ ତାଙ୍କୁ ଏକ ଅଟୋରେ ଡାକ୍ତରଖାନାକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ତେବେ ତାଙ୍କ ମୃତ୍ୟୁ ହୃଦ୍‌ଘାତଜନିତ ବୋଲି କୁହାଯାଉଛି । ତାଙ୍କ ପିଠିସାରା ମହୁମାଛି କାମୁଡ଼ା ଚିହ୍ନ ରହିଛି । ସେହିପରି ତାଙ୍କର ସହଯୋଗୀଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।



# ପିଣ୍ଟୁ ପାଇଁ ଜିଲ୍ଲାର ସବୁ ଜେଲ୍ ଅସୁରକ୍ଷିତ!

ବ୍ରହ୍ମପୁର, ୨୭ ।୧୦ (ସମିସ): ଜେଲ୍ ଆଉ ସୁରକ୍ଷିତ ନୁହେଁ । ଅଭିଯୁକ୍ତଙ୍କ ସୁରକ୍ଷା ସୁନିଶ୍ଚିତ କରିପାରୁନାହାନ୍ତି କର୍ତ୍ତୃପକ୍ଷ । ତେଣୁ ଦାୟିତ୍ୱ ଖସାଇବାକୁ ଚେଷ୍ଟା କରୁଛନ୍ତି । ଏଭଳି ଘଟଣା ଏବେ ଦେଖିବାକୁ ମିଳିଛି ବ୍ରହ୍ମପୁରରେ । ବିଭିନ୍ନ କାରଣ ଦର୍ଶାଇ ଜେଲ କର୍ତ୍ତୃପକ୍ଷ ନିଜଆଡ଼ୁ ପିଣ୍ଟୁ ଦାଶଙ୍କ ଭଳି ଜଣେ ଅଭିଯୁକ୍ତଙ୍କୁ ଜେଲ୍‌ରେ ରଖିବାକୁ ମନା କରିବା ପରେ ଏହା ସ୍ପଷ୍ଟ ବାରି ହୋଇପଡ଼ିଛି । ନିକଟରେ ଚୌଦ୍ୱାର ଜେଲରୁ ଦୁଇଜଣ ଦୁର୍ଦ୍ଧାନ୍ତ ଅପରାଧୀ ଚମ୍ପଟ ମାରିଥିବା ବେଳେ ବ୍ରହ୍ମପୁର ବାଳିକା ପର୍ଯ୍ୟବେକ୍ଷଣ ଆବାସରୁ ଦୁଇଜଣ ନାବାଳିକା ଚମ୍ପଟ ମାରିଥିଲେ । ଉଭୟ ଘଟଣାରେ କାହାରିକୁ ଏପର୍ଯ୍ୟନ୍ତ କାବୁ କରାଯାଇପାରିନାହିଁ । ଏହା ଦୁର୍ବଳ ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇ ଦେଇଛି । ଏଭଳି ସ୍ଥିତିରେ ବର୍ତ୍ତମାନ ଜେଲ୍ କର୍ତ୍ତୃପକ୍ଷ ନିଜଆଡ଼ୁ ଜଣେ ଅପରାଧୀଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ଆରମ୍ଭରୁ ହିଁ ନିଜର ଅସହାୟତା ପ୍ରକାଶ କରି ହାତ ଟେକିଦେବା ଘଟଣା ଜେଲର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବ୍ରହ୍ମପୁରର ପୂର୍ବତନ ମେୟର୍ ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରଖାଯାଇଛି । କିନ୍ତୁ ସେଠାରେ ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ବ୍ରହ୍ମପୁର ଜେଲ୍ କର୍ତ୍ତୃପକ୍ଷ କୋର୍ଟକୁ ଅବଗତ କରାଇଥିଲେ । ପିଣ୍ଟୁଙ୍କୁ ଜିଲ୍ଲା ବାହାରକୁ ଅର୍ଥାତ୍ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ତେବେ ଫୁଲବାଣୀ ଜେଲ୍‌କୁ ପିଣ୍ଟୁଙ୍କୁ ସ୍ଥାନାନ୍ତର କଥା ଜାଣି ପିଣ୍ଟୁଙ୍କ ପରିବାର ପକ୍ଷରୁ ପ୍ରତିବାଦ କରାଯାଇଥିଲା । ତାଙ୍କୁ ଫୁଲବାଣୀ ପରିବର୍ତ୍ତେ ବ୍ରହ୍ମପୁର ଆଖପାଖର କୌଣସି ଜେଲକୁ ସ୍ଥାନାନ୍ତର କରାଯାଉ ବୋଲି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ନିବେଦନ କରିଥିଲେ ।



■ ବ୍ରହ୍ମପୁର, ଭଞ୍ଜନଗର ଜେଲ୍ କର୍ତ୍ତୃପକ୍ଷଙ୍କ ଅସହାୟତା
■ ବ୍ରହ୍ମପୁର ଜେଲ୍‌ରେ ରଖିବାକୁ ଯୁକ୍ତିକଲେ ପିଣ୍ଟୁଙ୍କ ଓକିଲ
■ ୨୯ରେ କଡ଼ା ସୁରକ୍ଷାରେ ଯିବେ ଫୁଲବାଣୀ ଜେଲ୍

ପିଣ୍ଟୁଙ୍କ ନାମରେ ପୂର୍ବରୁ ୩୮ଟି ଅପରାଧିକ ମାମଲା ରହିଥିବା ବେଳେ ସେଗୁଡ଼ିକର ବିଚାରଣା ବ୍ରହ୍ମପୁରର ବିଭିନ୍ନ କୋର୍ଟରେ ଜାରି ରହିଛି । ସେହିଭଳି ତାଙ୍କର ସ୍ୱାସ୍ଥ୍ୟଗତ କାରଣ ଥିବା ଦର୍ଶାଇଥିଲେ । ଫଳରେ ପିଣ୍ଟୁଙ୍କୁ ଭଞ୍ଜନଗର କିମ୍ବା ଆସିକା ସ୍ୱତନ୍ତ୍ର ଜେଲକୁ ସ୍ଥାନାନ୍ତର ପାଇଁ ଚିନ୍ତା କରାଯାଇଥିଲା । ତେବେ ସୋମବାର ଭଞ୍ଜନଗର ଜେଲ କର୍ତ୍ତୃପକ୍ଷ ପିଣ୍ଟୁଙ୍କୁ ରଖିବାକୁ ଅସହାୟତା ପ୍ରକାଶ କରିଥିଲେ । ଫଳରେ ଉଭୟ ବ୍ରହ୍ମପୁର ଓ ଭଞ୍ଜନଗର ଜେଲରେ ପିଣ୍ଟୁ ଦାଶଙ୍କ ଜୀବନ ପ୍ରତି ବିପଦ ଥିବା ଓ ତାଙ୍କୁ ସୁରକ୍ଷା ଦେବାରେ କର୍ତ୍ତୃପକ୍ଷ ଅସହାୟତା ପ୍ରକାଶ କରିଥିବା ପିଣ୍ଟୁଙ୍କ ଓକିଲ ଶିବନାରାୟଣ ସାହୁଙ୍କଠାରୁ ଜଣାପଡ଼ିଛି ।

ଅନ୍ୟପକ୍ଷରେ, ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପିଣ୍ଟୁଙ୍କ ଓକିଲ ତାଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ହିଁ ରଖିବାକୁ ଯୁକ୍ତି ବାଢ଼ିଥିଲେ । ପିଣ୍ଟୁ ଦାଶ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଭଳି ସଙ୍ଗୀନ ମାମଲାରେ ଗିରଫ ହୋଇଥିବାରୁ ତାଙ୍କୁ ଛତ୍ରପୁର, କୋଦଳା କିମ୍ବା ଦିଗପହଣ୍ଡି ଭଳି କୌଣସି ଉପକାରାଗାର ବା ସବ୍ ଜେଲରେ ରଖାଯାଇପାରିବ ନାହିଁ । ତାଙ୍କୁ ନିୟମ ପ୍ରକାରେ ମଣ୍ଡଳ କାରାଗାର ଅଥବା ସ୍ୱତନ୍ତ୍ର କାରାଗାରରେ ହିଁ ରଖାଯାଇପାରିବ । ସେପଟେ ଜିଲ୍ଲାରେ ବ୍ରହ୍ମପୁରରେ କେବଳ ଗୋଟିଏ ମଣ୍ଡଳ କାରାଗାର ଥିବା ବେଳେ ଆସିକା ଓ ଭଞ୍ଜନଗରରେ ଦୁଇଟି ସ୍ୱତନ୍ତ୍ର କାରାଗାର ରହିଛି । ହେଲେ ଭଞ୍ଜନଗର ଜେଲରେ ଦୁର୍ଦ୍ଧାନ୍ତ ତଥା ପିଣ୍ଟୁଙ୍କ ଶତ୍ରୁ ଗୋଷ୍ଠୀର ଅପରାଧୀ ଥିବାରୁ ପିଣ୍ଟୁଙ୍କୁ ସୁରକ୍ଷା ଯୋଗାଇବା ସମ୍ଭବପର ନୁହେଁ ବୋଲି ଜେଲ କର୍ତ୍ତୃପକ୍ଷ ଦର୍ଶାଇଥିବା ଆଇନଜୀବୀ ଶିବ ନାରାୟଣ ସାହୁଙ୍କଠାରୁ ସୂଚନା ମିଳିଛି । ସେହିଭଳି ଆସିକା ଜେଲରେ ମଧ୍ୟ କଏଦୀଙ୍କ ସଂଖ୍ୟା ଅଧିକ ଥିବା ବେଳେ ସେଠାରେ ମଧ୍ୟ ସମାନ ସ୍ଥିତି । ଏଭଳି ସ୍ଥିତିରେ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟ ପିଣ୍ଟୁଙ୍କୁ ଫୁଲବାଣୀ ଜେଲକୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ଆସନ୍ତା ୨୯ ତାରିଖରେ ସ୍ଥାନାନ୍ତର କରାଯିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

**THE BISRA STONE LIME COMPANY LIMITED**
CIN: L14100OR1910GO1033904
Registered office: House No: 255, Pristine Green, Pokhariput, Bhubaneswar, Odisha-751020
Tel. No. 0674-2391595, website:www.birdgroup.co.in
Email: omdc.sec.dept@gmail.com

**NOTICE OF 114 ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 114th Annual General Meeting of The Bisra Stone Lime Company Limited through video conferencing/ other audio visual means.

In this regards Notice is hereby given that the 114th Annual General Meeting (AGM) of The Bisra Stone Lime Company Limited (the 'Company') will be held on Tuesday, 18th November, 2025 at 12:00 Noon IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 114th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. www.birdgroup.co.in websites of stock exchanges i.e. www.cse-india.com and on the website of NSDL at www.evoting.nsdl.com.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 114th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: rta@cbmsl.com. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. www.evoting.nsdl.com or refer to the instructions as mentioned in the Notice of 114th AGM.

**Book Closure:**
Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 114th AGM of the Company.

**Attending AGM through VC / OAVM:**
Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**
Members who would like to express their views/ask questions during the 114th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: omdc.sec.dept@gmail.com.

By the Order of the Board
Sd/-
S Raja Babu
Company Secretary & Compliance Officer

**Place:** Vishakhapatnam
**Date:** 27.10.2025

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଅଚାନକ ଖୁସି ଖବର ପାଇପାରନ୍ତି। ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ସକ୍ରିୟ ରହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଗୃହିଣୀମାନେ ଘର କାମରେ ବ୍ୟସ୍ତ ରହିବେ। ଇଂଜିନିୟରଙ୍କ ପାଇଁ ଦିନଟି ଭଲ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଲୋକ ସମ୍ପର୍କ ବଢ଼ିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** ବାଦ ବିବାଦରୁ ଦୂରେଇ ରୁହନ୍ତୁ। ବ୍ୟବସାୟୀଙ୍କ ପାଇଁ ଦିନଟି ଭଲ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

**କର୍କଟ:** ସମୟର ସଦୁପଯୋଗ କରନ୍ତୁ। ବୁଝି ବିଚାରି କାମ କରନ୍ତୁ। ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଅଫିସ୍‌ରେ ପଦୋନ୍ନତି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗି ପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ।

**କନ୍ୟା:** ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରନ୍ତୁନି। ଅଧିକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ମାନ ସମ୍ମାନ ବୃଦ୍ଧି ପାଇବ। ଉଧାର ଟଙ୍କା ଫେରି ପାଇବେ। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ଯେକୌଣସି ପରିସ୍ଥିତି ସହିତ ଖାପଖୁଆଇ ଚଳନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। କଳାକାରଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୫୧- ବଙ୍ଗଳାରେ ବ୍ରିଟିଶ୍ ଇଣ୍ଡିଆନ୍ ଆସୋସିଏସନ୍‌ର ପ୍ରତିଷ୍ଠା।
- ୧୮୬୭- ଭଗିନୀ ନିବେଦିତାଙ୍କ ଜନ୍ମ।
- ୧୮୯୧- ଜାପାନରେ ଆସିଥିବା ଭୂମିକମ୍ପ ଯୋଗୁଁ ୭୩୦୦ ଲୋକଙ୍କ ମୃତ୍ୟୁ।
- ୧୯୪୦- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଇଟାଲୀ ଗ୍ରୀସ୍ ଉପରେ ଆକ୍ରମଣ କଲା।
- ୨୦୦୯ - ପାକିସ୍ତାନର ପେଶୱାର ସହରରେ ହୋଇଥିବା ଆତ୍ମଘାତୀ ବୋମା ବିସ୍ଫୋରଣରେ ୧୧୭ ଲୋକଙ୍କ ମୃତ ଓ ୨୦୦ରୁ ଅଧିକ ଆହତ।

## ବାରମ୍ବାର ଖାଦ୍ୟ ଗରମ
# ବଢ଼ାଏ କର୍କଟ ଆଶଙ୍କା



ଗରମ ଗରମ ଖାଦ୍ୟ ଖାଇବାକୁ ସମସ୍ତେ ପସନ୍ଦ କରନ୍ତି। ଏହି କାରଣରୁ ଅନେକ ଖାଦ୍ୟ ଥଣ୍ଡା ହୋଇଗଲା ପରେ ବି ଗରମ କରି ଖାଆନ୍ତି। ହେଲେ ଖାଦ୍ୟକୁ ବାରମ୍ବାର ଗରମ କରି ଖାଇବା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି। ଖାଦ୍ୟକୁ ବାରମ୍ବାର ଗରମ କରି ଖାଇବା ଦ୍ୱାରା ପୋଷକତତ୍ତ୍ୱ ନଷ୍ଟ ହୋଇଯିବା ସହ ଏହା ବିଷାକ୍ତ ହୋଇଯାଇଥାଏ। ଏହି ଅଭ୍ୟାସ କେବଳ ପାଚନତନ୍ତ୍ର ଉପରେ ପ୍ରଭାବ ପକାଏ ତାହା ନୁହେଁ, ବରଂ ଶରୀରରେ ବିଷାକ୍ତ ପଦାର୍ଥ ଜମା କରି ଗମ୍ଭୀର ରୋଗର କାରଣ ସାଜେ। ଆୟୁର୍ବେଦ ଅନୁସାରେ, ବାରମ୍ବାର ଗରମ କରାଯାଉଥିବା ଖାଦ୍ୟ ଖାଇଲେ ଶରୀରକୁ ଶକ୍ତି ମିଳେନାହିଁ। ଏଭଳି ଖାଦ୍ୟ ଭଲ ଭାବେ ହଜମ ମଧ୍ୟ ହୋଇ ନ ଥାଏ। ଶରୀରକୁ ଧୀରେ ଧୀରେ ଦୁର୍ବଳ କରିବା ସହ ଏହା ରୋଗ ମଧ୍ୟ ବଢ଼ାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ରନ୍ଧା ଖାଦ୍ୟକୁ ଆଉଥରେ ଗରମ କରିବା ସମୟରେ ଏହାର ତାପମାତ୍ରା ପାଖାପାଖି ୭୦ ଡିଗ୍ରୀ ସେଲିସିୟସ୍ ଥିବା ଦରକାର, ଯଦ୍ୱାରା ଏଥିରେ ଥିବା ଜୀବାଣୁ ନଷ୍ଟ ହୋଇଯିବେ। ତେବେ ଖାଦ୍ୟକୁ ମାତ୍ର ଥରେ ଗରମ କରିବା ଆବଶ୍ୟକ। ବାରମ୍ବାର ଖାଦ୍ୟ ଗରମ କରିବା ଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱ ନଷ୍ଟ ହେବା ସହ କିଛି ଖାଦ୍ୟ ପଦାର୍ଥରେ କର୍କଟକାରକ ରସାୟନ ସୃଷ୍ଟି ହୋଇଥାଏ। ଅଣ୍ଡା ଓ ଚିକେନ୍‌କୁ ବାରମ୍ବାର ଗରମ କରିବା ଦ୍ୱାରା ଏହାର ପ୍ରୋଟିନ୍ ସନ୍ତୁଳନ ବିଗିଡ଼ିଯାଏ, ଫଳରେ ଏହା ହଜମ ହେବା କଷ୍ଟକର ହୋଇ ପଡ଼େ। ସେହିଭଳି ରନ୍ଧା ଯାଇଥିବା ଭାତ ଓ ପାସ୍ତାରେ ଜୀବାଣୁ ସୃଷ୍ଟି ହୋଇଥାନ୍ତି। ଏହାକୁ ଦ୍ୱିତୀୟ ଥର ଗରମ କରିଲେ ବି ଏଥିରେ ଥିବା ଜୀବାଣୁଗୁଡ଼ିକ ମରି ନ ଥାନ୍ତି। ଏଥିଯୋଗୁଁ ଫୁଡ୍ ପଏଜନିଂ ହେବା ଆଶଙ୍କା ବୃଦ୍ଧି ପାଏ। ଆଳୁ, ବ୍ରେଡ୍, ଛଣାଛଣି ଖାଦ୍ୟଗୁଡ଼ିକୁ ଗରମ କରିବା ଦ୍ୱାରା ଏକ୍ରିଲାମାଇଡ୍ ନାମକ ରସାୟନ ସୃଷ୍ଟି ହୋଇଥାଏ, ଯାହା କାର୍ସିନୋଜେନିକ ରସାୟନ ଅଟେ। ଏଭଳି ଖାଦ୍ୟ ଦୀର୍ଘଦିନ ଧରି ସେବନ କରିବା ଦ୍ୱାରା କର୍କଟ ଆଶଙ୍କା ବଢ଼ିଯାଏ। ସବୁବେଳେ ତାଜା ଓ ସୀମିତ ମାତ୍ରାରେ ଖାଦ୍ୟ ପ୍ରସ୍ତୁତ ପାଇଁ ଉଭୟ ଆୟୁର୍ବେଦ ଓ ବିଜ୍ଞାନରେ ପରାମର୍ଶ ଦିଆଯାଇଛି।

## ୧୨ ଡିସେମ୍ବରରେ
# 'କିସ୍ କିସ୍ କୋ ପ୍ୟାର୍ କରୁଁ ୨'



କମେଡି କିଙ୍ଗ୍ କପିଲ ଶର୍ମାଙ୍କ ଫିଲ୍ମ 'କିସ୍ କିସ୍ କୋ ପ୍ୟାର୍ କରୁଁ ୨'ର ରିଲିଜ୍ ଡେଟ୍ ଘୋଷଣା ହୋଇଛି। କେବଳ ସେତିକି ନୁହେଁ, ଏହି ଫିଲ୍ମରେ କପିଲଙ୍କ ପତ୍ନୀ ଭୂମିକାରେ ଦେଖାଯାଇଥିବା ଚାରିଜଣ ହିରୋଇନ୍‌ଙ୍କ ନାମ ମଧ୍ୟ ସାମ୍ନାକୁ ଆସିଛି। ୨୦୧୫ରେ ଆସିଥିବା କପିଲଙ୍କ ଫିଲ୍ମ 'କିସ୍ କିସ୍ କୋ ପ୍ୟାର କରୁଁ' ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ଏବେ ୧୦ ବର୍ଷ ପରେ ଏହାର ସିକ୍ୱେଲ ଆସିବ। କିଛି ଦିନ ପୂର୍ବରୁ ଫିଲ୍ମ ନିର୍ମାତା ଏହାର ପୋଷ୍ଟର୍ ଜାରି କରିଥିଲେ। ଆଉ ଏବେ କପିଲ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ମୋସନ୍ ପୋଷ୍ଟର୍ ସେୟାର୍ କରି ଏହାର ରିଲିଜ୍ ଡେଟ୍ ଘୋଷଣା କରିଛନ୍ତି। ପୋଷ୍ଟର୍‌ରେ ଚାରିଜଣ କନିଆ ତାଙ୍କୁ ପାଲିଙ୍କିରେ ଉଠାଇଥିବାର ଦେଖାଯାଇଛନ୍ତି। ଏହା ଡିସେମ୍ବର ୧୨ରେ ପରଦାକୁ ଆସିବ। ଫିଲ୍ମରେ କପିଲଙ୍କ ସହ 'ଫୁକ୍‌ରେ' ଫେମ୍ ମନଜୋତ ସିଂହ, ଆଏଶା ଖାନ, ହୀରା ବରିନା, ପାରୁଲ ଗୁଲାଟି, ତ୍ରିଧା ଚୌଧୁରୀ ନଜର ଆସିବେ। ଏଥିରେ କପିଲ୍ ବିଭିନ୍ନ ଧର୍ମର ଚାରିଜଣ ମହିଳାଙ୍କୁ ବିବାହ କରିଥିବାର ଦେଖାଯିବେ।



ବର୍ତ୍ତମାନ ପରିବେଶ ଲାଗି ପ୍ଲାଷ୍ଟିକ୍ ଏକ ବଡ଼ ସମସ୍ୟା ପାଲଟିଛି। ୱାର୍ଲ୍ଡ ୱାଇଡ୍ ଫର୍ ନେଚର୍‌ର ରିପୋର୍ଟ ଅନୁସାରେ, ଜଣେ ବ୍ୟକ୍ତି ପ୍ରତି ସପ୍ତାହରେ ୫ ଗ୍ରାମ୍ ପର୍ଯ୍ୟନ୍ତ ପ୍ଲାଷ୍ଟିକ୍ ଖାଇଥାଏ। ଏହି କ୍ରମରେ ଜଣେ ବ୍ୟକ୍ତି ପ୍ରତି ସପ୍ତାହରେ ଏକ କ୍ରେଡିଟ୍ କାର୍ଡ ଆକୃତିର ପ୍ଲାଷ୍ଟିକ୍ ଖାଇଥାଏ। ଅନ୍ୟପଟେ ପ୍ଲାଷ୍ଟିକ୍ କଣିକା କେତେବେଳେ ପାଣିବୋତଲରେ ତ ଆଉ କେତେବେଳେ ଏହା ପ୍ରଦୂଷିତ ବାୟୁରେ ମିଳିଥାଏ। ସେହିପରି ଏକ ରିପୋର୍ଟ ଅନୁସାରେ, ପ୍ରତି ମାସରେ ଆମ ଶରୀରରେ ୨୦ ଗ୍ରାମ୍ ପ୍ଲାଷ୍ଟିକ୍ ଏବଂ ବର୍ଷକରେ ୨୫୦ ଗ୍ରାମ୍ ପ୍ଲାଷ୍ଟିକ୍ ଜମା ହୁଏ। ଫଳରେ ସମୟ ସହିତ ଏବଂ ଟେକ୍ନୋଲୋଜିର ବିକାଶ ଘଟିବାରୁ ଏହାର ପରିମାଣ ବି ଦିନକୁ ଦିନ ବୃଦ୍ଧି ପାଉଛି। ଏହା ଯୋଗୁଁ କେବଳ ସ୍ୱାସ୍ଥ୍ୟ ଖରାପ ହୁଏ ତାହା ନୁହେଁ, ବରଂ କର୍କଟ ଭଳି ମାରାତ୍ମକ ରୋଗ ହେବା ଆଶଙ୍କା ବୃଦ୍ଧି ପାଏ। ଯଦି ପ୍ଲାଷ୍ଟିକ୍ ପରିବେଶ ବା ମାଟିରେ ବିଘଟନ ହେଉ ନାହିଁ, ତେବେ ଶରୀରରେ ଏହା କିଭଳି ବିଘଟନ ହେବ ସେକଥା ଚିନ୍ତା କରିବା ଦରକାର। ତେଣୁ ମାରାତ୍ମକ ରସାୟନ ଏବଂ ପାର୍ଟିକଲରେ ତିଆରି ପ୍ଲାଷ୍ଟିକ୍ କେଉଁ ଭଳି ଭାବେ କ୍ଷତି ପହଞ୍ଚାଇପାରେ ଏଥିରୁ ଅନୁମାନ କରି ହେଉଛି। ଏହାବାଦ୍ ପ୍ଲାଷ୍ଟିକ୍‌ରେ ସୀସା ଏବଂ ଆର୍ସେନିକର ବ୍ୟବହାର ହୁଏ। ଯାହାକି ଅତ୍ୟନ୍ତ ବିଷାକ୍ତ। ରକ୍ତହୀନତା, ଲିମ୍ଫୋମା, ମସ୍ତିଷ୍କ କର୍କଟ, ସ୍ତନ କର୍କଟ ଭଳି ଅନ୍ୟାନ୍ୟ ବଡ଼ ବଡ଼ ରୋଗ ପ୍ଲାଷ୍ଟିକ୍ ଯୋଗୁଁ ହୋଇପାରେ। ଅନ୍ୟପଟେ ଏହି ରୋଗ ମଣିଷ ଶରୀରକୁ ପୂରା ଖରାପ କରିପାରେ। ଏପରିକି ଏହା ଯୋଗୁଁ ଜୀବନ ଯିବା ଆଶଙ୍କା ଅଛି।

---

# ସୁବର୍ଣ୍ଣା



## ଆଳୁଲଗା ଯନ୍ତ୍ର



ଆମ ରାଜ୍ୟରେ ହାତଗଣତି ଚାଷୀ ଆଳୁ ଚାଷ କରନ୍ତି। ଅଧିକ ଉର୍ବରଯୁକ୍ତ ମାଟିରେ ଆଳୁ ଚାଷ ଭଲ ହୋଇଥାଏ। ଆଳୁ ଚାଷ ମୁଖ୍ୟତଃ ରବିଋତୁରେ ହୋଇଥାଏ। ଚାଷୀମାନେ ପାରମ୍ପରିକ ପ୍ରଣାଳୀରେ ମାଟି ପ୍ରସ୍ତୁତଠୁ ନେଇ ବିହନ ଲଗାଇଥାନ୍ତି। ଏକର ଜମିରେ ଆଳୁ ଲଗାଇବାକୁ ୪ରୁ ୫ ଜଣ ଲୋକ ନିୟୋଜିତ ହୋଇଥାନ୍ତି। ଏଥିପାଇଁ ଘଣ୍ଟା ଘଣ୍ଟା ସମୟ ଲାଗେ। ଖର୍ଚ୍ଚ ବଢ଼େ। ହେଲେ ଏବେ ବଜାରରେ ଏକ ଅତ୍ୟାଧୁନିକ ମେସିନ୍ ଉପଲବ୍ଧ ରହିଛି। ଯେଉଁଥିରେ ଆଳୁ ବିହନ ଲଗାଇବା ସହଜ ହେବ। ପଟାଟୋ ପ୍ଲାଣ୍ଟର ନାମକ ଏହି ମେସିନ୍‌ଟି କିଛି ଘଣ୍ଟାରେ ଆଳୁ ବିହନ ଲଗାଇଥାଏ। ଯନ୍ତ୍ରଟି ଏକର ଜମିରେ ମାତ୍ର ୨୦ରୁ ୩୦ ମିନିଟ୍‌ରେ ବିହନ ବୁଣିପାରେ। ଏହି ଯନ୍ତ୍ର ବିହନ ଲଗାଇବା ସହ ସଠିକ୍ ଦୂରତ୍ୱରେ ବିହନ ପୋତିଥାଏ। ଖତ ଏବଂ ମାଟି ପ୍ରୟୋଗ କରିବାରେ ସକ୍ଷମ ହୁଏ। ଏହି ଯନ୍ତ୍ରଟି ଟ୍ରାକ୍ଟର ସାହାଯ୍ୟରେ ଚାଲିଥାଏ। ଆଳୁ ଲଗାଯନ୍ତ୍ରରେ ଆଳୁ ବିହନକୁ ଟାଙ୍କିରେ ରଖିବାକୁ ହୁଏ। ତଳପାର୍ଶ୍ୱରୁ ଗୋଟିଏ ଗୋଟିଏ ଗଜାକୁ ସଠିକ୍ ଦୂରତ୍ୱରେ ପକାଇବାକୁ ଯନ୍ତ୍ରଟି ଗାତ ଖୋଳିଥାଏ। ଏଥିପାଇଁ ଯନ୍ତ୍ରରେ ବ୍ଲେଡ ରହିଛି। ତେବେ ଯନ୍ତ୍ରଟି ଖତ ପ୍ରୟୋଗ କରୁପାରୁ ଥିବାରୁ ଫସଲ ସମାନ ଭାବେ ବଢ଼ିଥାଏ।

## ଅର୍ଥନୈତିକ ବିକାଶ ପଥେ
# ଆଖଣ୍ଡଳମଣି ଏଫ୍‌ପିଓ

**କୃଷକଙ୍କ ଆୟ ବୃଦ୍ଧି, ବଜାର ପ୍ରବେଶକୁ ସୁଦୃଢ଼, ସାମୂହିକ କାର୍ଯ୍ୟ ମାଧ୍ୟମରେ ସଶକ୍ତ କରିବା ଦିଗରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି। କୃଷିକୁ ବ୍ୟବସାୟରେ ପରିଣତ କରି ଗ୍ରାମର ଅର୍ଥନୀତିକୁ ଏକ ନୂଆ ପଥ ଦେବାର ଅନନ୍ୟ ଭୂମିକା ତୁଲାଉଛି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅନ୍ତର୍ଗତ ଆଖଣ୍ଡଳମଣି କୃଷକ ଉତ୍ପାଦକ ସଂଗଠନ। ୫୦୦ ଜଣ ସଦସ୍ୟଙ୍କୁ ନେଇ ୨୦୨୧ ମସିହାରେ ଏହି କୃଷକ ସଂଗଠନ ପଞ୍ଜୀକୃତ ହୋଇଥିଲା। ସଂଗଠନଟି ବାଣିଜ୍ୟିକ ଅଭିବୃଦ୍ଧି ସମେତ ସାମାଜିକ ସଶକ୍ତିକରଣ ପାଇଁ ଏକ ମାଧ୍ୟମ। ଏହା ସ୍ଥାନୀୟ ଚାଷୀମାନଙ୍କୁ ନିଜ ଉତ୍ପାଦ ବିକ୍ରୟ କରିବା, ସ୍ଥାୟୀ ଆୟ, ଆର୍ଥିକ ସ୍ଥିରତା ଏବଂ ଜୀବନର ଉନ୍ନତ ଗୁଣବତ୍ତା ପ୍ରଦାନ କରିଥାଏ।**



ସ୍ଥାନୀୟ ଚାଷୀଙ୍କୁ ସଂଘବଦ୍ଧ ଗଠନ ମାଧ୍ୟମରେ ନିଜ ଉତ୍ପାଦ ବିକ୍ରୟ କରିବା, ନୂତନ ଜ୍ଞାନକୌଶଳ ପ୍ରୟୋଗ ବ୍ୟବସାୟରେ ଲାଭ କରିବା ଏହି ସଂଗଠନର ମୂଳ ଲକ୍ଷ୍ୟ। ଏହି ସଂଗଠନଟି ଡାଲି, ପନିପରିବା, କୁକୁଡ଼ା ପାଳନ ଭଳି ପ୍ରମୁଖ କାର୍ଯ୍ୟକଳାପରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଦକ୍ଷତା ବିକାଶ ସହିତ ସଦସ୍ୟଙ୍କ ଜୀବନକୁ ପରିବର୍ତ୍ତିତ କରିବାରେ ସହାୟକ ହୋଇପାରିଛି। କୃଷି ବିଜ୍ଞାନ କେନ୍ଦ୍ର, ନାବାର୍ଡ, ଏନ୍‌ଏଫ୍‌ଏସ୍‌ଏମ୍, ସେଲକୋ ଫାଉଣ୍ଡେସନ୍ ଭଳି ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ପକ୍ଷରୁ ଏହି ସଂଗଠନକୁ ଆର୍ଥିକ ସାହାଯ୍ୟ ମିଳିଛି। ସଂଗଠନଟି ଏକତ୍ରୀକରଣ, ବିପଣନ, ବିହନ, ସାର, କୀଟନାଶକ, ଜୈବିକ ସାର ପ୍ରଭୃତିର ବଣ୍ଟନ, ସ୍ଥାନୀୟ ଡାଲିର ମୂଲ୍ୟବୃଦ୍ଧି, ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବାରେ ଆଗଭର ହୋଇପଡ଼ିଛି। ତା ସହିତ ସଂଗଠନଟି ଚାଷୀଙ୍କୁ ବଜାର ସହିତ ସିଧାସଳଖ ଯୋଡିହେବାକୁ ସୁଯୋଗ ଦିଏ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ 'ସେଣ୍ଟର ଅଫ୍ ଏକ୍ସଲେନ୍ସ' ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର, ଭଦ୍ରକ ସହାୟତାରେ ଉପଯୁକ୍ତ ମାର୍ଗଦର୍ଶନ ଏବଂ ତାଲିମ ଭଳି ଅନେକ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଛି। ଫଳରେ ଚାଷୀମାନେ ଲାଭାନ୍ୱିତ ହୋଇପାରୁଛନ୍ତି। ଚାଷୀଙ୍କୁ ବିଭିନ୍ନ ସେବା ଯୋଗାଇଦେବା ସମୟରେ ଏହି ସଂଗଠନ ଚାଷରେ ରୋଗ ପୋକ, ଉଚିତ ମୂଲ୍ୟର ଅଭାବ ଆଦି ଅନେକ ସମସ୍ୟା ଦେଇ ଗତି କରିଛି। ଏହାର ସମାଧାନ ସ୍ୱରୂପ ମଧ୍ୟସ୍ଥିବିହୀନ ବଜାର ସଂଯୋଗ, ସାମୂହିକ ବିପଣନ ଓ ସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହିତ, ଆଧୁନିକ ଜ୍ଞାନ ଓ କୌଶଳ ଜନିତ କର୍ମଶାଳା, ଶିକ୍ଷାମୂଳକ ପରିଭ୍ରମଣ, କୁକୁଡା ପାଳନ ପାଇଁ ପଶୁ ଚିକିତ୍ସା ସହାୟତା ଓ ଟିକାକରଣ ପ୍ରଦାନ, ଫସଲ ବିବିଧିକରଣ ଭଳି ବିଭିନ୍ନ କାର୍ଯ୍ୟକ୍ରମମାନ ଏହି ସଂଗଠନ ଆୟୋଜନ କରିସାରିଛି। ଯୋଜନା ଏବଂ ଋଣ ସୁବିଧା ପାଇବା ପାଇଁ ବିଭିନ୍ନ ସରକାରୀ ଏଜେନ୍ସୀ ଓ ରାଜ୍ୟ ସରକାରଙ୍କ ସହିତ ସମ୍ପର୍କ ସ୍ଥାପନ କରାଯାଇଛି। ଆଗାମୀ ଦିନରେ ଅମଳ ପରବର୍ତ୍ତୀ କ୍ଷତି ହ୍ରାସ ଦିଗରେ ପଦକ୍ଷେପ, ପ୍ରକ୍ରିୟାକରଣ ୟୁନିଟ୍, ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ନୂତନ ବଜାର ସଂଯୋଗୀକରଣ ବ୍ୟବସ୍ଥା ଆଦି କରିବାର ଲକ୍ଷ୍ୟ ରଖିଛି ଏହି କୃଷକ ଉତ୍ପାଦକ ସଂଗଠନ।


## ରୋଷେଇ ବର୍ଜ୍ୟରୁ ତରଳ ଔଷଧ

**ଗଛକୁ ପ୍ରାକୃତିକ ଖତ ଦେବାକୁ ଚାହୁଁଥିଲେ ରୋଷେଇଘରୁ ତରଳ ଜୈବିକ ଘୋଳ ପ୍ରସ୍ତୁତ କରିପାରିବେ। ଏହି ଜୈବିକ ଘୋଳରେ ସୂକ୍ଷ୍ମ ତତ୍ତ୍ୱ, ଖଣିଜ, ଭିଟାମିନ୍ ଥାଏ। ଏହା ଫସଲକୁ ପୋଷକତତ୍ତ୍ୱ ପ୍ରଦାନ କରିବା ସହ ମାଟିର ଗୁଣବତ୍ତାକୁ ବଜାୟ ରଖି ଗଛ ବୃଦ୍ଧିରେ ସହାୟ ହୁଏ।**



ପରିବା ଧୁଆ ପାଣିରେ ନାନା ପୋଷକତତ୍ତ୍ୱ ରହିଛି। ସେହି ପାଣିକୁ ଏକପାତ୍ରରେ ରଖି ସେଥିରେ ପରିବା ଓ ଫଳ ଚୋପା ପକାଇ ଅଳ୍ପ ମାଟି ଓ ଗୋବର ପକାଇଲେ ପାଣିରେ ଜୈବିକ ତତ୍ତ୍ୱ ସଢ଼ିଯାଏ। ପୋଷକତତ୍ତ୍ୱ ତରଳି ଯାଏ। ଏହି ପାଣିକୁ ଢାଙ୍କୁଣୀ ଦେଇ ୩ରୁ ୫ ଦିନ ଘୋଡାଇ ଛାଇ ସ୍ଥାନରେ ରଖି ଦୈନିକ ଗୋଳାଯାଏ। ୪ରୁ ୫ ଦିନ ପରେ ଉକ୍ତ ଘୋଳକୁ ଛାଣି ଏକ ଲିଟର ତରଳ ଖତରେ ୫ ଲିଟର ପାଣି ମିଶାଇ ଫସଲରେ ସିଞ୍ଚନ ଦ୍ୱାରା ଗଛକୁ ପୋଷାକତତ୍ତ୍ୱ ମିଳିଥାଏ। ମାଟିର ଗୁଣବତ୍ତା ବୃଦ୍ଧି କରେ। ତେବେ ତରଳ ଖତକୁ ୭ ଦିନ ମଧ୍ୟରେ ଉପଯୋଗ କରିଦେବା ଭଲ।

## ହାତରୁ ଜାଣନ୍ତୁ ମାଟିର ଆର୍ଦ୍ରତା



ଜମିରେ ବିହନ ବୁଣିବା ପୂର୍ବରୁ ଚାଷୀଭାଇ ମାଟିର ଉର୍ବରଶକ୍ତି ଓ ଆର୍ଦ୍ରତା ପରୀକ୍ଷା କରିଥାନ୍ତି। ଅବଶ୍ୟ ଏଥିପାଇଁ ମାଟିକୁ ଲ୍ୟାବ୍‌କୁ ନେବାକୁ ପଡ଼ିଥାଏ। ହେଲେ ଏବେ ଜଣେ ବ୍ୟକ୍ତି ନିଜ ହାତରେ ବି ମାଟିର ଆର୍ଦ୍ରତା ବିଷୟରେ ଜାଣିପାରିବେ। କୃଷି ବିଶେଷଜ୍ଞଙ୍କ ମତରେ ମାଟିରେ ସନ୍ତୁଳିତ ଆର୍ଦ୍ରତା ଥିଲେ ସୋରିଷ, ଚଣା, ମସୁର, ମଟର ଏବଂ ଗହମ ଆଦି ଚାଷ ପାଇଁ ବୁଣାବୁଣି କରିବାକୁ ଭଲ ସମୟ। ତେଣୁ ମାଟିର ଆର୍ଦ୍ରତା ପରୀକ୍ଷା କରିବାକୁ ପ୍ରଥମେ ମାଟିକୁ ହାତରେ ମୁଠା କରିବାକୁ ହୁଏ। ଯଦି ମାଟି ହାତ ପାପୁଲିରେ ଲାଗି ଯାଉଥାଏ, ମାଟିରୁ ପାଣି ନ ଗଡ଼େ ତେବେ ଏହା ଆର୍ଦ୍ରତା ଠିକ୍ ଥିବାକୁ ସୂଚାଏ। ସେହିପରି ଚାଷ ଜମିରେ ଚାଲିଲେ ଯଦି ପାଦ ଚିହ୍ନ ପଡୁଛି ହେଲେ ମାଟି ଆପଣଙ୍କ ଜୋତାରେ ଲାଖିଯାଉନାହିଁ, ତେବେ ବୁଣାବୁଣି କାର୍ଯ୍ୟ କରିପାରିବେ। ସଠିକ୍ ସମୟରେ ଫସଲ ବୁଣିଲେ ଉତ୍ପାଦନ ଭଲ ହୁଏ। ଯଦି ଚାହିଁବେ ବଜାରରେ ମାଟିର ଆର୍ଦ୍ରତା ମାପିବା ପାଇଁ ମିଟର ମିଳୁଛି ତାହାକୁ ମଧ୍ୟ ବ୍ୟବହାର କରିପାରିବେ।

## କୃଷି ପାଣିପାଗ
### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନ କେଣ୍ଡା ୮୫% ପାଚି ଯାଇଥିଲେ ବର୍ଷା ଆରମ୍ଭ ପୂର୍ବରୁ ତୁରନ୍ତ କାଟି ସୁରକ୍ଷିତ ସ୍ଥାନରେ ରଖନ୍ତୁ। ଧାନ ବେଙ୍ଗଳା ସମ୍ଭବ ନ ହେଲେ କଟା ଧାନକୁ ପଲିଥିନ୍ ଦ୍ୱାରା ଘୋଡାଇ ସୁରକ୍ଷିତ ରଖନ୍ତୁ। ଜମିରୁ ବଳକା ପାଣି ନିଷ୍କାସନ କରିବାକୁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା ରଖନ୍ତୁ।
- ଅମଳ ଉପଯୋଗୀ ଫସଲକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ। ଶୀତଦିନିଆ ପରିବା ଓ ଡାଲିଜାତୀୟ ଫସଲକୁ ବୁଣିବା ଓ ଲଗାଇବା କାର୍ଯ୍ୟ ସାମୟିକ ବନ୍ଦ ରଖନ୍ତୁ। କୀଟନାଶକ ଓ ସାର ପ୍ରୟୋଗ ମଧ୍ୟ ସାମୟିକ ବନ୍ଦ ରଖନ୍ତୁ।
- ଭାରି ବର୍ଷା ଯୋଗୁ ନଇଁ ପଡ଼ିଥିବା ବା ଦୁର୍ବଳ ହୋଇଥିବା କଦଳୀ ଓ ଅମୃତଭଣ୍ଡା ଆଦି ଗଛକୁ ବାଡ଼ି/ବାଉଁଶ ବାନ୍ଧି ଢେରା ଦିଅନ୍ତୁ।
- ପ୍ରାଣୀମାନଙ୍କୁ କୃମିନାଶକ ଔଷଧ ଖୁଆଇବା ଏବଂ ଫାଟୁଆ ଓ ବ୍ରୁସେଲୋସିସ୍ ରୋଗ ପାଇଁ ଟିକାକରଣ କରାନ୍ତୁ।
- ଅଧିକ ବର୍ଷା ଯୋଗୁ ପୋଖରୀରୁ ମାଛ ବାହାରି ନ ଯିବା ପାଇଁ ପୋଖରୀ ହୁଡ଼ାରେ ଜାଲ ଲଗାନ୍ତୁ। ବର୍ଷା ସମୟରେ ପ୍ରାଣୀଙ୍କୁ ଘର ଭିତରେ ରଖନ୍ତୁ। ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରନ୍ତୁ।



# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

## ଭାରତ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ବଭୂମା ଦ. ଆଫ୍ରିକା ଅଧିନାୟକ

ଜୋହାନ୍ସବର୍ଗ,୨୭।୧୦(ଏଜେନ୍ସି): ଭାରତ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ଖେଳାଳି ତାଲିକା ଘୋଷଣା କରାଯାଇଛି। ପାକିସ୍ତାନ ସହ ୧-୧ରେ ସିରିଜ୍ ଡ୍ର ରଖିଥିବା ଦକ୍ଷିଣ ଆଫ୍ରିକା ଦଳରେ ଜଣେ ଖେଳାଳି ପରିବର୍ତ୍ତନ କରାଯାଇଛି। ତେମ୍ବା ବଭୂମା ଦଳର ନେତୃତ୍ୱ ନେବାକୁ ଫେରିଛନ୍ତି। ଏହା ଛଡ଼ା ଅନ୍ୟ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏହି ସିରିଜ୍ ଲାଗି ଦଳରେ ୩ଜଣ ପ୍ରମୁଖ ସ୍ପିନରଙ୍କୁ ସାମିଲ କରାଯାଇଛି। ବାମହାତୀ କେଶବ ମହାରାଜ, ସାଇମନ ହାର୍ମର ଓ ସେନୁରନ ମୁଥୁସ୍ୱାମୀଙ୍କୁ ଦଳରେ ସାମିଲ କରିଛି। ଫାଷ୍ଟ ବୋଲର କାଗିସୋ ରାବାଡା, କର୍ବିନ ବୋଶ୍, ମାର୍କୋ ଜାନ୍‌ସେନ ରହିଛନ୍ତି।ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ କୋଲକାତାରେ ନଭେମ୍ବର ୧୪ରୁ ଆରମ୍ଭ ହେବ। ଏହା ପରେ ଗୁଆହାଟୀରେ ଦ୍ୱିତୀୟ ଟେଷ୍ଟ ନଭେମ୍ବର ୨୨ରୁ ଖେଳାଯିବ। ଏହା ପରେ ଭାରତ ସହ ନଭେମ୍ବର ୩୦ରୁ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଓ ଡିସେମ୍ବର ୯ରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ଘୋଷିତ ଦଳ: ତେମ୍ବା ବଭୂମା (ଅଧିନାୟକ), ଆଇଡେନ୍ ମାର୍କରମ, ରିୟାନ ରିକେଲଟନ, ଟ୍ରିଷ୍ଟାନ ଷ୍ଟବ୍ସ, କାଏଲ ଭେରିନ୍, ଡିୱାଲ୍ଡ ବ୍ରେଭିସ୍, ଜୁବେର ହାମ୍‌ଜା, ଟୋନି ଡି ଜୋର୍ଜି, କର୍ବିନ ବୋଶ୍, ୱିଆନ ମୁଲ୍ଡର, ମାର୍କୋ ଜାନ୍‌ସେନ, କାଗିସୋ ରାବାଡା, କେଶବ ମହାରାଜ, ସେନୁରନ ମୁଥୁସ୍ୱାମୀ ଓ ସାଇମନ ହାର୍ମର।

**ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି**

## ରୌପ୍ୟ ବିଜୟୀ ଭାରତୀୟ ଦଳରେ ୪ ଓଡ଼ିଆ

ଭୁବନେଶ୍ୱର, ୨୭ ।୧୦ (ସମିସ): ଓମାନର ରାଜଧାନୀ ମସ୍କଟରେ ଉଦ୍‌ଯାପିତ ହୋଇଯାଇଥିବା ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ଭାରତ ରନର୍ସଅପ୍ ହୋଇଛି। ଫାଇନାଲରେ କାଜାଖସ୍ତାନ ୨୭-୦ ସ୍କୋରରେ ଭାରତକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲା। ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳ ଏଥିସହ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ସିରିଜର



ଡିଭିଜନ-୧ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିଛି। ଯାହାକି ଏସିଆ ରଗ୍‌ବୀରେ ଶୀର୍ଷସ୍ତରୀୟ ଟୁର୍ଣ୍ଣାମେଣ୍ଟ। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ରୌପ୍ୟ ବିଜୟୀ ଭାରତୀୟ ଦଳରେ ଓଡ଼ିଶାର ୪ଜଣ ଖେଳାଳି ଖେଳୁଥିଲେ। ସେମାନେ ହେଲେ ଆଶିଷ ଶବର, ଗଣେଶ ମାଝି, ଯୁଗଳ କିଶୋର ମାଝି ଓ ଶାହନୱାଜ ଅହମ୍ମଦ। ଏମାନଙ୍କ ମଧ୍ୟରୁ ଆଶିଷ, ଗଣେଶ ଓ ଯୁଗଳ କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।

**ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ**

## ନିତା ଫୁଟବଲ ଏକାଡେମୀ ବିଜୟୀ

ଭୁବନେଶ୍ୱର,୨୭।୧୦(ସମିସ): ଭୁବନେଶ୍ୱରର ନିତା ଫୁଟବଲ ଏକାଡେମୀ ୫-୦ ଗୋଲରେ ବାଲେଶ୍ୱର ଫୁଟବଲ ଏକାଡେମୀକୁ ପରାସ୍ତ କରି ଏଠାରେ ଚାଲିଥିବା ତୃତୀୟ ନନ୍ଦକିଶୋର ସ୍ମାରକୀ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବୃହତ୍ ବିଜୟ ହାସଲ କରିଛି। ବିଜୟୀ ଦଳର ସୋନାଲି ସୋରେନ୍ ଓ ଇପ୍ସିତା ରାଉତ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ଅନ୍ତର୍ଜାତୀୟ ଖେଳାଳି ମନୀଷା ପାଣ୍ଡା ଅତିଥିଭାବେ ଯୋଗ ଦେଇ ସୋନାଲିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୀତାଞ୍ଜଳି ଖୁଣ୍ଟିଆ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ମହମ୍ମଦ୍ ସାହିଦ ଜବାର, ଅଶୋକ ମହାନ୍ତି ଓ ଶୁଭେନ୍ଦୁ ପଣ୍ଡା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

**ଆଇସିସି ମହିଳା ଦିନିକିଆ ବିଶ୍ୱକପ୍**

# ସେମି ପୂର୍ବରୁ ଭାରତକୁ ଝଟ୍‌କା; ପ୍ରତୀକା ବାଦ୍

ନଭି ମୁମ୍ବଇ, ୨୭ ।୧୦ (ଏଜେନ୍ସି)




ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟ ଶେଷ ହୋଇଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ (୧୩ ପଏଣ୍ଟ), ଇଂଲଣ୍ଡ (୧୧), ଦକ୍ଷିଣ ଆଫ୍ରିକା (୧୦) ଓ ଭାରତ (୭) ଯଥାକ୍ରମେ ପଏଣ୍ଟ ଟେବଲର ପ୍ରଥମ ୪ଟି ସ୍ଥାନରେ ରହି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଏବଂ ଗୁରୁବାର ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ତେବେ ଦ୍ୱିତୀୟ ସେମିଫାଇନାଲ ପୂର୍ବରୁ ଆୟୋଜକ ଭାରତୀୟ ଦଳକୁ ଜୋର୍‌ଦାର ଝଟ୍‌କା ଲାଗିଛି। ଆଘାତଜନିତ ସମସ୍ୟା ଲାଗି ଇନଫର୍ମ ଓପନର୍ ପ୍ରତୀକା ରାୱଲ ବିଶ୍ୱକପ୍‌ର ବଳକା ମ୍ୟାଚରୁ ବାଦ୍ ପଡ଼ିଛନ୍ତି। ବାଂଲାଦେଶ ବିପକ୍ଷ ଶେଷ ଲିଗ୍ ମ୍ୟାଚରେ ଫିଲ୍ଡିଂ କରୁଥିବାବେଳେ ପ୍ରତୀକାଙ୍କ ଗୋଇଠି ମୋଡ଼ି ହୋଇଯାଇଥିଲା। ଫଳରେ ସେ ଗୁରୁତର ଆଘାତ ପାଇ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ଏପରିକି ଭାରତୀୟ ଇନିଂସରେ ସେ ଆଉ ବ୍ୟାଟିଂ କରିବାକୁ ଆସି ନ ଥିଲେ।

ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ପ୍ରତୀକା ନ ଖେଳିବା ଭାରତୀୟ ଦଳ ପାଇଁ ଶକ୍ତ ଧକ୍କା ସଦୃଶ ହୋଇଛି। ପ୍ରତୀକା ଚଳିତ ବିଶ୍ୱକପ୍‌ରେ ଦମ୍‌ଦାର ଫର୍ମରେ ରହିଥିଲେ। ୭ଟି ଇନିଂସରେ ସେ ୫୧.୩୩ ହାରରେ ୩୦୮ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୧୨୨ ରନର ଦମ୍‌ଦାର ଶତକୀୟ ପାଳି ସାମିଲ ରହିଛି। ବିଶ୍ୱକପ୍‌ରେ ସର୍ବାଧିକ ରନ ସଂଗ୍ରହକାରୀ ତାଲିକାରେ ପ୍ରତୀକା ସାଥୀ ଖେଳାଳି ସ୍ମୃତି ମନ୍ଧାନା (୩୬୫)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମନ୍ଧାନାଙ୍କ ସହ ପ୍ରତୀକା ବିଶ୍ୱକପ୍‌ରେ ଭାରତକୁ ଏକାଧିକ ମ୍ୟାଚରେ ଉଲ୍ଲେଖନୀୟ ପ୍ରାରମ୍ଭ ଦେଇଛନ୍ତି। ତେଣୁ ଅଷ୍ଟ୍ରେଲିଆ ଭଳି ଗୁରୁତ୍ୱପୂର୍ଣ୍ଣ ସେମିଫାଇନାଲରେ ସେ ନ ଖେଳିବା ଭାରତ ପାଇଁ ନିଶ୍ଚିତ ମହଙ୍ଗା ସାବ୍ୟସ୍ତ ହେବ। ତାଙ୍କ ସ୍ଥାନରେ ଶେଫାଳି ବର୍ମାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି।

## ଆଇସିୟୁରୁ ବାହାରିଲେ ଶ୍ରେୟସ୍

ସିଡନୀ,୨୭।୧୦(ଏଜେନ୍ସି): ଭାରତୀୟ ଦିନିକିଆ ଦଳର ଉପଅଧିନାୟକ ଶ୍ରେୟସ ଆୟର ଆହତ ହେବା ପରେ ଏବେ ଅଷ୍ଟ୍ରେଲିଆରେ ଚିକିତ୍ସିତ ହେଉଛନ୍ତି। ଦୁଇଦିନ ଧରି ଆଇସିୟୁରେ ରହିବା ପରେ ଆଜି ତାଙ୍କୁ ବାହାର କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ହୋଇଛି ଖୁବ୍ ଶୀଘ୍ର ଭଲ ହୋଇଯିବେ ବୋଲି ଆଶା କରାଯାଉଛି। ଏହା ମଧ୍ୟରେ ଶ୍ରେୟସଙ୍କ ପରିବାର ସଦସ୍ୟଙ୍କୁ ଖୁବ୍ ଶୀଘ୍ର ସିଡନୀ ପଠାଇବାର ବ୍ୟବସ୍ଥା ହୋଇଛି। କ୍ୟାଚ୍ ଧରିବାକୁ ଯାଇ ଆଘାତ ପାଇବା ପରେ ତାଙ୍କ ପ୍ଲୀହାରେ କ୍ଷତ ହୋଇଥିବାରୁ ସେ ହସ୍ପିଟାଲରୁ କେବେ ଛାଡ଼ ପାଇବେ କିମ୍ବା ସୁସ୍ଥ ହେବାକୁ କେତେଦିନ ଲାଗିବ ତାହା କହିବା କଷ୍ଟକର। ବିସିସିଆଇ ମେଡିକାଲ ଟିମ୍ ତାଙ୍କ ପାଖରେ ରହି ସ୍ୱାସ୍ଥ୍ୟାବସ୍ଥା ତଦାରଖ କରୁଛନ୍ତି।



ସୂଚନାଯୋଗ୍ୟ ଅଷ୍ଟ୍ରେଲିଆ ସହ ସିଡ୍‌ନୀରେ ଖେଳାଯାଇଥିବା ତୃତୀୟ ଦିନିକିଆ ମ୍ୟାଚ୍‌ରେ ପ୍ରତିପକ୍ଷ ୱିକେଟ ରକ୍ଷକ ଆଲେକ୍ସ କ୍ୟାରୀଙ୍କ ଏକ କ୍ୟାଚ୍ ଧରିବା ବେଳେ ଅଡୁଆ ସ୍ଥିତିରେ ଶ୍ରେୟସ ପଡ଼ିଯାଇଥିଲେ। କ୍ୟାଚ୍ ଧରିବା ପରେ ପଡ଼ିଆରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବାହାରକୁ ନିଆଯାଇଥିଲା। ପ୍ରାଥମିକ ଅବସ୍ଥାରେ ତାଙ୍କ ପଞ୍ଜରା ହାଡ଼ରେ ଆଘାତ ଲାଗିଛି ବୋଲି ଆଶଙ୍କା କରାଯାଉଥିଲା। ବିସିସିଆଇ ମେଡିକାଲ ଟିମ୍ କୌଣସି ରିସ୍କ ନ ନେଇ ତାଙ୍କୁ ଶୀଘ୍ର ମେଡିକାଲରେ ଭର୍ତ୍ତି କରିଥିଲେ। ସ୍କାନ୍‌ରୁ ଦେହ ଭିତ (ପ୍ଲୀହା)ରେ ରକ୍ତସ୍ରାବ ହେଉଥିବା ଜଣାଯାଇଥିଲା। ଏହା ଜଣାପଡ଼ିବା ପରେ ତାଙ୍କୁ ତୁରନ୍ତ ଆଇସିୟୁରେ ରଖାଯାଇଥିଲା। ତୃତୀୟ ଦିନିକିଆରେ ରୋହିତ ଶର୍ମା- ବିରାଟ କୋହଲିଙ୍କ ଶ୍ରେଷ୍ଠ ପ୍ରଦର୍ଶନ ବଳରେ ଭାରତ ଏହି ମ୍ୟାଚ୍‌କୁ ସହଜରେ ଜିତିନେଇଥିଲା। ଏହା ପରେ ଭାରତୀୟ ଦଳ ବୁଧବାର ଟି-୨୦ ମ୍ୟାଚ୍ ଖେଳିବାକୁ କାନବେରା ଯାଇଛନ୍ତି। କିନ୍ତୁ ଆୟର ମେଡିକାଲରେ ଅଛନ୍ତି। ସେ କେବଳ ଦିନିକିଆ ଫର୍ମାଟ ଲାଗି ମନୋନୀତ ହେଉଥିବାରୁ ଦକ୍ଷିଣ ଆଫ୍ରିକା ସିରିଜ୍ ତାଙ୍କ ଲାଗି ପରବର୍ତ୍ତୀ ଟୁର୍ଣ୍ଣାମେଣ୍ଟ ହେବ। ରାଞ୍ଚିରେ ନଭେମ୍ବର ୩୦ରୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। କିନ୍ତୁ ଏହି ସିରିଜ୍‌ରେ ତାଙ୍କର ଖେଳିବା ଆଶା କମ୍ ବୋଲି କୁହାଯାଉଛି।

**ଦିନକ ପରେ ଟି-୨୦ ସିରିଜ୍**

## ସୂର୍ଯ୍ୟକୁମାରଙ୍କ ଫର୍ମକୁ ନେଇ ଚିନ୍ତିତ ନୁହନ୍ତି ଗମ୍ଭୀର

କାନବେରା,୨୭।୧୦(ଏଜେନ୍ସି): ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାକୁ ଭାରତୀୟ କ୍ରିକେଟ ଦଳ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ପ୍ରସ୍ତୁତି ଆରମ୍ଭ କରିଦେଇଛି। କାନବେରାରେ ବୁଧବାରଠାରୁ ଏହି ସିରିଜ୍ ଆରମ୍ଭ ହେବ। ଏଥିଲାଗି ଉଭୟ ଦଳ ପ୍ରସ୍ତୁତ ହେଉଥିଲା ବେଳେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫର୍ମରେ ନାହାନ୍ତି। ସେ ଖେଳିଥିବା ଗତ ୭ଟି ମ୍ୟାଚ୍‌ରେ ମାତ୍ର ୭୨ ରନ୍ କରିବାକୁ ସମର୍ଥ ହୋଇଛନ୍ତି। ଏଭଳି ସ୍ଥିତିରେ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ସହ ସେମାନଙ୍କ ଘରୋଇ ମାଟିରେ ଖେଳିବା ବିଶ୍ୱ ଚାମ୍ପିଅନ ଭାରତ ଲାଗି ଏକ ବଡ଼ ଚ୍ୟାଲେଞ୍ଜ ହୋଇ ଛିଡା ହୋଇଛି। କିନ୍ତୁ ଏହି ଚ୍ୟାଲେଞ୍ଜ କିମ୍ବା ସୂର୍ଯ୍ୟକୁମାରଙ୍କ ଫର୍ମକୁ ନେଇ ଆଦୌ ଚିନ୍ତିତ ନୁହଁନ୍ତି ଭାରତୀୟ ହେଡ୍ କୋଚ୍ ଗୌତମ ଗମ୍ଭୀର। ତାଙ୍କ ମତରେ ଭାରତ ଏବେ ଆକ୍ରମଣାତ୍ମକ



ବ୍ରାଣ୍ଡ (ଅଲଟ୍ରା ଆଗ୍ରେସିଭ୍)ର କ୍ରିକେଟ ଖେଳୁଛି। ଏହା ଆମ ଯୋଜନାରେ ରହିଛି। ଏଥିରେ ଜଣେ ବ୍ୟାଟର ଫେଲ ହେଲେ କିଛି ଫରକ ପଡ଼ିବ ନାହିଁ। ଯୁବ ଖେଳାଳି ଅଭିଷେକ ଶର୍ମା ଓ ତିଳକ ବର୍ମା ଭଲ ଫର୍ମରେ ଅଛନ୍ତି। ଦଳର ରଣନୀତି ଅନୁଯାୟୀ ସମସ୍ତେ ଖେଳୁଛନ୍ତି। ସୂର୍ଯ୍ୟଙ୍କ ନେତୃତ୍ୱରେ ଭାରତ ଏସିଆ କପ୍ ଚାମ୍ପିଅନ ହୋଇଛି। ଏଣୁ ଦଳର ସମସ୍ତ ଖେଳାଳି ଭଲ ପ୍ରଦର୍ଶନ କରିବାକୁ ବଦ୍ଧ ପରିକର ଅଛନ୍ତି। ଏଭଳି ସ୍ଥିତିରେ ସୂର୍ଯ୍ୟକୁମାରଙ୍କ ଫର୍ମ ହରାଇବା ଆମକୁ ଅଡୁଆ ସ୍ଥିତିରେ ପକାଇବ ନାହିଁ ବୋଲି ଗମ୍ଭୀର ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏପରି ଖେଳିବାବେଳେ ଗୋଟିଏ କିମ୍ବା ଦୁଇଟି ମ୍ୟାଚ୍‌ରେ ଜଣେ ଖେଳାଳି ଫେଲ୍ ମାରିଲେ, ତାହା କିଛି ପ୍ରଭାବ ପକାଇବ ନାହିଁ। ସୂର୍ଯ୍ୟ ଯଦି ୩୦ ବଲ୍‌ରେ ୪୦ ରନ୍ କରି ଆଉଟ ହୁଅନ୍ତି ଏବଂ ଭାରତ ପରାଜିତ ହୋଇଯାଏ, ତେବେ ତାହା ଦଳର ରଣନୀତି ବିଫଳ ହେଲା ବୋଲି କୁହାଯିବ। ଖେଳାଳିମାନେ ଯେପରି ସାହସିକ କ୍ରିକେଟ ଖେଳୁଛନ୍ତି ତାହା ବେଶ ଉତ୍ସାହଜନକ। ସୂର୍ଯ୍ୟ ରିଦିମକୁ ଫେରିବା ଲାଗି ଗୋଟିଏ ବଡ଼ ଇନିଂସର ଆବଶ୍ୟକତା ରହିଛି। ମୁଁ ଆଶା କରୁଛି ଅଷ୍ଟ୍ରେଲିଆରେ ସେ ଏପରି ଏକ ବଡ଼ ଇନିଂସ ଖେଳିବେ ବୋଲି ଗମ୍ଭୀର କହିଛନ୍ତି।



## ଆହତ ଲାଗି ୨୦୨୫ରେ ଆଉ ଖେଳିବେନି ସିନ୍ଧୁ

ନୂଆଦିଲ୍ଲୀ, ୨୭ ।୧୦ (ଏଜେନ୍ସି): ଆଘାତଜନିତ ସମସ୍ୟା ଲାଗି ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ଚଳିତ ସିଜନର ବଳକା ଟୁର୍ଣ୍ଣାମେଣ୍ଟରୁ ଓହରିଯାଇଛନ୍ତି। ୟୁରୋପିଆନ୍ ଲେଗ୍ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଥିବାବେଳେ ସିନ୍ଧୁଙ୍କୁ ପାଦରେ ଆଘାତ ଲାଗିଥିଲା। ଡାକ୍ତରଙ୍କ ପରାମର୍ଶ ପରେ ୩୦ ବର୍ଷୀୟା ଏହି ତାରକା ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଚଳିତ ସିଜନରେ ଆଉ ନ ଖେଳିବା ଲାଗି ନିଷ୍ପତ୍ତି ନେଇଛନ୍ତି। ସିନ୍ଧୁଙ୍କ ପାଇଁ ଚଳିତ ବର୍ଷ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିଥିଲା। ଅଧିକାଂଶ ଟୁର୍ଣ୍ଣାମେଣ୍ଟରେ ସେ ପ୍ରଥମ କିମ୍ବା ଦ୍ୱିତୀୟ ରାଉଣ୍ଡରେ ହାରି ବିଦାୟ ନେଇଥିଲେ। ଗତବର୍ଷ ଡିସେମ୍ବରରେ ସିନ୍ଧୁ ସୟଦ ମୋଦି ଇଣ୍ଟରନ୍ୟାସନାଲ ସୁପର୍ ୩୦୦ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲେ। ଯାହାକି ତାଙ୍କର ଶେଷ ଅନ୍ତର୍ଜାତୀୟ ଟ୍ରଫି ଥିଲା।

**ରାଜ୍ୟ ପାରା ସନ୍ତରଣ ଉଦ୍‌ଯାପିତ**

## ମୋନାଲି, କବିତାଙ୍କୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୭।୧୦(ସମିସ): ଓଡ଼ିଶା ରାଜ୍ୟ ପାରା ସନ୍ତରଣ ଚାମ୍ପିଅନସିପ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ଆକ୍ୱାଟିକ୍ ସେଣ୍ଟର ପରିସରରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅକ୍ଟୋବର ୨୫ ଓ ୨୬ ତାରିଖ ଦୁଇଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ୧୪୦ ଜଣ ପାରାସନ୍ତରଣକାରୀ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରୁ ହାଇଦ୍ରାବାଦ୍‌ରେ ନଭେମ୍ବର ୧୫ରୁ ୧୮ ତାରିଖଯାଏ ହେବାକୁ ଥିବା ଜାତୀୟ ପାରାସନ୍ତରଣ



ଚାମ୍ପିଅନସିପ୍ ଲାଗି ଖେଳାଳି ଚୟନ କରାଯିବ। ପୁରୁଷ ବିଭାଗରେ ବଲାଙ୍ଗିରର ମୋହନ ମାଝୀ ଓ ନୂଆପଡ଼ାର ଆକାଶ ବନଛୋର ୩ଟି ଲେଖାଏଁ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେହିପରି ମହିଳା ବିଭାଗରେ କେନ୍ଦ୍ରାପଡ଼ାର ମୋନାଲି ସ୍ୱାଇଁ ଓ ଗଞ୍ଜାମର କବିତା ଦଳାଇ ହ୍ୟାଟ୍ରିକ୍ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଖେଳ ଶେଷରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓଏସ୍‌ଡି ସୋନାଲି ଚାନ୍ଦ ମୁଖ୍ୟ ଅତିଥି ଓ ଆୟୋଜକ ଓଡ଼ିଶା ପାରା ଆଥଲେଟିକ ଆସୋସିଏସନ ସଭାପତି କମଳାକାନ୍ତ ରଥ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

**ସବ୍‌ଜୁନିୟର ବାଳକ ଫୁଟବଲ**

## ପରାଜୟରୁ ଓଡ଼ିଶାର ଅଭିଯାନ ଆରମ୍ଭ

କଟକ,୨୭।୧୦(ସମିସ): ପଞ୍ଜାବ ଅମ୍ରିତସରର ମାଉଣ୍ଟ ଲିଟେରା ଜି ସ୍କୁଲ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ସବଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିଅନସିପ୍‌ର ପ୍ରଥମ ମ୍ୟାଚରେ ଓଡ଼ିଶାକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ମିଜୋରାମ ୧୩-୦ ଗୋଲରେ ଓଡ଼ିଶାକୁ ହରାଇଛି। ପ୍ରଥମାର୍ଦ୍ଧରେ ୬ଟି ଏବଂ ଦ୍ୱିତୀୟାର୍ଦ୍ଧରେ ୭ଟି ଗୋଲ ସ୍କୋର କରି ମିଜୋରାମ ସହଜ ବିଜୟ ହାସଲ କରିଥିଲା। ବିଜୟୀ ଦଳର ଏଲ ଜାସନ ୪ଟି, ଅଧିନାୟକ ଏଲ ବର୍ଣ୍ଣାଡ ୩ଟି ଗୋଲ ଦେଇଥିଲେ। ସତ୍ୟଜିତ ସିଂହଙ୍କ ନେତୃତ୍ୱରେ ଗଠିତ ଓଡ଼ିଶା ଦଳ ଆସନ୍ତା ୨୯ରେ ମଣିପୁର ବିପକ୍ଷରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।

## ଚାମ୍ପିଅନ ଟାଇଟନ୍ସକୁ ଦେଢ଼ଲକ୍ଷ ଟଙ୍କା ପୁରସ୍କାର

ଭୁବନେଶ୍ୱର,୨୭।୧୦(ସମିସ): ରାଜଧାନୀ ଉପକଣ୍ଠସ୍ଥ ଘାଟିକିଆ ହାଇସ୍କୁଲ ପଡ଼ିଆରେ ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ୍ ଟେନିସ ବଲ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଇଟନ୍ସ ଚାମ୍ପିଅନ ଓ ସିଡିଏ ଲାୟନ୍ସ ରନର୍ସ ଅପ୍ ହୋଇଛନ୍ତି। ଚାମ୍ପିଅନ ଦଳକୁ




ଦେଢ଼ (୧.୫) ଲକ୍ଷ ଟଙ୍କା ଓ ଟ୍ରଫି, ରନର୍ସ ଅପ୍ ଦଳକୁ ୮୦,୦୦୦ ଟଙ୍କା ଓ ଟ୍ରଫି ସହ ମୋଟ ୬ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ସୁଦେଷ୍ଣା ପଣ୍ଡା ମୁଖ୍ୟଅତିଥି, ଶ୍ରାବଣୀ ପ୍ରଧାନ, ରାଜୀବ ପଣ୍ଡା, ଦରିଦ୍ରନାରାୟଣ ନାୟକ ଓ ଜ୍ଞାନଚନ୍ଦ୍ର ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

**ଓଡ଼ିଶା ବିପକ୍ଷ ରଣଜୀ ଟ୍ରଫି**

# ଭଲ ସ୍ଥିତିରେ ଉତ୍ତରପ୍ରଦେଶ

କଟକ,୨୭।୧୦(ସମିସ)

କାନପୁର ଗ୍ରୀନପାର୍କ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫିର ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ଘରୋଇ ଉତ୍ତରପ୍ରଦେଶ ଦଳ ଭଲ ସ୍ଥିତିରେ ରହିଛି। ପ୍ରଥମ ପାଳିରେ ୧୩୭ ରନର ଅଗ୍ରଣୀ ହାସଲ କରି ସାରିଥିବା ଉତ୍ତରପ୍ରଦେଶ ହାତରେ ଆହୁରି ୪ଟି ୱିକେଟ ବାକି ରହିଛି। ମଙ୍ଗଳବାର ମ୍ୟାଚ୍‌ର ଅନ୍ତିମ ଦିବସ। ଏଣୁ ପରାଜୟ ଆଶାକୁ ଏଡାଇ ମ୍ୟାଚ୍ ଡ୍ର ରଖି ୧ ପଏଣ୍ଟ ହାତେଇବାକୁ ଓଡ଼ିଶା ଉଦ୍ୟମ କରିବ ବୋଲି ଅନୁମାନ କରାଯାଉଛି।

**କରନ, ଆରାଧ୍ୟଙ୍କ ଶତକ**

ଓଡ଼ିଶାର ପ୍ରଥମ ପାଳି ୨୪୩ରନ ଜବାବରେ ଉତ୍ତରପ୍ରଦେଶ ରବିବାର ସୁଦ୍ଧା ୩ ୱିକେଟ ବିନିମୟରେ ୨୬୨ରନ ସଂଗ୍ରହ କରିଥିଲା। ଅଧିନାୟକ କରନ ଶର୍ମା ୮୩ରନ ଏବଂ ଆରାଧ୍ୟ ଯାଦବ ୮୦ରନରେ ଅପରାଜିତ ରହିଥିଲେ। ଆଜି ଉଭୟ ଏଠାରେ ଶତକୀୟ ପାଳି ଖେଳି ଦଳ ପାଇଁ ୩ ପଏଣ୍ଟ ନିଶ୍ଚିତ କରିଥିଲେ। କରନ ୧୨୧ରନ କରିଥିବା ବେଳେ ସ୍ପିନର ବାଦଲ ବିଶ୍ୱାଳଙ୍କ ଶିକାର ହୋଇଥିଲେ। ଆରାଧ୍ୟ ୧୦୧ରନରେ ରିଟାୟର୍ଡ ହର୍ଟ ହୋଇ କ୍ରିଜ ଛାଡ଼ିଥିଲେ। ପ୍ରଶାନ୍ତ ବୀର ୬ରନ କରିଥିବା ବେଳେ ଦୁର୍ଭାଗ୍ୟବଶତଃ ରନଆଉଟ ହୋଇଥିଲେ। ୩ୟ ଦିବସର ଅନ୍ତିମ ବଲରେ ପ୍ରିୟମ ଗର୍ଗଙ୍କୁ ୩୧ରନରେ ସୁମିତ ଶର୍ମା ଆଉଟ କରି ଦଳ ପାଇଁ ୬ଷ୍ଠ ସଫଳତା ଦେଇଥିଲେ। ବିପରାଜ ନିଗମ ୧୪ରନରେ ଅପରାଜିତ ରହିଛନ୍ତି। ସମ୍ବିତ ବରାଳ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଛନ୍ତି। ସୁମିତ ଶର୍ମା ଏବଂ ବାଦଲ ବିଶ୍ୱାଳଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଛି। ତେବେ ଓଡ଼ିଶାର ପ୍ରମୁଖ ବୋଲରମାନେ ୱିକେଟ ହାସଲ ନକରି ପାରିବା ମହଙ୍ଗା ସାବ୍ୟସ୍ତ ହୋଇଛି। ରାଜେଶ ମହାନ୍ତି ୧୮ ଓଭର, ସୁନୀଲ ରାଉଳ ୧୪ଓଭର, ଗୋବିନ୍ଦ ପୋଦ୍ଦାର ୧୩ ଓଭର ବୋଲିଂ କରିବା ସତ୍ତ୍ୱେ କୌଣସି ସଫଳତା ପାଇ ନାହାନ୍ତି।

## ରଣଜୀ ଟ୍ରଫି: ୧୪୧ ବଲରେ ପୃଥ୍ୱୀଙ୍କ ଦ୍ୱିଶତକ




ଚଣ୍ଡିଗଡ଼, ୨୭ ।୧୦ (ଏଜେନ୍ସି): ଚଳିତ ରଣଜୀ ଟ୍ରଫିର ଦ୍ୱିତୀୟ ରାଉଣ୍ଡର ଏକ ମୁକାବିଲାରେ ମହାରାଷ୍ଟ୍ର ଓପନର୍ ପୃଥ୍ୱୀ ଶ' ବିସ୍ଫୋରକ ଦ୍ୱିଶତକୀୟ ପାଳି ଖେଳି ଚର୍ଚ୍ଚାକୁ ଆସିଛନ୍ତି। ଘରୋଇ ଚଣ୍ଡିଗଡ଼ ବିପକ୍ଷରେ ଚାଲିଥିବା ଏହି ମ୍ୟାଚର ଦ୍ୱିତୀୟ ପାଳିରେ ପୃଥ୍ୱୀ ୧୫୬ ବଲରେ ଅପରାଜିତ ୨୨୨ ରନ କରିଥିଲେ। ଯେଉଁଥିରେ ୨୯ ଚୌକା ଓ ୫ ଛକା ସାମିଲ ରହିଥିଲା। ପୃଥ୍ୱୀ ୧୪୧ ବଲରେ ନିଜର ଦ୍ୱିଶତକ ପୂରଣ କରିଥିଲେ। ଫଳରେ ଭାରତୀୟ ଭାବେ ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ସେ ତୃତୀୟ ଦ୍ରୁତତମ ଦ୍ୱିଶତକ ହାସଲ କରିଛନ୍ତି। ଭାରତୀୟ ଭାବେ ପ୍ରଥମଶ୍ରେଣୀ କ୍ରିକେଟରେ ଦ୍ରୁତତମ ଦ୍ୱିଶତକ ହାଇଦରାବାଦ୍ ଓପନର୍ ତନ୍ମୟ ଅଗ୍ରୱାଲଙ୍କ ନାମରେ ରହିଛି। ଗତବର୍ଷ ତନ୍ମୟ ଅରୁଣାଚଳ ପ୍ରଦେଶ ବିପକ୍ଷରେ ୧୧୯ ବଲରେ ଦ୍ୱିଶତକ ପୂରଣ କରିଥିଲେ। ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରବି ଶାସ୍ତ୍ରୀ ରହିଛନ୍ତି। ୧୯୮୫ରେ ବରୋଦା ବିପକ୍ଷ ମ୍ୟାଚରେ ମୁମ୍ବଇ ତାରକା ଶାସ୍ତ୍ରୀ ୧୨୩ ବଲରେ ଦ୍ୱିଶତକ ମାରିଥିଲେ।

## ଭୁବନେଶ୍ୱର-ବି'କୁ ଜିତାଇଲେ ମୃତ୍ୟୁଞ୍ଜୟ

କଟକ,୨୭।୧୦(ସମିସ): ୧୬ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ କଟକ ଓ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯାଉଛି। ଆଜି ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର-ବି ୮ ୱିକେଟରେ ସମ୍ବଲପୁର-ବିକୁ ପରାସ୍ତ କରିଛି। ଦଳର ପ୍ରମୁଖ ଅଲରାଉଣ୍ଡର



ମୃତ୍ୟୁଞ୍ଜୟ ରାୟ ଲେଗ୍‌ବ୍ରେକ୍ ସ୍ପିନ ଯାଦୁରେ ସମ୍ବଲପୁରର ୪ଟି ୱିକେଟ ଦଖଲ କରିଥିଲେ। ୨୨ରନ ବିନିମୟରେ ମୃତ୍ୟୁଞ୍ଜୟଙ୍କୁ ଏହି ସଫଳତା ମିଳିଥିଲା। ସମ୍ବଲପୁର-ବିର ଇନିଂସ୍ ମାତ୍ର ୬୬ରନରେ ସୀମିତ ରହିବା ପରେ ଦୁଇ ୱିକେଟ ହରାଇ ଭୁବନେଶ୍ୱର-ବି ବିଜୟୀ ହୋଇଥିଲା। ମୃତ୍ୟୁଞ୍ଜୟ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

**ସିକେ ନାଇଡୁ ଟ୍ରଫି**

## ବଡ଼ ଅଗ୍ରଣୀ ଲକ୍ଷ୍ୟରେ ଓଡ଼ିଶା

କଟକ,୨୭।୧୦(ସମିସ): ୨୩ ବର୍ଷରୁ କମ୍ ପୁରୁଷ ସିକେ ନାଇଡୁ ଟ୍ରଫିର ଆସାମ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଇନିଂସ୍ ଅଗ୍ରଣୀର ନିକଟତର ହୋଇଛି। ଆସାମର ପାଳିକୁ ୨୧୬ ରନରେ ସୀମିତ ରଖିବା ପରେ ଘରୋଇ ଓଡ଼ିଶା ଦଳ ୩ ୱିକେଟ ବିନିମୟରେ ୧୬୯ରନ ସଂଗ୍ରହ କରିଛି। ଓପନର ଓମ ଟି ମୁଣ୍ଡେ ୮୪ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଭୁବନେଶ୍ୱର କିଟ୍ ଷ୍ଟାଡିୟମରେ ଖେଳାଯାଉଥିବା



ଏହି ମ୍ୟାଚ୍‌ରେ ଓଡ଼ିଶା ବିଜୟ ପଏଣ୍ଟ ହାତେଇବା ଲକ୍ଷ୍ୟରେ ରହିଛି। ଅସମାପ୍ତ ପ୍ରଥମ ପାଳି ୨୦୦/୯ରୁ ଆଜି ଆସାମ ବ୍ୟାଟିଂ ଆରମ୍ଭ କରିଥିଲା। ୯୪ରନରେ ଅପରାଜିତ ଥିବା ରାଜବୀର ସିଂହ ୧୦୫ରନ କରି ଆୟୁଷ ବାରିକଙ୍କ ୩ୟ ଶିକାର ପାଲଟିଥିଲେ। ଆସାମର ଇନିଂସ୍ ୨୧୬ରନରେ ପରିସମାପ୍ତି ଘଟିଥିଲା। ଓଡ଼ିଶା ପକ୍ଷରୁ ରିତେଶ ପ୍ରିୟରଞ୍ଜନ ସର୍ବାଧିକ ୪ଟି ୱିକେଟ ଦଖଲ କରିଛନ୍ତି। ଓମ୍ ଏବଂ ପାନକଳ ଶଶାଙ୍କ ଓପନିଂ ଯୋଡ଼ିରେ ୧୦୩ରନର ଭାଗିଦାରୀ ସୃଷ୍ଟି କରିଥିଲେ। ଶଶାଙ୍କ ୪୮ରନ, ଓମ୍ ୮୪ରନରେ ଏବଂ ଶ୍ରେୟାଂଶ ଭରଦ୍ୱାଜ ୧ରନରେ ଆଉଟ ହୋଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS